# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୪/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 4/2021 | ★★★★★★

୪୭ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ୱିମ୍ବଲଡନ ଚତୁର୍ଥ ରାଉଣ୍ଡରେ କର୍ବର

ଜର୍ମାନୀର ଆଞ୍ଜେଲିକ୍ କର୍ବର ୱିମ୍ବଲଡନ ମହିଳା ସିଙ୍ଗଲ୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୨

୧୦

## ନାୟିକାରୁ ପ୍ରଯୋଜିକା ଆଲିଆ

ଫିଲ୍ମ ଡାର୍ଲିଂସ୍ ଜରିଆରେ ପ୍ରଯୋଜିକା ଭାବେ ଡେବ୍ୟୁ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ।






ପଞ୍ଜାବରେ ବିଦ୍ୟୁତ୍‌କାଟ୍ ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ମୋହାଲିସ୍ଥିତ ବାସଭବନ ଘେରାଉ ବେଳେ ପୋଲିସର ଲାଠିମାଡ଼ ଓ ପାଣିବର୍ଷା।

# ରବିଧାନ କିଣା ବନ୍ଦ

**ଭୁବନେଶ୍ୱର,୩ା୭(ବ୍ୟୁରୋ)**

**ଚଳିତ ବର୍ଷ ୯୧% କ୍ରୟ ହୋଇଛି**

ରାଜ୍ୟରେ ଆଉ ରବି ଧାନ ସଂଗ୍ରହ ହେବ ନାହିଁ। କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟ ଶେଷହୋଇ ଯାଇଥିବାରୁ ଧାନ କିଣା ବନ୍ଦ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ଏହା କହିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ୯୧ ପ୍ରତିଶତ ଧାନ କ୍ରୟ କରିଛନ୍ତି। ଗତ ବର୍ଷ ଧାନ କିଣା ୮୩ ପ୍ରତିଶତ ଥିଲା। ରାଜ୍ୟରେ ବହୁ ଚାଷୀ ଧାନ ବିକ୍ରି କରିପାରି ନ ଥିବା ବେଳେ ସରକାରଙ୍କ ଧାନ କିଣା ବନ୍ଦକୁ ନେଇ ରାଜ୍ୟ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଧାନ ଉଠାଯାଉ ନ ଥିବା ନେଇ ଭାଜପା କରିଥିବା ଅଭିଯୋଗ ଉପରେ ମନ୍ତବ୍ୟ ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜନୈତିକ ବାଧବାଧକତା ପାଇଁ ରାଜ୍ୟ ଭାଜପା ନେତାମାନେ ଏଭଳି ଅଭିଯୋଗ ଆଣୁଛନ୍ତି। ଯଦି ଭାଜପା ନେତାମାନଙ୍କର କୌଣସି ଅଭିଯୋଗ ଅଛି ତେବେ ସେମାନେ ଏ ନେଇ ଆଲୋଚନା କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି ଯେ ଚାଷୀମାନଙ୍କୁ ଦିଆଯାଇଥିବା ଟୋକନର ଅବଧି ୧୨ ଦିନ ବୋଲି ମନ୍ତ୍ରୀ ଜାଣିଛନ୍ତି କି । ଟୋକନ ଅବଧି ୩୦ ଦିନରୁ ୧୨ ଦିନକୁ କାହିଁକି ହ୍ରାସ କରାଯାଇଛି। ରାଜ୍ୟ ସରକାର ସମସ୍ତ ଧାନ ୧୨ ଦିନ ଭିତରେ ଚାଷୀଙ୍କଠାରୁ ନେଇପାରିବେ କି ବୋଲି ସେ କହିଛନ୍ତି। ଧାନ କିଣାରେ ଅନିୟମିତତା ନେଇ ଭାଜପା ପକ୍ଷରୁ ରାଜ୍ୟରେ ଜୁଲାଇ ୧ ଓ ୨ ତାରିଖରେ ଆନ୍ଦୋଳନ କରାଯାଇଥିଲା । ଚଳିତ ରବି ଋତୁରେ ମୋଟ ୧୪ ଲକ୍ଷ ୪୪ ☞ପୃଷ୍ଠା-୪

# ପୁଷ୍କର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୩ା୭**

**ଚାରିମାସରେ ତୃତୀୟ**

ଭାଜପା ବିଧାୟକ ପୁଷ୍କର ସିଂ ଧାମି ଉତ୍ତରାଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଶନିବାର ଡେରାଡୁନ୍‌ରେ ଭାଜପା ବିଧାୟକ ଦଳ ବୈଠକ ବସି ତାଙ୍କୁ ନେତା ନିର୍ବାଚନ କରାଯାଇଛି। ୪ ମାସ ମଧ୍ୟରେ ଧାମି ହେବେ ରାଜ୍ୟର ତୃତୀୟ ମୁଖ୍ୟମନ୍ତ୍ରୀ। ତିରଥ ସିଂ ରାୱତ ଧାର୍ଯ୍ୟ ସମୟ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବା ସମ୍ଭାବନା ନ ଥିବାରୁ ସେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୪୫ ବର୍ଷୀୟ ଧାମି ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲାବେଳେ କେବେ ମନ୍ତ୍ରୀ ହୋଇ ନାହାନ୍ତି। ସେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂ କୋଶିୟାରୀଙ୍କର ଓଏସ୍‌ଡି ଭାବେ କାର୍ଯ୍ୟ କରିଥିଲେ। ସେ ରବିବାର ଅପରାହ୍ନ ୫ଟାରେ ଶପଥ ଗ୍ରହଣ କରିବେ ବୋଲି ରାଜଭବନ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ପୁଷ୍କର ସିଂ ଧାମି

**ଆଜିର ସମ୍ପାଦକୀୟ**

**କିଛି ଦେଖି ପାରୁନାହୁଁ**

# ଫ୍ରାନ୍ସରେ ରାଫାଲ ତନାଘନା

- ଚୁକ୍ତିନାମାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ
- ଜେପିସି ତଦନ୍ତ ପାଇଁ କଂଗ୍ରେସର ଦାବି



ଫ୍ରାନ୍ସଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଭାରତ ପକ୍ଷରୁ ସ୍ୱାକ୍ଷରିତ ୫୯ ହଜାର କୋଟି ଟଙ୍କାର ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ ବୋଲି ପ୍ରଥମେ ୨୦୧୮ ଡିସେମ୍ବର ୧୪ରେ ଓ ପରେ ୨୦୧୯ ନଭେମ୍ବର ୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ରାଫାଲ ଦୁର୍ନୀତି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବାରେ ଲାଗିଥିବାବେଳେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ମୋଦି ସରକାରଙ୍କୁ ଦୁଇ ଦୁଇ ଥର କ୍ଲିନ୍‌ଚିଟ୍ ଦେଇଥିଲେ। ଦେଶର ସର୍ବୋଚ୍ଚ ଅଦାଲତଙ୍କ ରାୟ କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ଆଶ୍ୱସ୍ତ କରିଥିଲା। ଏହାସହ ରାଫାଲ ପ୍ରସଙ୍ଗକୁ ନେଇ ଚାଲିଥିବା ଦୀର୍ଘ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଗୈରିକ ଦଳ ଧରିନେଇଥିଲା। କିନ୍ତୁ ଏହାର ଠିକ୍ ୨୦ ମାସ ପରେ ଫ୍ରାନ୍ସ ଏହି ମାମଲାର ଖୋଳତାଡ଼ ଆରମ୍ଭ କରିଛି। ଫଳରେ ଭାରତର ଜାତୀୟ ରାଜନୀତିରେ ଅଦିନିଆ ଝଡ଼ ସୃଷ୍ଟି ହୋଇଛି। ଆସନ୍ତା ମାର୍ଚ୍ଚ ଆଡ଼କୁ ହେବାକୁ ଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ସମୟରେ ଫ୍ରାନ୍ସର ଏହି ପଦକ୍ଷେପ ବିରୋଧୀଙ୍କ ପାଇଁ ବ୍ରହ୍ମାସ୍ତ୍ର ହେବ ବୋଲି କୁହାଯାଉଛି।

**ନୂଆଦିଲ୍ଲୀ, ୩ା୭**

ଫ୍ରାନ୍ସର ଡାସଲ୍ଟ ଆଭିଏଶନ କମ୍ପାନୀଠାରୁ ଭାରତ ୫୯,୦୦୦ କୋଟି ଟଙ୍କାରେ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ନେଇ କରିଥିବା ଚୁକ୍ତିନାମାରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ହୋଇଆସୁଛି। ଫ୍ରାନ୍ସ ସରକାର ଏହି ଦୁର୍ନୀତି ଅଭିଯୋଗର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ କରିଥିବା ସେଠାର ୱେବ୍‌ସାଇଟ ମିଡିଆପାର୍ଟରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ପୁଣିଥରେ ଏହି ଚୁକ୍ତିନାମାକୁ ନେଇ ବିବାଦ ତେଜିଛି।

ରାଫାଲ ଲଢୁଆ ବିମାନ କିଣିବା ପାଇଁ ଭାରତ ୨୦୧୬ରେ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ବିରୋଧୀ ଦଳ କଂଗ୍ରେସ ଅଭିଯୋଗ କରିଆସୁଛି। ଏନେଇ ଫ୍ରାନ୍ସର ଏକ ଏନ୍‌ଜିଓ ଶେର୍ପା ପକ୍ଷରୁ ଅଭିଯୋଗ ଦାଏର କରାଯାଇଥିବା ବେଳେ ଗତ ଏପ୍ରିଲରେ ମିଡିଆପାର୍ଟ ଚୁକ୍ତିନାମାରେ ହୋଇଥିବା ଅନିୟମିତତା ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିଲା। ଫଳରେ ରାଫାଲ ଡିଲ୍‌ର ତଦନ୍ତ ପାଇଁ ଫ୍ରାନ୍ସର ଜାତୀୟ ଫାଇନାନ୍ସିଆଲ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ (ପିଏନ୍‌ଏଫ୍) ନିର୍ଦ୍ଦେଶ ଦେଇଥିଲା। ଏହି ବିବାଦୀୟ ଚୁକ୍ତିନାମାର ଆନୁଷ୍ଠାନିକ ତଦନ୍ତ ଜୁନ୍ ୧୪ରୁ ଆରମ୍ଭ ହୋଇଥିବା ମିଡିଆପାର୍ଟ ରିପୋର୍ଟରେ କୁହାଯାଇଛି। ଏହି ଅତି ସମ୍ବେଦନଶୀଳ ପ୍ରସଙ୍ଗର ତଦନ୍ତ ପାଇଁ ଫ୍ରାନ୍ସ ସରକାର ଜଣେ ବିଚାରପତିଙ୍କୁ ନିଯୁକ୍ତ କରିଛନ୍ତି।

ମିଡିଆପାର୍ଟର ଖବରଦାତା ୟାନ୍ ଫିଲିପିନ୍ ରାଫାଲ ଡିଲ୍‌କୁ ନେଇ ଅନେକ ରିପୋର୍ଟ ପ୍ରକାଶ କରିଥିଲେ। ୨୦୧୯ରେ ତାଙ୍କର ପ୍ରଥମ ଅଭିଯୋଗକୁ ପୂର୍ବତନ ପିଏନ୍‌ଏଫ୍ ମୁଖ୍ୟ ଚାପି ଦେଇଥିଲେ ବୋଲି ୟାନ୍ କହିଛନ୍ତି। ଦେଶର ଦୁର୍ନୀତି ନିବାରଣ ସଂସ୍ଥା ତଦନ୍ତରୁ ଡାସଲ୍ଟ ଆଭିଏଶନ ଭାରତୀୟ ମଧ୍ୟସ୍ଥଙ୍କୁ ୧ ନିୟୁତ ୟୁରୋ ଉତ୍କୋଚ ଦେଇଥିବା ☞ପୃଷ୍ଠା-୪



ସିରିଶା ବାନ୍ଦଲା

# ମହାକାଶ ଯିବେ ସିରିଶା

**ୱାଶିଂଟନ୍, ୩ା୭**

ଆସନ୍ତା ୧୧ ତାରିଖରେ ଭର୍ଜିନ ଗାଲେକ୍ଟିକ୍‌ର ସ୍ପେସ୍ ଯାନରେ ଅରବପତି ରିଚାର୍ଡ ବ୍ରାନସନ୍‌ଙ୍କ ସହ ଭାରତୀୟ-ଆମେରିକୀୟ ସିରିଶା ବାନ୍ଦଲା ମହାକାଶ ଯିବେ। ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ଜନ୍ମିତ ୩୪ ବର୍ଷୀୟା ସିରିଶା ରିଚାର୍ଡଙ୍କ ସହ ଯାତ୍ରା କରୁଥିବା ୫ ମହାକାଶଯାତ୍ରୀଙ୍କ ମଧ୍ୟରୁ ଜଣେ। ଏରୋନଟିକାଲ ଇଞ୍ଜିନିୟରିଂ ଏବଂ ଏମ୍‌ବିଏ ଡିଗ୍ରୀଧାରୀ ସିରିଶା ଏବେ ଏହି କମ୍ପାନୀର ଗଭର୍ନମେଣ୍ଟ ଆଫାୟର୍ସ ଆଣ୍ଡ ରିସର୍ଚ୍ଚ ଅପରେଶନର ଉପାଧ୍ୟକ୍ଷ ଅଛନ୍ତି। ପୂର୍ବରୁ ଟେକ୍ସାସରେ ସେ ଏରୋ ସ୍ପେସ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଛନ୍ତି। ସିରିଶା ମହାକାଶ ଯିବା ଖବର ଆସିବା ପରେ ଆନ୍ଧ୍ରପ୍ରଦେଶ ସମେତ ସମଗ୍ର ଭାରତରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କଳ୍ପନା ଚାୱଲା ଏବଂ ସୁନିତା ୱିଲିୟମ୍ସଙ୍କ ପରେ ମହାକାଶ ଯାତ୍ରା କରିବାରେ ସିରିଶା ତୃତୀୟ ଭାରତୀୟ ବଂଶୋଦ୍ଭବ ହେବେ। ୨୦୧୫ରେ ସିରିଶା ଭର୍ଜିନ ଗାଲାକ୍ଟିକ୍‌ରେ ଗଭର୍ନମେଣ୍ଟ ଆଫାୟର୍ସରେ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ଏହାପରଠାରୁ ତାଙ୍କ ପଦୋନ୍ନତି ହୋଇଆସିଛି। ନିକଟରେ ୭୪୭ ପ୍ଲେନ ଦ୍ୱାରା ମହାକାଶକୁ କୃତ୍ରିମ ଉପଗ୍ରହ ପ୍ରେରଣ କରିଥିବା ଭର୍ଜିନ ଅରବିଟ୍‌ର ୱାଶିଂଟନ୍ ☞ପୃଷ୍ଠା-୪


HCL TECHNOLOGIES

ପ୍ରଶିକ୍ଷଣ?
ଇଣ୍ଟର୍ଣ୍ଣସିପ୍?
ଷ୍ଟାଇପେଣ୍ଡ?
ନିଯୁକ୍ତି?
ସ୍ନାତକ?

ଦ୍ୱାଦଶ ଶ୍ରେଣୀ ପରେ ତୁରନ୍ତ HCL Technologies ସହିତ ଏକ ଟେକ୍ନିକାଲ୍ କ୍ୟାରିୟର୍ ଆରମ୍ଭ କରନ୍ତୁ ଏହା ସହିତ ଅନ୍ୟାନ୍ୟ ସୁବିଧା ପାଆନ୍ତୁ।



ଯୋଗ୍ୟତା

ଜଣେ ଭାରତୀୟ ନାଗରିକ ଯେ କି ସଫଳତା ସହ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ମ୍ୟାଥମେଟିକ୍ସ/ବିଜନେସ୍ ମ୍ୟାଥମେଟିକ୍ସ ସହିତ 2020/2021ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ଯେଉଁମାନେ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପାଇଁ ଅପେକ୍ଷା କରୁଛନ୍ତି ସେମାନେ ଆବେଦନ କରିପାରିବେ। କାର୍ଯ୍ୟଭୂମିକାଗୁଡ଼ିକ ଅନ୍ତର୍ଭୁକ୍ତ Software Developer, Analyst, Design Engineer, Data Engineer, Support & Process Associate

ପ୍ରୋଗ୍ରାମର ବିଶେଷତ୍ୱଗୁଡ଼ିକ

- TechBee program ରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ତାଲିମ୍ ପରେ HCLରେ ଫୁଲ୍ ଟାଇମ୍ ଜବ୍ ପୋଷ୍ଟରେ ନିଯୁକ୍ତି ଦିଆଯିବ।
- ଏହି ପ୍ରୋଗ୍ରାମ୍ ଶ୍ରେଣୀଗୃହ ତାଲିମ୍ ଏବଂ 10,000 ଟଙ୍କାର ଷ୍ଟାଇପେଣ୍ଡ ସହିତ ଇଣ୍ଟର୍ଣ୍ଣସିପ୍‌କୁ ନେଇ ଗଠିତ।
- ଏହା ପରେ ପରେ ପ୍ରାର୍ଥୀ ମଧ୍ୟ ଜବ୍ ରୋଲ୍ ଉପରେ ନିର୍ଭର କରି ବାର୍ଷିକ 1.7-2.2 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ଅର୍ଜନ କରିବା ଆରମ୍ଭ କରିବେ।
- ପ୍ରାର୍ଥୀମାନେ ମଧ୍ୟ HCL Technologiesରେ କାମ କରିବା ସମୟରେ BITS Pilani ଏବଂ SASTRA University ଦ୍ୱାରା ଅଫର୍ କରାଯାଉଥିବା ଗ୍ରାଜୁଏସନ୍* ପ୍ରୋଗ୍ରାମ୍ କରିପାରିବେ।

ଆଜିହିଁ ରେଜିଷ୍ଟର କରନ୍ତୁ ଏବଂ ଆପଣଙ୍କ ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ। ସୀମିତ ସିଟ୍ ଉପଲବ୍ଧ ରହିଛି।

TECH BEE EARLY CAREER PROGRAM

How to Apply?
Register at bit.ly/Techbee_2021
or give a missed call on 8448 386 395
or Email us support-techbee@hcl.com

ସ୍କାନ କରନ୍ତୁ

*Educational fee partially funded by HCL.

ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଆବେଦନ କରିବା ପୂର୍ବରୁ ୱେବସାଇଟରେ ପୁଙ୍ଖାନୁପୁଙ୍ଖ ଯୋଗ୍ୟତା ମାନଦଣ୍ଡ ଯେପରିକି ଉତ୍ତୀର୍ଣ୍ଣ ହେବାର ବର୍ଷ, % ନମ୍ବର ଇତ୍ୟାଦି ଭଲ ଭାବରେ ପଢ଼ନ୍ତୁ।

$10.17 BILLION REVENUE | 168,000+ EMPLOYEES | 50 COUNTRIES

Disclaimer: HCL Technologies does not have any partners/ vendors for training & recruitment. Candidates are advised to contact only the HCL Technologies office for any queries.

### ଅନ୍ତିମ ପର୍ଯ୍ୟାୟରେ ଗ୍ରିଭାନ୍ସ ଅଫିସର ନିଯୁକ୍ତି ପ୍ରକ୍ରିୟା

ଜଣେ ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ ଶୁଣାଣି ବା ଗ୍ରିଭାନ୍ସ ଅଫିସର ନିଯୁକ୍ତି ଦେବା ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ଅଛି ବୋଲି ଦିଲ୍ଲୀ ହାଇକୋର୍ଟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍ସଆପଥ ଶନିବାର ଏକ ସତ୍ୟପାଠ ଦାଖଲ କରି ଜଣାଇଛି। କେନ୍ଦ୍ର ସରକାରଙ୍କ ନୂଆ ଆଇଟି ନିୟମ ଅନୁଯାୟୀ ଖୁବଶୀଘ୍ର ଜଣେ ସ୍ଥାୟୀ ଗ୍ରିଭାନ୍ସ ଅଧିକାରୀଙ୍କୁ ନିଯୁକ୍ତ କରାଯିବ ବୋଲି ହ୍ୱାଟ୍ସଆପ୍ କହିଛି।

## ସଂକ୍ଷେପରେ

### ୟୁପି: ୭୫ରୁ ୬୭ ଜିଲା ପରିଷଦ ହାତେଇଲା ଭାଜପା

**ନୂଆଦିଲ୍ଲୀ, ୩।୭:** ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସେଠାରେ ଶନିବାର ଅନୁଷ୍ଠିତ ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ମୋଟ ୭୫ ଜିଲା ପରିଷଦରୁ ଭାଜପା ଓ ଏହାର ସହଯୋଗୀ ଅପ୍ନା ଦଳ ୬୭ଟିରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ମାତ୍ର ୪ଟି ଜିଲା ପରିଷଦ ହାତେଇବାରେ ସକ୍ଷମ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟର ସୁଶାସନ ଉପରେ ଜନସାଧାରଣଙ୍କ ଆସ୍ଥା ଏହି ଫଳାଫଳରୁ ସ୍ପଷ୍ଟ ହୋଇଥିବା ସେ କହିଛନ୍ତି। ଜୁନ୍ ୨୯ରେ ୨୨ ଜିଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେଥିରୁ ୨୧ଟି ଭାଜପାକୁ ଯାଇଥିବାବେଳେ ସମାଜବାଦୀ ପାର୍ଟିକୁ ଗୋଟିଏ ଜିଲା ପରିଷଦ ମିଳିଥିଲା। ଶନିବାର ଅନୁଷ୍ଠିତ ନିର୍ବାଚନରେ ଲୋକଦଳକୁ ଗୋଟିଏ ଜିଲା ପରିଷଦ ମିଳିଥିବାବେଳେ ଜନସତ୍ତା ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏ ଜିଲା ପରିଷଦରେ ବିଜୟୀ ହୋଇଛନ୍ତି। ବିଏସ୍‌ପି ଏହି ନିର୍ବାଚନରେ ଭାଗ ନେଇ ନ ଥିଲା।

### ଦିଲ୍ଲୀରେ ଦିଆଯାଇଛି ୧୯ ହଜାର ମୃତ୍ୟୁ ପ୍ରମାଣପତ୍ର

#### ଗତବର୍ଷ ଜୁନ୍ ତୁଳନାରେ ଦୁଇଗୁଣ

**ନୂଆଦିଲ୍ଲୀ, ୩।୭:** କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ଅନେକ ଲୋକ ପ୍ରାଣ ହରାଇଥିବାବେଳେ ରାଜ୍ୟଗୁଡ଼ିକ ତଥ୍ୟ ଲୁଚାଉଥିବା ଅଭିଯୋଗ ହୋଇଆସୁଛି। ଗତ ଜୁନ୍‌ରେ ଦିଲ୍ଲୀର ୩ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ୧୯,୩୬୬ଟି ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ପାଖାପାଖି ୨ ଗୁଣ। ୨୦୨୦ ଜୁନ୍‌ରେ ୧୧,୬୪୨ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇଥିଲା। ଏପ୍ରିଲ, ମେ ଏବଂ ଜୁନ୍‌ରେ ଦିଲ୍ଲୀରେ ମୋଟ ୫୮,୮୩୯ ମୃତ୍ୟୁ ସାର୍ଟିଫିକେଟ ଇସ୍ୟୁ ହୋଇଛି। ଏଥିରେ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ୍ ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ ଅଞ୍ଚଳର ମୃତ୍ୟୁ ପ୍ରମାଣପତ୍ରକୁ ସାମିଲ କରାଯାଇନାହିଁ। ଗତ ଜୁନ୍‌ରେ ଉତ୍ତର ଦିଲ୍ଲୀ କର୍ପୋରେଶନ ୧୦,୭୧୫ ସାର୍ଟିଫିକେଟ ଇସ୍ୟୁ କରିଥିବାବେଳେ ଦକ୍ଷିଣ ଦିଲ୍ଲୀ କର୍ପୋରେଶନ ୬,୮୩୨ ଏବଂ ପୂର୍ବ ଦିଲ୍ଲୀ କର୍ପୋରେଶନ ୧,୮୧୯ ସାର୍ଟିଫିକେଟ ଦେଇଛି। ଗତ ମେ’ରେ ୨୯,୨୩୨ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ହୋଇଥିଲା। ଗତବର୍ଷ ମେ’ରେ ଏହି ସଂଖ୍ୟା ୫,୪୮୦ ଥିଲା। ସେହିପରି ଗତ ଏପ୍ରିଲରେ ୧୦,୨୪୧ ମୃତ୍ୟୁ ପ୍ରମାଣପତ୍ର ଜାରି ହୋଇଥିଲା ଯାହା ପୂର୍ବବର୍ଷ ଏହି ସମୟରେ ୪,୪୩୯ ଥିଲା। ଅର୍ଥାତ୍ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଉପରୋକ୍ତ ୩ ମାସରେ ୨.୭ ଗୁଣ ଅଧିକ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରାଯାଇଛି। ଏପ୍ରିଲ ଶେଷ ଭାଗ ଓ ମେ’ର କେତେକ ସପ୍ତାହରେ ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ଥିଲା। ସେତେବେଳେ ଦୈନିକ କରୋନା ମୃତକଙ୍କ ସଂଖ୍ୟା ୭୦୦ ଅତିକ୍ରମ କରିଥିଲା। ଜୁନ୍‌ରେ କୋଭିଡ୍ ମୃତ୍ୟୁସଂଖ୍ୟା ଯଥେଷ୍ଟ କମିଥିଲେ ହେଁ ପୂର୍ବ ମାସରୁ ହୋଇଥିବା ମୃତ୍ୟୁର ପ୍ରମାଣପତ୍ର ପାଇଁ ବିଳମ୍ବରେ ଆବେଦନ କରିବା ଓ ଯାଞ୍ଚ ଆଦି କାରଣରୁ ଜୁନ୍‌ରେ ଅଧିକ ସାର୍ଟିଫିକେଟ ଇସ୍ୟୁ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।



କିରଣ ରାଓ ଆମୀର ଖାନ୍

## ୧୫ ବର୍ଷ ପରେ ବିଚ୍ଛେଦ

୧୫ ବର୍ଷର ବୈବାହିକ ଜୀବନ ପରେ ଅଲଗା ହେବାକୁ ଯାଉଛନ୍ତି ବଲିଉଡ୍ ଅଭିନେତା ଆମୀର ଖାନ୍ ଏବଂ କିରଣ ରାଓ। ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେବେ ବୋଲି ଶନିବାର ଘୋଷଣା କରିଛନ୍ତି। ୨୦୦୫ରେ ଉଭୟଙ୍କ ବିବାହ ହୋଇଥିଲା। ଫିଲ୍ମ ‘ଲଗାନ’ର ଶୁଟିଂ ସେଟ୍‌ରେ ଆମୀର ଓ କିରଣଙ୍କ ଦେଖା ହୋଇଥିଲା। କିରଣ ଫିଲ୍ମର ସହନିର୍ଦ୍ଦେଶକ ଥିଲେ। ଉଭୟେ ଏକ ଯୁଗ୍ମ ବିବୃତିରେ କହିଛନ୍ତି, ‘୧୫ ବର୍ଷର ସମ୍ପର୍କ ଖୁସି, ବିଶ୍ୱାସ, ସମ୍ମାନ ଓ ଭଲ ପାଇବାରେ କଟିଛି। ଏବେ ଆମେ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛୁ। ସ୍ୱାମୀ-ସ୍ତ୍ରୀ ଭାବେ ନୁହେଁ ବରଂ ପୁଅ ଆଜାଦଙ୍କ ସହ-ମାତାପିତା ଭାବେ ଦାୟିତ୍ୱ ତୁଲାଇବୁ। ଉତ୍ସର୍ଗୀକୃତ ମାତାପିତା ଭାବେ ଆଜାଦ୍‌ଙ୍କ ଯତ୍ନ ନେବୁ ଏବଂ ଏକାଠି ଫିଲ୍ମରେ ମଧ୍ୟ କାମ କରିବୁ’। ଆମୀର ୧୯୮୬ରେ ରୀନା ଦତ୍ତଙ୍କୁ ବିବାହ କରିଥିଲେ। ଉଭୟଙ୍କ ଏକ ଝିଅ ଇରା ଖାନ୍ ଏବଂ ପୁଅ ଜୁନେଦ ରହିଛନ୍ତି। ୨୦୦୨ରେ ରୀନାଙ୍କୁ ସେ ଛାଡ଼ପତ୍ର ଦେଇଥିଲେ।

## ଟ୍ରମ୍ପ୍ ଟିମ୍‌ର ଗେଟର ଆପ୍



ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟରରୁ ବ୍ୟାନ୍ ହେବା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଟିମ୍ ଏହି ସୋସିଆଲ ମିଡିଆ ଷ୍ଟାଇଲର ଆପ୍ଲିକେଶନ ଆଣିଛନ୍ତି। ସାମାଜିକ ଗଣମାଧ୍ୟମ ପ୍ରତି ଟ୍ରମ୍ପ୍‌ଙ୍କ ଦୁର୍ବଳତାକୁ ଦୃଷ୍ଟିରେ ରଖି ତାଙ୍କ ପୂର୍ବତନ ପରାମର୍ଶଦାତା ଜେସନ୍ ମିଲର ଗେଟର (ଜିଇଟିଟିଆର୍) ଆପ୍‌ର ଶୁଭାରମ୍ଭ କରିଛନ୍ତି। ଗୁଗଲ ଏବଂ ଆପଲ୍ ଆପ୍ ଷ୍ଟୋରରେ ଗେଟର ନିଜକୁ ବିଶ୍ୱର ସମସ୍ତଙ୍କ ପାଇଁ ଅଣପକ୍ଷପାତ ସୋସିଆଲ ନେଟ୍‌ୱର୍କ ବୋଲି ଅଭିହିତ କରିଛି। ତେବେ ଟ୍ରମ୍ପ୍ ଏବେ ସୁଦ୍ଧା ଆକାଉଣ୍ଟ ଖୋଲି ନ ଥିବା ମିଲର କହିଛନ୍ତି।

# ୪ ମାସରେ ୩ ମୁଖ୍ୟମନ୍ତ୍ରୀ

### ଆଜି ଶପଥ ନେବେ ପୁଷ୍କର ସିଂ ଧାମି



**ଡେରାଡୁନ, ୩।୭**

ଉତ୍ତରାଖଣ୍ଡ ୪ ମାସ ମଧ୍ୟରେ ତୃତୀୟ ମୁଖ୍ୟମନ୍ତ୍ରୀ ଦେଖିବାକୁ ଯାଉଛି। ଭାଜପା ବିଧାୟକ ପୁଷ୍କର ସିଂ ଧାମି ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଶନିବାର ଭାଜପା ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରବିବାର ସେ ରାଜ୍ୟର ୧୧ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ।

୨୦୦୦ ନଭେମ୍ବର ୯ରେ ଉତ୍ତରପ୍ରଦେଶରୁ ଅଲଗା ହୋଇ ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟି ହୋଇଥିଲା। ଏହି ୨୧ ବର୍ଷ ମଧ୍ୟରେ ସେଠାରେ ୯ ଜଣ ମୁଖ୍ୟମନ୍ତ୍ରୀ ହେଲେଣି। ଗତ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ତିରଥ ସିଂ ରାୱତ ୪ ମାସରୁ କମ୍ ସମୟ ମଧ୍ୟରେ ଇସ୍ତଫା ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ଉତ୍ତରାଖଣ୍ଡରେ ସବୁଠୁ କମ୍ ଦିନ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ। ତିରଥ ବିଧାୟକ ନ ଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ସେପ୍ଟେମ୍ବର ୧୦ ସୁଦ୍ଧା ବିଧାନସଭାକୁ ନିର୍ବାଚିତ ହେବା ଆବଶ୍ୟକ ଥିଲା। ତେବେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ନିର୍ବାଚନ କମିଶନ ଉପନିର୍ବାଚନ ଘୋଷଣା କରିବା ନେଇ ଅନିଶ୍ଚିତତା ରହିଥିବାରୁ ତିରଥ ଇସ୍ତଫା ଦେଲେ ବୋଲି କୁହାଯାଉଛି। ତେବେ ତିରଥ କ୍ଷମତାରୁ ଯିବା ପଛରେ ଅନ୍ୟ କାରଣ ରହିଥିବା ଚର୍ଚ୍ଚା ହେଉଛି। ସେ କ୍ଷମତାକୁ ଆସିବା ପରେ ବିଭିନ୍ନ ବିବାଦର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ସମୟରେ ନିଜ ମନ୍ତବ୍ୟକୁ ନେଇ ସେ ବିବାଦୀୟ ହୋଇଯାଉଥିଲେ। ଚିରା ଜିନ୍ସ ପିନ୍ଧୁଥିବା ମହିଳା ସଂସ୍କାରୀ ନୁହନ୍ତି କହିବା, କୁମ୍ଭମେଳାରେ ଯୋଗଦେଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ଜରୁରୀ ନୁହେଁ ବୋଲି ଘୋଷଣା କରିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭଗବାନଙ୍କ ସହ ତୁଳନା କରିବା, ବ୍ରିଟେନ ନୁହେଁ ଆମେରିକା ଭାରତକୁ ୨୦୦ ବର୍ଷ ଶାସନ କରିଥିଲା ବୋଲି କହିବା ତାଙ୍କୁ ବିବାଦ ଘେରକୁ ନେଇଥିଲା। ଏହା ବ୍ୟତୀତ ତାଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବା ତ୍ରିଭେନ୍ଦ୍ର ସିଂ ରାୱତ୍ ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ତିରଥ ବଦଳାଇ କିମ୍ବା ସେଥିରେ ସଂଶୋଧନ ଆଣି ବିବାଦୀୟ ହୋଇଥିଲେ। ସେହିପରି ତ୍ରିଭେନ୍ଦ୍ରଙ୍କ ସମୟରେ ନିଯୁକ୍ତ ହୋଇଥିବା ୮୦ରୁ ଊର୍ଦ୍ଧ୍ୱ ମନ୍ତ୍ରୀ ର୍ୟାଙ୍କର ପଦାଧିକାରୀଙ୍କୁ ତିରଥ ବିଦା କରିଦେଇଥିଲେ। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଭାବମୂର୍ତ୍ତି ସୁଧାରିବା ଓ ଜାତି ଆଞ୍ଚଳିକ ସମୀକରଣରେ ସନ୍ତୁଳନ ଆଣିବା ଲାଗି ଭାଜପା କେନ୍ଦ୍ରୀୟ ନେତୃତ୍ୱ ତିରଥଙ୍କୁ ବିଦା କରିଥିବା କୁହାଯାଉଛି।

### ଓଏସ୍‌ଡିରୁ ଉତ୍ତରାଖଣ୍ଡ ମୁଖ୍ୟ

#### ଆର୍‌ଏସ୍‌ଏସ୍ ସହ ୩୩ ବର୍ଷ ରହିଥିଲେ

ପୁଷ୍କର ସିଂ ଧାମି ଉଧାମସିଂ ନଗର ଜିଲାର ଖାତିମା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ଦୁଇଥର ନିର୍ବାଚିତ ହୋଇଛନ୍ତି। ଏଥିସହିତ ସେ ଭାଜପା ରାଜ୍ୟ ଉପାଧ୍ୟକ୍ଷ ଅଛନ୍ତି। ୪୫ ବର୍ଷୀୟ ଏହି ନେତା ପୂର୍ବରୁ କେବେ ମନ୍ତ୍ରୀ ହୋଇ ନ ଥିବାବେଳେ ଏକାଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ୧୯୭୫ରେ ପିଥାରାଗଡ଼ ଜିଲାରେ ଜନ୍ମଗ୍ରହଣ କରିଥିବା ଧାମି ଜଣେ ଆଇନ ସ୍ନାତକ। ଦୀର୍ଘ ୩୩ ବର୍ଷ ଧରି ଆର୍‌ଏସ୍‌ଏସ୍ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକରେ କାର୍ଯ୍ୟ କରିଛନ୍ତି। ସେ ୧୦ ବର୍ଷ ଏବିଭିପି ସଦସ୍ୟ ରହିଥିଲାବେଳେ ଉତ୍ତରପ୍ରଦେଶର ଅଓ୍ୱଧ ପ୍ରାନ୍ତ ପାଇଁ କାର୍ଯ୍ୟ କରିଥିଲେ। ୨୦୦୨ରୁ ୨୦୦୮ ସେ ଉତ୍ତରାଖଣ୍ଡ ଭାଜପା ଯୁବମୋର୍ଚ୍ଚା ସଭାପତି ଥିଲେ। ୨୦୦୧ରୁ ୨୦୦୨ ସେ ତତ୍କାଳୀନ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭଗତ ସିଂ କୋଶିୟାରୀଙ୍କ ଓଏସ୍‌ଡି ନିଯୁକ୍ତ ହୋଇଥିଲେ। ଏଥିସହିତ ସେ ରାଜ୍ୟର ଅର୍ବାନ ମନିଟରିଂ କମିଟି ଉପାଧ୍ୟକ୍ଷ ରହିଥିଲେ।

ଧାମି ଠାକୁର ସମ୍ପ୍ରଦାୟର ହୋଇଥିବାରୁ ଭାଜପା ତାଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରି ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଜାତି ଓ ଆଞ୍ଚଳିକ ସମୀକରଣରେ ସନ୍ତୁଳନ ଆଣିବାକୁ ଉଦ୍ୟମ କରିଥିବା କୁହାଯାଉଛି। ଉତ୍ତରାଖଣ୍ଡ ଭୋଟ ତିନୋଟି ଫ୍ୟାକ୍ଟରକୁ ନେଇ ବିଭାଜିତ ହୋଇଥାଏ। ତାହା ହେଲା କୁମାଓନ୍ ବନାମ ଗଡ଼ୱାଲ ଅଞ୍ଚଳ, ଠାକୁର ବନାମ ବ୍ରାହ୍ମଣ ଏବଂ ପାର୍ବତ୍ୟାଞ୍ଚଳ ଓ ସମତଳ। ଭାଜପା ରାଜ୍ୟ ସଭାପତି ମଦନ କୌଶିକ ହରିଦ୍ୱାରର ବ୍ରାହ୍ମଣ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ ଠାକୁର ସମ୍ପ୍ରଦାୟର ଏବଂ ଗଡ଼ୱାଲ ଅଞ୍ଚଳର ଥିଲେ।

### ଡେଲ୍ଟା ବିରୋଧରେ ୬୫.୨% ଫଳପ୍ରଦ କୋଭାକ୍ସିନ

**ହାଇଦ୍ରାବାଦ, ୩।୭**

ଭାରତର ପ୍ରଥମ ସ୍ୱଦେଶୀ କୋଭିଡ୍ ଟିକା କୋଭାକ୍ସିନ୍ କରୋନା ଭୂତାଣୁ ବିରୋଧରେ ମୋଟାମୋଟି ଭାବେ ୭୭.୮ ପ୍ରତିଶତ ଫଳପ୍ରଦ ବୋଲି ଏହାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଫଳାଫଳରୁ ଜଣାପଡ଼ିଛି। ଏହି ଭାକ୍ସିନ୍ ଡେଲ୍ଟା (ବି.୧.୬୧୭.୨) ଭାରିଆଣ୍ଟ ବିରୋଧରେ ୬୫.୨ ପ୍ରତିଶତ ଫଳପ୍ରଦ ବୋଲି ଏହାର ଉତ୍ପାଦନକାରୀ ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟରେ ୨୫,୮୦୦ ଜଣଙ୍କଠାରେ ପରୀକ୍ଷା କରାଯାଇଥିଲା। କୋଭିଡ୍‌ର ଗୁରୁତର ଲକ୍ଷଣ କ୍ଷେତ୍ରରେ କୋଭାକ୍ସିନ ୯୩.୪ ପ୍ରତିଶତ ଫଳପ୍ରଦ ହୋଇଥିବାବେଳେ ଲକ୍ଷଣ ନ ଥିବା ମାମଲାରେ ୬୩.୬% ସୁରକ୍ଷା ଦେଇଥାଏ। କ୍ଲିନିକାଲ ପରୀକ୍ଷାରେ ଭାଗ ନେଇଥିବା ଲୋକଙ୍କ ମଧ୍ୟରୁ ୧୩୦ଟି ସଂକ୍ରମଣ ମାମଲାର ମୂଲ୍ୟାୟନ କରାଯାଇ ଟିକା ମୋଟାମୋଟି ଭାବେ ୭୭.୮ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ସିଦ୍ଧାନ୍ତରେ ଉପନୀତ ହୋଇଥିଲା। ୨୪ ଅଂଶଗ୍ରହଣକାରୀଙ୍କୁ କୋଭାକ୍ସିନ ଟିକା ଦିଆଯାଇଥିବାବେଳେ ୧୦୬ ଜଣ ପ୍ଲେସ୍‌ବୋ ସଟ୍ ନେଇଥିଲେ। ଟିକାର ସୁରକ୍ଷାକୁ ନେଇ କୌଣସି ସମସ୍ୟା ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ୨୫ଟି କେନ୍ଦ୍ରରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା କରାଯାଇଥିଲା।



ଲଣ୍ଡନର ୱିଣ୍ଡ୍‌ସରଠାରେ ଶନିବାର ଅନୁଷ୍ଠିତ ‘ରୟାଲ ୱିଣ୍ଡସର ହର୍ଷ ଶୋ’କୁ ରାଣୀ ଏଲିଜାବେଥ ଦେଖୁଛନ୍ତି।

### ୫ ଲକ୍ଷ ତଳେ ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୩।୭(ପି.ଟି.)**

ଭାରତରେ ଗୋଟିଏ ଦିନରେ ୪୪,୧୧୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୫,୦୨,୩୬୨ରେ ପହଞ୍ଚିଛି। ଶନିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ କୋଭିଡ୍ ୭୩୮ ଜୀବନ ନେଇଛି, ଯାହାକି ୮୬ ଦିନ ମଧ୍ୟରେ ସର୍ବନିମ୍ନ। ଏହାକୁ ମିଶାଇ ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୪,୦୧,୦୫୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୯୭ ଦିନ ପରେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୫ ଲକ୍ଷ ତଳକୁ ଖସିଛି। ଶନିବାର ସକ୍ରିୟ ମାମଲା ସଂଖ୍ୟା ୪,୯୫,୫୩୩ ରହିଛି। ଆରୋଗ୍ୟ ହାର ୯୭.୦୬ ପ୍ରତିଶତକୁ ବୃଦ୍ଧି ପାଇଛି। ଦୈନିକ ସଂକ୍ରମଣ ହାର ୨.୩୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୨.୫୦% ରହିଛି।

## ସମୁଦ୍ରରେ ନିଆଁ

ମେକ୍ସିକୋ ସିଟି, ୩।୭: ମେକ୍ସିକୋର ତୈଳ କମ୍ପାନୀ ପେମେକ୍ସ ପକ୍ଷରୁ ସମୁଦ୍ର ତଳେ ବିଛାଯାଇଥିବା ଗ୍ୟାସ୍ ପାଇପ୍‌ଲାଇନ ଲିକେଜ୍ ହେବା ଯୋଗୁ ମେକ୍ସିକୋ ଉପସାଗରରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ ସେଠାରେ ଆଗ୍ନେୟ ଉଦ୍‌ଗୀରଣର ଭ୍ରମ ସୃଷ୍ଟି ହୋଇଥିଲା। ସମୁଦ୍ର ଭିତରେ ନିଆଁ ଜଳୁଥିବା ଏବଂ କେତେକ ବୋଟ୍ ଏହାକୁ ଲିଭାଇବାକୁ ଉଦ୍ୟମ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଇବାକୁ ୫ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ମେକ୍ସିକୋ ଉପସାଗରଠାରୁ ମାତ୍ର କିଛି ଦୂରରେ ଥିବା କମ୍ପାନୀର ପ୍ରମୁଖ କାର୍ଯ୍ୟାଳୟ ‘କୁ ମାଲୋବ ଜାପ୍’ ପ୍ଲାଟ୍‌ଫର୍ମକୁ ସଂଯୋଗ କରୁଥିବା ପାଇପ୍‌ଲାଇନ୍‌ରେ ନିଆଁ ଲାଗିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।



### ‘ବାସହୀନଙ୍କୁ ସବୁ ମାଗଣା ଦେଇହେବ ନାହିଁ’

**ମୁମ୍ବାଇ, ୩।୭**

#### ଦେଶ ପାଇଁ ସମସ୍ତଙ୍କୁ କିଛି କରିବାର ଅଛି

ବାସହୀନ ଲୋକଙ୍କୁ ସବୁକିଛି ମାଗଣାରେ ସରକାର ଯୋଗାଇ ପାରିବେ ନାହିଁ। ସେମାନଙ୍କୁ ଦେଶ ପାଇଁ କିଛି କରିବା ସହ ନିଜର ଆବଶ୍ୟକତା ପୂରଣ କରିବାର ଅଛି। ବମ୍ବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୁମ୍ବାଇ ବ୍ରିହାନ ଅଞ୍ଚଳରେ ରହୁଥିବା ବାସହୀନ ଲୋକଙ୍କୁ ଦୈନିକ ପୁଷ୍ଟିକର ଖାଦ୍ୟ ଏବଂ ପାନୀୟ ଜଳ ଏପରିକି ଶୌଚାଳୟ ବ୍ୟବସ୍ଥା ଯୋଗାଇଦେବାକୁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମୁଖ୍ୟବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଜି.ଏସ୍. କୁଲ୍‌କର୍ନୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଯଦି କୌଣସି କାମ ନ କରି ବାସହୀନ ଲୋକଙ୍କୁ ସବୁ କିଛି ଯୋଗାଇ ଦିଆଯିବ ତେବେ ସେମାନଙ୍କ ସଂଖ୍ୟା ସମାଜରେ ବୃଦ୍ଧି ପାଇଯିବ ବୋଲି କହିଛନ୍ତି।

ଆଇନଜୀବୀ ବ୍ରଜେଶ ଆର୍ଯ୍ୟଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ସହରରେ କିଏ ବାସହୀନ, ସେମାନଙ୍କ ସଂଖ୍ୟା କେତେ, ସେମାନଙ୍କୁ କ’ଣ ସବୁ ସୁବିଧା ଦିଆଯିବା କଥା ଏବଂ କ’ଣ ଦିଆଯାଉ ନାହିଁ, ସେନେଇ ବିସ୍ତୃତ ବିବରଣୀ ଆବେଦନରେ ଉଲ୍ଲେଖ କରାଯାଇ ନାହିଁ। ଅପରପକ୍ଷରେ ସରକାର, ମହାନଗରନିଗମ କର୍ତ୍ତୃପକ୍ଷ ଏବଂ ଏନ୍‌ଜିଓ ମିଳିମିଶି ବାସହୀନ ଏବଂ ଗରିବଙ୍କୁ ଖାଦ୍ୟପୁଡ଼ିଆ, ମହିଳାଙ୍କୁ ସାନିଟାରି ନାପ୍‌କିନ ବଣ୍ଟନ କରୁଥିବା ଖଣ୍ଡପୀଠଙ୍କ ନିକଟରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ମହାମାରୀ ସମୟରେ ଲୋକଙ୍କୁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି।

# ଉତ୍ପୀଡ଼ନ କେନ୍ଦ୍ର ପାକିସ୍ତାନ ମଦ୍ରାସା

**ଇସ୍‌ଲାମାବାଦ, ୩।୭**



- ବଢୁଛି ଯୌନ ନିର୍ଯାତନା ତାଲିକା
- ମୌଲବୀଙ୍କ ନାଁରେ ଅଭିଯୋଗ ଆଣିଲେ ଛାତ୍ର

ପାକିସ୍ତାନରେ ଥିବା ମଦ୍ରାସାଗୁଡ଼ିକରେ ଦିନକୁ ଦିନ ଯୌନ ଶୋଷଣ ମାମଲା ବଢ଼ିବାରେ ଲାଗିଛି। ନିକଟରେ ଲାହୋରସ୍ଥିତ ଏକ ମଦ୍ରାସାରେ ସବୀର ଶାହା ନାମକ ଜଣେ ଛାତ୍ର ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ମୌଲବୀ ମୁଫ୍‌ତି ଅଜିଜ୍ ଉର୍ ରେହମାନଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା କଥା ସାମ୍ନାକୁ ଆଣିଥିଲେ। ଏବେ ଆଉ ଜଣେ ଛାତ୍ର ସମାନ ଅଭିଯୋଗ ଆଣିଛନ୍ତି। ଜଣେ ସିଆ ମୌଲବୀ ତାଙ୍କୁ ଯୌନ ଶୋଷଣ କରିଥିବା ଏକ ଭିଡିଓ ମାଧ୍ୟମରେ ଛାତ୍ର ଜଣକ କହିବା ପରେ ଏହା ଭାଇରାଲ ହେବାରେ ଲାଗିଛି। ପାକିସ୍ତାନରେ ଧାର୍ମିକ ନେତାଙ୍କ ମାତ୍ରାଧିକ ପ୍ରଭାବ ଯୋଗୁ ଅଧିକାଂଶ ଲୋକ ମୌଲବୀଙ୍କ ବିରୋଧରେ ମୁହଁ ଖୋଲୁ ନ ଥିବାରୁ ଏପରି ଆପରାଧିକ ମାମଲା ବଢ଼ିବାରେ ଲାଗିଛି। ଇସ୍‌ଲାମକୁ ବଦନାମ କରୁଥିବା ବ୍ୟକ୍ତିଙ୍କୁ ସର୍ବସାଧାରଣରେ ମୃତ୍ୟୁଦଣ୍ଡ ଦାବି କରୁଥିବା ଏହି ଧାର୍ମିକ ନେତାମାନେ ମଦ୍ରାସାରେ ଯୌନ ଉତ୍ପୀଡ଼ନ ଘଟଣାରେ ମୁହଁ ନ ଖୋଲିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏକ ମନ୍ତବ୍ୟରେ କହିଥିଲେ, ଛୋଟ ପୋଷାକ ପିନ୍ଧୁଥିବା ମହିଳାମାନେ ପୁରୁଷଙ୍କଠାରେ ଯୌନାକାଂକ୍ଷା ସୃଷ୍ଟି କରିଥାନ୍ତି। ଅଧିକାଂଶ ପାକିସ୍ତାନୀ ମଧ୍ୟ ସର୍ବସାଧାରଣରେ ମହିଳାଙ୍କ ଛୋଟ ପୋଷାକ ପରିଧାନକୁ ଅନୁମତି ଦେଇ ନ ଥାନ୍ତି। ଇସ୍‌ଲାମିକ ନୀତି ଏହାକୁ ଗ୍ରହଣ କରେନାହିଁ ବୋଲି ସେମାନଙ୍କ ମତ। ମଦ୍ରାସାରେ ଛାତ୍ରଙ୍କୁ ଯୌନ ଶୋଷଣ ଘଟଣା ପରେ ଏବେ ଦେଶର ଏହି ଧାର୍ମିକ ସ୍କୁଲ, ମୌଲବୀ ଓ ସେଠାକାର ପରିବେଶ ଉପରେ ପ୍ରଶ୍ନ ଉଠିଛି। ୨୦୧୭ରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ ୯ ବର୍ଷୀୟ ଛାତ୍ରଙ୍କୁ ଜଣେ ମୌଲବୀ ବଳାତ୍କାର କରିଥିଲେ। ୨୦୧୮ରେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅନ୍ୟ ଜଣେ ମୌଲବୀ ଗିରଫ ହୋଇଥିଲେ। ୨୦୧୯ରେ ଜଣେ ୧୩ ବର୍ଷୀୟା ଦିବ୍ୟାଙ୍ଗ ବାଳିକାଙ୍କୁ ଜଣେ ମୌଲବୀ ଯୌନ ଶୋଷଣ କରିବା ଘଟଣା ସାମ୍ନାକୁ ଆସିଥିଲା। ମଦ୍ରାସା ଭଳି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ମୌଲବୀଙ୍କ ପରି ଧାର୍ମିକ ନେତାମାନେ ନିଜ ଯୌନପିପାସା ମେଣ୍ଟାଇବାକୁ ବ୍ୟବହାର କରୁଥିବା ଅଭିଯୋଗ ଆସିଛି।

ଏକ ଆକଳନ ଅନୁସାରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପାକିସ୍ତାନରେ ଥିବା ପ୍ରାୟ ୩୬ ହଜାରରୁ ଅଧିକ ମଦ୍ରାସାରେ ଭର୍ତ୍ତି ହୋଇଛନ୍ତି। ସେଥିରୁ ଅଧିକାଂଶ ପିଲା ଗରିବ ଶ୍ରେଣୀର। ପିଲାମାନେ ମୁହଁ ଖୋଲିବା ସମ୍ଭାବନା କ୍ଷୀଣ ଥିବାରୁ ଏବଂ ସେମାନଙ୍କ କଥା ଖୁବ୍ କମ ସଂଖ୍ୟାରେ ଲୋକେ ବିଶ୍ୱାସ କରୁଥିବାରୁ ମଦ୍ରାସାରେ ଏଭଳି ଘଟଣାର ଘଟୁଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେହିପରି କୌଣସି ମୌଲବୀଙ୍କ ବିରୋଧରେ କେହି ଅଭିଯୋଗ ଆଣିଲେ ତାହାକୁ ଇସ୍‌ଲାମ ଧର୍ମ ଉପରେ ଆକ୍ରମଣ ବୋଲି ବିବେଚନା କରାଯାଉଥିବାରୁ ଅନେକେ ଏ ନେଇ ମୁହଁ ଖୋଲୁ ନ ଥିବା ଦେଖାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୪୦,୭୭,୧୪୧ | ୩୯,୮୩,୫୬୪ | ୧୬,୮୪,୫୫,୯୪୪ |
| ଭାରତ | ୩,୦୫,୪୪,୪୦୫ | ୪,୦୨,୦୧୨ | ୨,୯୬,୪୯,୮୦୭ |
| ଓଡ଼ିଶା | ୯,୧୯,୦୨୬ | ୪୧୫୪(+୫୩) | ୮,୮୭,୪୨୦ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଛାତରୁ ରଥଯାତ୍ରା ଦର୍ଶନ ମନା ଏଥର ସେବାୟତ ଟାଣିବେ ରଥ

**ପୁରୀ ଅଫିସ,୩।୭**

- ୧୧ତାରିଖ ରାତିରୁ ୧୪୪ଧାରା ଜାରି
- ୨ ଦିନ ଆଗରୁ ହୋଟେଲ, ଲଜ୍ ଖାଲି ହେବ
- ଯାନବାହନ, ରେଳ ଚଳାଚଳ ବନ୍ଦ ରହିବ

ପୁରୀରେ ରଥଯାତ୍ରା ପାଇଁ କଡ଼ା ନିୟମ କରାଯିବ ବୋଲି ନିଷ୍ପତ୍ତି ହୋଇଥିବାବେଳେ ଏବେ ସହରବାସୀଙ୍କ ପାଇଁ ମଧ୍ୟ ଏକ କଟକଣା ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତବର୍ଷ ପୁରୀବାସୀ ଛାତ ଉପରେ କିମ୍ବା ବାଲକୋନିରେ ଠିଆ ହୋଇ ରଥଯାତ୍ରା ଦେଖିପାରିବେ ନାହିଁ। ଏଥିସହ ପୁରା ସହରରେ ବଡ଼ଦାଣ୍ଡ ସଂଲଗ୍ନ ଗଳିକନ୍ଦି ଓ ଅଞ୍ଚଳରେ ୧୪୪ ଧାରା ବଳବତ୍ତର କରାଯିବ। ରଥଯାତ୍ରା ପୂର୍ବଦିନ(୧୧ତାରିଖ) ରାତିରୁ ଏହି କଟକଣା ଲାଗିବାକୁ ଥିବାବେଳେ ରଥଯାତ୍ରା ଶେଷ (୧୩ତାରିଖ ଅପରାହ୍ନ) ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ସମର୍ଥ ବର୍ମା ଶନିବାର ସ୍ପଷ୍ଟ କରିଛନ୍ତି।

ସେହିଭଳି ବଡ଼ଦାଣ୍ଡରେ ହୋଟେଲ୍ ଓ ଲଜ୍ ମିଶାଇ ୪୧ଟି ଓ ୨୩୦ଟି ଘର ରହିଛି। ଏଠାରେ ରହୁଥିବା ବ୍ୟକ୍ତିମାନେ ବାହାରକୁ ନ ବାହାରିବା ପାଇଁ ପ୍ରଶାସନ କଟକଣା ଜାରି କରିଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ମାଲିକମାନଙ୍କ ସହ ଆଲୋଚନା ହୋଇ ଛାତ କିମ୍ବା ବାଲକୋନିକୁ ନ ବାହାରିବା ପାଇଁ ଅପିଲ୍ କରାଯାଉଛି। ରଥଯାତ୍ରାର ୨ ଦିନ ପୂର୍ବରୁ ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍ ଓ ଯେକୌଣସି ପ୍ରକାରର ଆବାସସ୍ଥଳୀକୁ ଖାଲି କରିଦିଆଯିବ। ପୋଲିସ ପ୍ରଶାସନ ହୋଟେଲ ଯାଞ୍ଚ କରି ରହୁଥିବା ବ୍ୟକ୍ତିମାନଙ୍କୁ ବାହାର କରିବ। ତେବେ ବଡ଼ଦାଣ୍ଡକୁ ଛାଡ଼ି ସହରର ଅନ୍ୟ ସ୍ଥାନରେ ଥିବା ହୋଟେଲ୍‌ରେ ଲୋକେ ରହିପାରିବେ। କେବଳ ରଥଯାତ୍ରା ଦିନ ବାହାରକୁ ବାହାରିବାର ଅନୁମତି ମିଳିବ ନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ଖାଦ୍ୟପେୟ ଓ ପାନୀୟ ବ୍ୟବସ୍ଥା ହୋଟେଲ୍ ମଧ୍ୟରେ ହିଁ ହେବ। ବଡ଼ଦାଣ୍ଡରେ ଅନେକ ଅସୁରକ୍ଷିତ କୋଠା ମଧ୍ୟ ରହିଛି। ଏସବୁର ସର୍ଭେ ଚାଲିଛି ଓ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଆନୁଷଙ୍ଗିକ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷେ ପୁରୀ ସହରକୁ ଯାନବାହନ ପ୍ରବେଶ କରିପାରିବ ନାହିଁ। ସମସ୍ତ ଏଣ୍ଟ୍ରି ପଏଣ୍ଟକୁ ବନ୍ଦ କରାଯିବ। ରେଳ ଚଳାଚଳ ମଧ୍ୟ ବନ୍ଦ ରହିବ। ପୋଲିସ ପ୍ରଶାସନ ସୁରକ୍ଷା ବ୍ୟବସ୍ଥା ପାଇଁ ନକ୍ସା ପ୍ରସ୍ତୁତି ଜାରି ରଖିଛି। ପୁରୀ ସହରକୁ ୧୨ ଜୋନ୍‌ରେ ବିଭକ୍ତ କରାଯାଇ ପୋଲିସ ଫୋର୍ସ ମୁତୟନ କରାଯିବ। ବଡ଼ଦାଣ୍ଡରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ସମ୍ପୂର୍ଣ୍ଣ ଫୋକସ୍ ରହିବ ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ଜିଲାପାଳ ଓ ଏସପି ଉଭୟ ଇ-ଅଟୋ ମାଧ୍ୟମରେ ବଡ଼ଦାଣ୍ଡରେ ବୁଲି ସୁରକ୍ଷା ଓ ମୁତୟନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ବଡ଼ଦାଣ୍ଡରେ କେଉଁ କେଉଁ ସ୍ଥାନରୁ ବ୍ୟାରିକେଡିଂ କରାଯିବ, ସେବାୟତମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର କେଉଁଠାରେ ହେବ ସେନେଇ ସ୍ଥାନ ଚିହ୍ନଟ ହୋଇଛି। ରଥ ରହୁଥିବା କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସ୍ଥା ହେବ ଓ ସେବାୟତମାନଙ୍କ ବିଶ୍ରାମ ପାଇଁ ସ୍ୱତନ୍ତ୍ର ଶିବିର କେଉଁ ସ୍ଥାନରେ ହେବ ସେନେଇ ମଧ୍ୟ ସ୍ଥାନ ଚିହ୍ନଟ ହୋଇଛି। ଏସ୍‌ପି ଏ ନେଇ ଜିଲାପାଳଙ୍କୁ ବିସ୍ତୃତ ଧାରଣା ଦେବା ସହ କେଉଁ ସ୍ଥାନରେ କେଉଁ ବ୍ୟବସ୍ଥା କରାଯିବ ସେସବୁର ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଜିତେନ୍ଦ୍ର କୁମାର ଜେନା ମଧ୍ୟ ଘଟଣାସ୍ଥଳରେ ରହି ସହଯୋଗ କରିଛନ୍ତି।

**ପୁରୀ ଅଫିସ,୩।୭**



- ବଡ଼ଦାଣ୍ଡରେ ହେବ ଅସ୍ଥାୟୀ ବିଶ୍ରାମଗୃହ
- ୮ରେ ରଥ ପ୍ରସ୍ତୁତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ
- ସେବାୟତଙ୍କୁ ମୋବାଇଲ, କ୍ୟାମେରା ମନା
- ଗଣମାଧ୍ୟମ ପ୍ରତିନିଧିଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ

ଚଳିତବର୍ଷ ରଥଯାତ୍ରାରେ କେବଳ ସେବାୟତମାନେ ରଥ ଟାଣିବେ। ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ କର୍ମଚାରୀମାନେ ରଥଟଣାରେ ନିୟୋଜିତ ହେବେ ନାହିଁ। ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସମସ୍ତ ବ୍ୟକ୍ତିମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ଏଥିପାଇଁ ପାଖାପାଖି ୬ ହଜାର ଲିଟର ସାନିଟାଇଜର ବଣ୍ଟନ ହେବ। ମାସ୍କ ଓ ଗାମୁଛାର ମଧ୍ୟ ବ୍ୟବସ୍ଥା ହେଉଛି। ରଥଯାତ୍ରା ପାଇଁ ଛତିଶା ନିଯୋଗର ଚୂଡ଼ାନ୍ତ ଭର୍ଚୁଆଲ୍ ବୈଠକ ଶେଷ ହେବା ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.କ୍ରିଷନ୍ କୁମାର। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୮ତାରିଖରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସ୍ଥିତି ସମୀକ୍ଷା କରିବେ ବୋଲି ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ଜେନା କହିଛନ୍ତି।

ବୈଠକରେ କୁହାଯାଇଛି ଯେ, ଖରାର ପ୍ରକୋପ ବଢୁଥିବା ହେତୁ ରଥଯାତ୍ରାରେ ନିୟୋଜିତ ଥିବା ବ୍ୟକ୍ତିଙ୍କ ବସିବା ପାଇଁ ସିଂହଦ୍ୱାର ପଛପାର୍ଶ୍ୱରେ ଓ ଗୁଣ୍ଡିଚା ମନ୍ଦିର ପାଖରେ ଅସ୍ଥାୟୀ ବିଶ୍ରାମ ଗୃହ ରହିବ। ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଲୋକ ବସିବା ଭଳି ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ୨ଟି ଲେଖାଏ ଛୋଟ ବିଶ୍ରାମସ୍ଥଳୀ ପ୍ରସ୍ତୁତ ହେବ। ଜରୁରିକାଳୀନ ପରିସ୍ଥିତି ପାଇଁ ଡାକ୍ତରୀ ସୁବିଧା, ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ରଥ ପହଞ୍ଚିବା ପରେ ସେବାୟତମାନଙ୍କୁ ଘରେ ଛାଡ଼ିବା ପାଇଁ ୧୫ଟି ବଡ଼ ଗାଡ଼ି ଓ ୧୦ଟି ଛୋଟ ଗାଡ଼ିର ବ୍ୟବସ୍ଥା କରାଯିବ। ବଡ଼ଦାଣ୍ଡରେ ଭକ୍ତମାନଙ୍କ ପ୍ରବେଶ ନିଷେଧ ରହିଛି। ପୁରୀ ସହରବାସୀଙ୍କୁ ସହଯୋଗ ପାଇଁ ଅପିଲ କରାଯାଉଛି। ସେବାୟତମାନେ ସାଙ୍ଗରେ ମୋବାଇଲ କ୍ୟାମେରା ନେଇ ଯାଇପାରିବେ ନାହିଁ। ଫଟୋ ଉଠା ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ବିନା କ୍ୟାମେରା ଥିବା ଫୋନ୍‌କୁ ନେଇ ବିଚାରବିମର୍ଶ ଚାଲିଛି। ସର୍ବନିମ୍ନ ସେବାୟତ ରଥ ଉପରେ ବସିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ବିଗ୍ରହ ସାମ୍ନାରେ ସେବାୟତମାନେ ନ ବସିବା ପାଇଁ ସେବାୟତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଘରେ ରହି ଦର୍ଶନ କରୁଥିବା ଶ୍ରଦ୍ଧାଳୁମାନଙ୍କର କୌଣସି ଅସୁବିଧା ହେବ ନାହିଁ। ତେବେ କେତେ ସଂଖ୍ୟକ ସେବାୟତ ରଥଯାତ୍ରାରେ ନିୟୋଜିତ ହେବେ ସେନେଇ ସଂଖ୍ୟା କେତେ ହେବ ତାହା କହିହେବ ନାହିଁ, ମାତ୍ର ସର୍ବନିମ୍ନ ସଂଖ୍ୟାରେ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ପରିଚାଳନା ହେବ।

ଅନ୍ୟପକ୍ଷରେ ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିଛନ୍ତି, ପୂର୍ବ ବର୍ଷ ଯେଉଁଭଳି ଭାବେ ରଥଯାତ୍ରା ପରିଚାଳନା ହୋଇଥିଲା ଚଳିତବର୍ଷ ମଧ୍ୟ ସମାନ ଭାବେ କାର୍ଯ୍ୟକାରୀ ହେବ। କର୍ଫ୍ୟୁ ସମୟରେ କେବଳ ଜରୁରିକାଳୀନ ସେବା ଚାଲୁ ରହିବ। ସେହିଭଳି ଯେଉଁ ଗଣମାଧ୍ୟମ ପ୍ରତିନିଧିମାନେ ରଥଯାତ୍ରାରେ ଉପସ୍ଥିତ ରହିବେ, ସମସ୍ତଙ୍କର କୋଭିଡ୍ ଆର୍‌ଟି-ପିସିଆର୍ ଟେଷ୍ଟ ହେବ। ଅନ୍ୟପଟେ ରାଜ୍ୟ ବାହାରୁ ଆସିବାକୁ ଥିବା ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ନିଜ ସାଙ୍ଗରେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଆଣିବା ବାଧ୍ୟତାମୂଳକ। ଏ ନେଇ ସେବାୟତ ଗୌରହରି ଦାସ କହିଛନ୍ତି, ରଥଯାତ୍ରା ପରିଚାଳନା ପାଇଁ ସେବାୟତମାନେ ସବୁ ପ୍ରକାର ସହଯୋଗ କରିବେ। ରଥ ଉପରେ କେତେ ସେବାୟତ ରହିବେ ତାହା ନିଷ୍ପତ୍ତି ହୋଇନାହିଁ ମାତ୍ର ସର୍ବନିମ୍ନ ସେବାୟତଙ୍କୁ ବିଚାରକୁ ନିଆଯାଇଛି।

# ସ୍ତ୍ରୀ, ଝିଅଙ୍କୁ ହତ୍ୟା ପରେ ଆତ୍ମହତ୍ୟା

## ପାରିବାରିକ କଳହର କରୁଣ ପରିଣତି

**ଜଗତ୍‌ସିଂହପୁର ଅଫିସ, ୩।୭**

ସ୍ତ୍ରୀ ଓ ଝିଅଙ୍କୁ ଶୁକ୍ରବାର ରାତିରେ ଶାବଳରେ ପିଟି ହତ୍ୟା କରିବା ପରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଜୋତଚଣ୍ଡପାଟଣାରେ। ମୃତକମାନେ ହେଲେ ଲୋକନାଥ ପାଳ(୫୪), ସ୍ତ୍ରୀ କଳ୍ପନା(୪୫) ଓ ଝିଅ ମଧୁସ୍ମିତା ଓରଫ ନକି(୨୧)। ଏକମାତ୍ର ପୁଅ ପ୍ରେମ ବିବାହ କରି ଚାଲିଯିବା ପରେ ମାନସିକ ଭାରସାମ୍ୟ ହରାଇ ଲୋକନାଥ ଏଭଳି କାଣ୍ଡ କରିଥିବା କୁହାଯାଉଛି। ଲୋକନାଥଙ୍କ ଭାଇ ଶଙ୍କର ପାଳଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୩୨୬/୨୧) ରୁଜୁ କରିବା ସହ ହତ୍ୟାରେ ବ୍ୟବହୃତ ଶାବଳ ଜବତ କରିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଲୋକନାଥ ରାଜମିସ୍ତ୍ରି ଭାବେ କାମ କରନ୍ତି। ତାଙ୍କର ୩ ଭାଇ ଥିଲେ ସୁଦ୍ଧା ସମସ୍ତେ ଅଲଗା ହୋଇ କିଛି ଦୂରରେ ରୁହନ୍ତି। ଲୋକନାଥଙ୍କ ପରିବାର କହିଲେ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ। ସ୍ତ୍ରୀ ରୋଗାଗ୍ରସ୍ତ। ଝିଅ ନକି ଯୁକ୍ତ ୩ରେ ପଢୁଥିଲେ। ପୁଅ ପଙ୍କଜ ସ୍ନାତକ ପରେ ଜଣେ ଅନ୍ୟ ଜାତିର ଝିଅକୁ ପ୍ରେମ ବିବାହ କରି ଭୁବନେଶ୍ୱରରେ ରହୁଛନ୍ତି। ବିବାହ ପରଠୁ ସେ ଘରକୁ ଫେରିନାହାନ୍ତି। ଲୋକନାଥଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ। ଗୋଟିଏ ବଖରା ଛାତ ଓ କିଛି ଦୂରରେ ୨ ବଖରା ଚାଳ (୧ ରୋଷଶାଳା ଓ ଅନ୍ୟଟିରେ ଜିନିଷ ଗଚ୍ଛିତ) ଘରେ ପୂରା ପରିବାର ରୁହନ୍ତି। ପଙ୍କଜ ଘରକୁ ନ ଆସିବା ନେଇ ପରିବାରରେ ଅଧିକାଂଶ ସମୟ ଅଶାନ୍ତି ହେଉଥିଲା। ମାନସିକ ଅବସାଦ କାରଣରୁ ପ୍ରାୟ ୩ ମାସ ହେବ ଲୋକନାଥ କାମଧନ୍ଦା କରିବାକୁ ଯାଉ ନ ଥିଲେ। ଶୁକ୍ରବାର ସକାଳେ କଳ୍ପନା ଓ ଲୋକନାଥଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିନ୍ତୁ ରାତିରେ କ'ଣ ଘଟିଲା କେହି ଜାଣନ୍ତି ନାହିଁ ବୋଲି ଗ୍ରାମବାସୀ ପୋଲିସକୁ କହିଛନ୍ତି। ସବୁଦିନ ପରି ଜଣେ ବ୍ୟକ୍ତି ଲୋକନାଥଙ୍କ ଅଗଣାରୁ ଶନିବାର ସକାଳେ ଫୁଲ ତୋଳିବାକୁ ଯାଇଥିଲେ। ସେତେବେଳେ ଝରକା ଖୋଲା ଥିଲା। ସମ୍ପୃକ୍ତ ବ୍ୟକ୍ତି ଝରକା ପଟେ ଲୋକନାଥଙ୍କୁ ଫ୍ୟାନରେ ଲାଗିଥିବା ରଶିରେ ଝୁଲୁଥିବା ଦେଖିଥିଲେ। ଏଥିସହ ଘର ଭିତରୁ କିଛି ଶବ୍ଦ ଶୁଣିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଲୋକନାଥଙ୍କ ଭାଇମାନଙ୍କୁ ଜଣାଇଥିଲେ। ସେମାନେ ଘରେ ପହଞ୍ଚି କବାଟ ଖୋଲିବା ପରେ କଳ୍ପନା ଓ ନକିଙ୍କୁ ଯନ୍ତ୍ରଣାରେ ଛଟଛଟ ହେଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ନକିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କଳ୍ପନାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା।

ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଲୋକନାଥ ଓ ନକିଙ୍କ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯାଇଛି। କଟକ ବଡ଼ ଡାକ୍ତରଖାନାରେ କଳ୍ପନାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଖବରପାଇ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏକପ୍ରକାର ମୂକ ପାଲଟି ଯାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଆର୍ଥିକ ଅନଟନ ଓ ପୁଅର ଅନୁପସ୍ଥିତି କାରଣରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ସ୍କଚ୍ ଆୱାର୍ଡ ପାଇଁ ବିଏମ୍‌ସି ମନୋନୀତ




ସ୍କଚ୍ ପକ୍ଷରୁ ପ୍ରାପ୍ତ ସେମିଫାଇନାଲିଷ୍ଟ ସାର୍ଟିଫିକେଟ୍।

**ବ୍ରହ୍ମପୁର ଅଫିସ୍,୩।୭**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସ୍କଚ୍ ଆୱାର୍ଡ ପାଇଁ ମନୋନୀତ ହୋଇଛି। ଏ ନେଇ ଶନିବାର ସ୍କଚ୍ ପକ୍ଷରୁ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିବା ୭୪ ତମ ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସେମିଫାଇନାଲିଷ୍ଟକୁ ମନୋନୀତ ହୋଇଛି। ପରିବେଶ ସୁରକ୍ଷା, ସେପ୍‌ଟିକ ମ୍ୟାନେଜ୍‌ମେଣ୍ଟ ଜରିଆରେ ମହିଳା ସଶକ୍ତୀକରଣ, ସହରରେ ଜଳ ସଂରକ୍ଷଣ ବ୍ୟବସ୍ଥା ଆଦି ବର୍ଗରେ ମନୋନୀତ ହୋଇଥିବା ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।




Presenting the all-new Seltos and Sonet. Recrafted with advanced new features and cutting-edge technology, the dynamic duo is all set to enthrall you. So, take your pick and begin your journey to innumerable inspiring experiences.

**Seltos | Badass by Design**
Dominate every road with the more badass and bolder 2021 Kia Seltos.

Exciting New and First-in-segment Features




- Ease of driving with clutch-less+ manual transmission.
- Allow to shift gears quickly for an immersive driving experience.
- Offers protection from dangerous viruses and bacteria inside the car.

**Other New Features:** Voice Controlled Smart Sunroof and Driver Window | Quick OTA Map Updates | Advanced UVO Connect with 58 Smart Features
**Seltos' Class-leading Features:** Smartstream 1.4 l Turbo GDi Engine with 7DCT & 6MT | Smart 20.32 cm (8.0") Head-up Display | 26.03 cm (10.25") HD Touchscreen Navigation | Bose Premium Sound System with 8 Speakers & LED Sound Mood Lights | UVO Connected Car | 360° Camera with Blind View Monitor

**Sonet | Wild by Design**
A thrilling experience awaits you in the wilder and more aggressive 2021 Kia Sonet.

Exciting New and First-in-segment Features

- Experience the thrill of quick gear shift with just the touch of fingers.
- Conveniently operate the smart sunroof while driving.
- Amazing connectivity and entertainment on the go.

**Sonet's Class-leading Features:** 1.5 l CRDi Diesel Engine with 6-speed Advance AT | iMT – New-age Intelligent Manual Transmission | Bose Premium 7-speaker Sound System with LED Sound Mood Lights | Ventilated Driver and Passenger Seat | Drive Modes and Traction Control | Six Airbags with ESC, HAC, ESS, ACN & VSM | 10.7 cm (4.2") Advanced Color Instrument Cluster | Smart Pure Air Purifier with Virus and Bacteria Protection | Rear Door Sunshade Curtain

UVO The Most Advanced Connected Car Experience | 58 Smart Features for Advanced Connectivity | Advanced AI Voice Commands | Emergency Assistance – Dedicated 24x7 Customer Care Service | Smart Watch Connectivity on Android/ iOS/ Tizen

Close to you, no matter where you are.
Our ever growing nationwide network ensures that when you move in a Kia, you have complete peace of mind.
200 City Coverage | 350 Consumer Touchpoints | 24x7 | 3 Years Nationwide RSA^

KIA Service
Connected • Adaptive • Responsive • Engage
• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty* • 3 Years 24x7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • My Convenience, the most unique customised maintenance program*

Kia Refresh Service Camp from 5th July to 18th July '21 | Get the best of service and care to cherish the experience of owning a Kia. Contact your nearest Kia dealership for more details.

For more information contact: 1800 108 5000 | Visit www.kia.com/in | Kia India | Look for "Kia India" @
Scan to know more

*T&C Apply. The products shown are for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. +Clutch-less means without Clutch pedal. Vehicle operates with sensor based electric-clutch system instead of mechanically wired-clutch system. ^RSA Coverage across India except Andaman & Nicobar Islands and Lakshadweep. UVO functionality is dependent on mobile network strength. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads.

INNOCEAN-104/21

FOR INFORMATION CONTACT: BHUBANESWAR: CONSORTIUM MOTORS PRIVATE LIMITED, PH: 7440002919 SAMBALPUR: CONSORTIUM MOTORS PRIVATE LIMITED, PH: 7440003032 ANGUL: CONSORTIUM MOTORS PRIVATE LIMITED, PH: 7440002965 ROURKELA : SEETA AUTOCARE LLP. PH : 7852941115

**ଆଜିର ମନ୍ତବ୍ୟ**

"ଖୁଚୁରା ଏବଂ ହୋଲସେଲ୍ ବ୍ୟବସାୟକୁ ଏମ୍ଏସ୍ଏମ୍ଇରେ ସାମିଲ କରି ଐତିହାସିକ ପଦକ୍ଷେପ ନିଆଯାଇଛି। ଏହା କୋଟି କୋଟି ଲୋକଙ୍କୁ ସେମାନଙ୍କ କାରବାର ବୃଦ୍ଧିରେ ସହାୟକ ହେବ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଉଡ଼ି ନ ଥାଇ ମୂଲଉ ଥାଏ,**
**ଦେଖୁଥିଲେ ପେଟ ଫୁଲଉ ଥାଏ।**

ଅଭାବ ଗ୍ରସ୍ତ ଘର କିନ୍ତୁ ସମସ୍ତଙ୍କ ଆଗରେ ଅଭାବ ଅସୁବିଧା କଥା କହି ହୋଇ ନ ଥାଏ। ଯିଏ ଦୁଃଖ ବୁଝିବ ତା' ଆଗରେ ଅଭାବ ଅଛି, ଆଉ ଯିଏ ଦୁଃଖ ଦୁର୍ଦ୍ଦଶା ବୁଝି ନ ପାରିବ ତାହା ଆଗରେ ନାଇଁ କିଛି ଅସୁବିଧା ନାହିଁ, ସବୁ ଠିକ୍ ଅଛି ବୋଲି ବାଛ ବିଚାର କରି କହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉ ଫାସିଆ;**
**କାହୁଁ ହେଲା ପୁଅ ଚାରି ମାସିଆ?**

ଅବୈଧ ମାତୃତ୍ୱ ପ୍ରତି ଆକ୍ଷେପ। ଏହା ଏକ ସାମାଜିକ ତିରସ୍କାର। ଅବିବାହିତା ଝିଅମାନଙ୍କର ମାତୃତ୍ୱ ଲାଭ କରିବାରେ ସାମାଜିକ ବାରଣ ରହିଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଖୁବ୍‌ଶୀଘ୍ର ଉତ୍କେଳା, ଜୟପୁରରୁ ବିମାନ ଉଡ଼ିବ

**ଭୁବନେଶ୍ୱର,୩ା୭(ବ୍ୟୁରୋ)**

ରାଜ୍ୟର ଆଉ ୨ଟି ଏୟାରଷ୍ଟ୍ରିପ୍ ଭବାନୀପାଟଣା ନିକଟସ୍ଥ ଉତ୍କେଳା ଓ ଜୟପୁରରୁ ଖୁବ୍‌ଶୀଘ୍ର ବିମାନ ଉଡ଼ାଣ ହେବ। ଏହି ଦୁଇଟି ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ଉଡାନ ସ୍କିମ୍ ସହାୟତାରେ ବିକଶିତ କରାଯାଉଛି। ଭୁବନେଶ୍ୱରରୁ ଉତ୍କେଳା, ଉତ୍କେଳାରୁ ଜୟପୁର, ଭୁବନେଶ୍ୱରରୁ ଜୟପୁର ଏବଂ ଜୟପୁରରୁ ଉତ୍କେଳାକୁ ବିମାନ ଚଳାଚଳ କରିବ। ଏ ନେଇ ଉଡାନ ଯୋଜନାରେ ଟେଣ୍ଡର ଆହ୍ୱାନ କରାଯାଇଛି। ଶନିବାର ଖାରବେଳ ଭବନଠାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମଧୁସୂଦନ ପାଢ଼ୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ଏ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟର ପୁରୀ, ରାଉରକେଲା, ଭବାନୀପାଟଣା ଏବଂ ଜୟପୁର ବିମାନବନ୍ଦର ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଆସନ୍ତା କିଛି ମାସ ମଧ୍ୟରେ ଏହି ଏୟାରଷ୍ଟ୍ରିପ୍‌ଗୁଡ଼ିକରୁ ବିମାନ ଚଳାଚଳ କରିବ ବୋଲି ଉଷା ପାଢ଼ୀ କହିଛନ୍ତି। ରାଜ୍ୟରେ ରାଉରକେଲା, ଉତ୍କେଳା ଓ ଜୟପୁର ଛୋଟ ବିମାନବନ୍ଦର ରହିଛି। ଉତ୍କେଳା ଓ ଜୟପୁରକୁ ଉଡାନ ଯୋଜନାରେ ସାମିଲ କରାଯାଇଥିବାବେଳେ ରାଉରକେଲା ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ(ଏଏଆଇ)ଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି। ରାଉରକେଲା ଏବଂ ଜୟପୁର ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି।

## ପ୍ରଥମ ପୃଷ୍ଠାରୁ...

### ଫ୍ରାନ୍ସରେ ରାଫାଲ ...

ଖବର ପଦାକୁ ଆସିଥିଲା। ଏହି ଦୁର୍ନୀତି ଅଭିଯୋଗକୁ ଡାସଲ୍ଟ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଥିଲା। ଚୁକ୍ତିନାମାରେ କୌଣସି ଉଲ୍ଲଂଘନ ହୋଇ ନ ଥିବା କମ୍ପାନୀ ଦର୍ଶାଇଥିଲା। ଫ୍ରାନ୍ସରେ ରାଫାଲ ଚୁକ୍ତିନାମାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବାରୁ ଭାରତରେ ଏହାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଇବା ପାଇଁ ଶନିବାର କଂଗ୍ରେସ ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଚୁକ୍ତିନାମାର ଜେପିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଅନୁରୋଧ କରିଛନ୍ତି। ରାଫାଲ କିଣାରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଛି। ଫ୍ରାନ୍ସ ସରକାର ତଦନ୍ତ ନିର୍ଦ୍ଦେଶ ଦେବା ପରେ କଂଗ୍ରେସ ଏବଂ ଏହାର ନେତା ଆଣିଥିବା ଅଭିଯୋଗ ଆଜି ସତ ପ୍ରମାଣିତ ହୋଇଛି ବୋଲି ସୁର୍ଜେୱାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିପକ୍ଷ ପ୍ରତିରକ୍ଷା କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଭାଜପା ଅଭିଯୋଗ କରିଛି। ଭାରତକୁ ଦୁର୍ବଳ କରି ରଖିବା ଉଦ୍ଦେଶ୍ୟରେ କଂଗ୍ରେସ ରାଫାଲ ଚୁକ୍ତିନାମାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଆସୁଛି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଫ୍ରାନ୍ସର ଏକ ଏନ୍‌ଜିଓ ସଂସ୍ଥା କରିଥିବା ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି। ଏହାକୁ ଦୁର୍ନୀତି ବିରୋଧରେ ତଦନ୍ତ ଭାବେ ଦେଖାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଫ୍ରାନ୍ସର ବିମାନ ନିର୍ମାଣକାରୀ କମ୍ପାନୀ ଡାସଲ୍ଟ ଆଭିଏଶନଠାରୁ ୩୬ଟି ରାଫାଲ ଲଢ଼ୁଆ ବିମାନ କିଣିବା ଲାଗି ୨୦୧୬ ସେପ୍ଟେମ୍ବର ୨୩ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୫୯,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ୟୁପିଏ ସରକାର ୫୨୬ କୋଟି ଟଙ୍କାରେ ବିମାନ କିଣିବା ଲାଗି ପୂର୍ବରୁ ବୁଝାମଣା କରିଥିବାବେଳେ ଏନ୍‌ଡିଏ ସରକାର ପ୍ରତି ବିମାନ ଦାମ୍ ୧,୬୭୦ କୋଟି ଟଙ୍କାକୁ ବଢ଼ାଇ ଦେଇଥିବା କଂଗ୍ରେସ କହିଛି। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଫାଲ ଦୁର୍ନୀତିକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲା। ଡାସଲ୍ଟ କମ୍ପାନୀ ୪ ଥରରେ ଭାରତକୁ ୧୪ଟି ରାଫାଲ ଯୁଦ୍ଧବିମାନ ଯୋଗାଇଦେଇଛି। ଗତବର୍ଷ ସେପ୍ଟେମ୍ବରରେ ବାୟୁସେନାକୁ ପ୍ରଥମ ଦଫାରେ ୫ଟି ରାଫାଲ ମିଳିଥିବାବେଳେ ନଭେମ୍ବରରେ ଆଉ ୩ଟି ଆସିଥିଲା। ଚଳିତ ବର୍ଷ ଜାନୁୟାରୀରେ ୩ ଓ ମାର୍ଚ୍ଚରେ ୩ ରାଫାଲ ବାୟୁସେନାର ହସ୍ତଗତ ହୋଇଥିଲା।

### ରବିଧାନ କିଣା ...

ହଜାର ୧୨୧ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ କରାଯାଇଛି। ନାମ ପଞ୍ଜୀକୃତ କରିଥିବା ଚାଷୀଙ୍କ ମଧ୍ୟରୁ ୯୦.୭୫ ପ୍ରତିଶତ ସେମାନଙ୍କ ରବି ଧାନ ସରକାରଙ୍କୁ ବିକ୍ରି କରିଛନ୍ତି। କୋଭିଡ୍ କଟକଣାକୁ ଅନୁପାଳନ କରି ରାଜ୍ୟର ୧୭ ଜିଲାର ୧୦୨୫ଟି ଧାନ ସଂଗ୍ରହ କେନ୍ଦ୍ରରେ ବିଭାଗ ପକ୍ଷରୁ ରବି ଧାନ ସଂଗ୍ରହ କରାଯାଇଥିଲା। ୧୭ ଜିଲାର ୨ ଲକ୍ଷ ୨୪ ହଜାର ୫୪୪ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ୨ଲକ୍ଷ ୩ ହଜାର ୭୮୯ ଚାଷୀ ଧାନ ବିକ୍ରି କରିଛନ୍ତି। ୨୦୨୦ ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ୮୨.୬୯ ପ୍ରତିଶତ ଚାଷୀ ରବି ଧାନ ବିକ୍ରି କରିଥିଲେ। ସେହିପରି ଖରିଫରେ ୮୦.୯୫ ପ୍ରତିଶତ ଚାଷୀ ଧାନ ବିକ୍ରି କରିଥିଲେ। ଗତ ଖରିଫଠାରୁ ଚଳିତ ରବିରେ ପ୍ରାୟ ୧୦ ପ୍ରତିଶତ ଅଧିକ ଚାଷୀ ଧାନ ବିକ୍ରି କରିଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଖରିଫ ବିପଣନ ଋତୁ ୨୦୨୦-୨୧ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୭୧ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଓ ରବି ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୭୭ ଲକ୍ଷ ୩୭ ହଜାର ୮୭୩ ମେଟ୍ରିକ ଟନ୍ ସଂଗ୍ରହ କରାଯାଇପାରିଛି। ଯାହାକି ଧାର୍ଯ୍ୟ ଲକ୍ଷ୍ୟଠାରୁ ୬ ଲକ୍ଷ ୩୭ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ। ୨୦୧୯-୨୦ ବର୍ଷରେ ମୋଟ ୭୦ ଲକ୍ଷ ୫୬ ହଜାର ୫୧୪ ମେଟ୍ରିକ୍ ଟନ୍ ଖରିଫ ଓ ରବି ଧାନ ସଂଗ୍ରହ କରାଯାଇଥିଲା। ଗତ ଖରିଫ ବିପଣନ ଋତୁଠାରୁ ଚଳିତ ୨୦୨୦-୨୧ ଖରିଫ ବିପଣନ ଋତୁରେ ୬ ଲକ୍ଷ ୮୧ ହଜାର ୩୫୧ ମେଟ୍ରିକ୍ ଟନ୍ ଅଧିକ ଧାନ ସଂଗ୍ରହ ହୋଇଛି। ଚଳିତ ରବି ଧାନ ସଂଗ୍ରହରେ ରାଜ୍ୟରେ ଚାଷୀମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ୨୬୯୭ କୋଟି ୬୨ ଲକ୍ଷ ଟଙ୍କା ମୂଲ୍ୟର ଧାନ ସଂଗ୍ରହ କରାଯାଇଛି। ଅଧିକ ରବି ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼ରୁ ୫,୧୧,୦୬୮ ମେଟ୍ରିକ୍ ଟନ୍, କଳାହାଣ୍ଡିରୁ ୨,୩୦,୮୪୩ ମେଟ୍ରିକ୍ ଟନ୍, ସୁବର୍ଣ୍ଣପୁରରୁ ୨,୩୪,୯୪୬ ମେଟ୍ରିକ ଟନ୍, କୋରାପୁଟରୁ ୧,୨୮,୭୪୩ ମେଟ୍ରିକ ଟନ୍ ଏବଂ ସମ୍ବଲପୁର ଜିଲାରୁ ୧,୨୮,୮୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି।

### ମହାକାଶ ଯିବେ ...

ଅପରେଶନର ଦାୟିତ୍ୱ ମଧ ସେ ତୁଲାଉଛନ୍ତି। ପର୍ଡ୍ୟୁ ୟୁନିଭର୍ସିଟିରୁ ସ୍ନାତକ ଡିଗ୍ରୀ ହାସଲ ପରେ ସିରିଶା ଜର୍ଜଟାଉନ ୟୁନିଭର୍ସିଟିରେ ଏମ୍‌ବିଏ କରିଥିଲେ। ବ୍ରାନସନ୍ ମହାକାଶ ଯିବା ସମ୍ପର୍କରେ ଗୁରୁବାର ତାଙ୍କ କମ୍ପାନୀ ଭର୍ଜିନ ଗାଲାକ୍ଟିକ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ବ୍ଲୁ ଅରିଜିନ୍ ତଥା ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଜୁଲାଇ ୨୦ରେ ମହକାଶ ଯାତ୍ରା କରିବାକୁ ଘୋଷଣା କରିଛନ୍ତି। ଆମାଜନ୍, ଭର୍ଜିନ ଏବଂ ସ୍ପେସ୍ ଏକ୍ସ ବର୍ତ୍ତମାନ ବ୍ୟବସାୟିକ ମହାକାଶ ଭ୍ରମଣ ନିମନ୍ତେ ଏକ ପ୍ରକାର ପ୍ରତିଯୋଗିତାରେ ଲାଗିଛନ୍ତି।

# ଦେଢ଼ଶ୍ୱଶୁରଙ୍କୁ କୋଡ଼ିରେ ହାଣି ହତ୍ୟା

## ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ

**ଜଗନ୍ନାଥପ୍ରସାଦ,୩ା୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ବେଢାସାହି ଗ୍ରାମରେ ଶନିବାର ସମ୍ପତ୍ତି ଭାଗବଣ୍ଟାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଭାଇବୋହୂ କୋଡ଼ିରେ ହାଣି ଦେଢ଼ଶ୍ୱଶୁରଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ସନ୍ତୋଷ ନାୟକ (୩୮)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୨୨/୨୧ରେ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ସନ୍ତୋଷଙ୍କ ସାନ ଭାଇ ଭଗବାନଙ୍କର ପାଞ୍ଚ ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ମିଳିଥିଲା। ଏହି ଟଙ୍କା ନେଇ ଭଗବାନଙ୍କ ସ୍ତ୍ରୀ ନିଜ ବାପା ଘରକୁ ଚାଲିଯାଇଥିଲେ। ଏଥିପାଇଁ ସନ୍ତୋଷଙ୍କ ପରିବାରରେ ସବୁବେଳେ ଅସନ୍ତୋଷ ଲାଗି ରହିଥିଲା। ଶନିବାର ସକାଳେ ସନ୍ତୋଷଙ୍କ ଏକ ଜାଗାକୁ ସାନ ଭାଇର ଶ୍ୱଶୁର ଆସି ସଫା କରୁଥିଲେ। ଆମ ଜାଗା କାହିଁ ସଫା କରୁଛ ବୋଲି ସନ୍ତୋଷ ପଚାରି ତାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଭାଇବୋହୂ ନିଜ ବାପା, ମା' ଓ ତିନି ଭାଇ ସହ ଦେଢ଼ଶ୍ୱଶୁରଙ୍କ ପାଖକୁ ଆସି ଜମି ଭାଗ ମାଗିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଭାଇ ବୋହୂ ଏକ କୋଡ଼ିରେ ସନ୍ତୋଷଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ଯୁବକ ଗିରଫ

**ପାଇକମାଳ, ୩ା୭ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ଥାନା ଅଧୀନ ଜାମସେଠ ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ କଟକରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ବଡମ୍ବା ଥାନା ସାନବଡସିଂ ଗ୍ରାମର ସୁଗମ କେଶରୀ ନାୟକ(୨୬)। ତାଙ୍କୁ ଶନିବାର ପଦ୍ମପୁର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁସାରେ, ସୁଗମ ବର୍ଷେ ତଳେ ପାଇକମାଳ ଜାମସେଠ ଅଞ୍ଚଳର ଜନୈକା ଯୁବତୀଙ୍କ ଟିକ୍‌ଟିକ୍ ଦେଖି ଲାଇକ୍ କରିଥିଲେ। ପରେ ଯୁବକ ଜଣକ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖି ତାଙ୍କର ଅଶ୍ଳୀଳ ଭିଡିଓ ନେଇଯାଇଥିଲେ। ଗତ କିଛିଦିନ ତଳେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ସୁଗମ ଉକ୍ତ ଯୁବତୀଙ୍କ ଘରକୁ ଫୋନ କରି ଗାଳିଗୁଲଜ ସହ ଧମକଚମକ ଦେଉଥିଲେ। ଏ ନେଇ ଯୁବତୀ ଜଣକ ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୦/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ପାଇକମାଳ ପୋଲିସର ଏକ ଟିମ୍ କଟକ ଜିଲା ବଡମ୍ବା ଅଞ୍ଚଳକୁ ଯାଇ ସୁଗମଙ୍କୁ ଶୁକ୍ରବାର ଗିରଫ କରିଥିଲା।


# classifieds Everyday 0674-2580101, 2549302


MATRIMONIAL

GROOM WANTED

ସୁନ୍ଦର 48 ବୟସ୍କା Govt. Teacher Widow ଏକାକୀ ରହୁଥିବା ଖଣ୍ଡାୟତ ଝିଅଙ୍କୁ ଯେ କୌଣସି ଜାତିର ବର ଦରକାର। 8763709841. D-71304

ବୟସ-୪୦, ୫'୩'', M.sc, B.Ed Government Teacher ମାସିକ ଆୟ ୪୮୦୦୦/- ଥିବା ଝିଅଙ୍କ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। Contact: 7024724959. D-21013

Sambalpur ବାସିନ୍ଦା 43 ବୟସ୍କା Postal ଚାକିରିଆ ବ୍ରାହ୍ମଣ ଅବିବାହିତ ଝିଅଙ୍କୁ any caste ବର ଦରକାର। ଯୋଗାଯୋଗ- 7606947424. D-71305


real estate

SALE

Booking open for 3BHK and 2BHK flats at Kalinga Nagar Ghatikia, Bhubaneswar. 9124721060. D-71303

Pay 1Lakh, registration ready to move Duplex at Gudiapokhari, Bhubaneswar. Bank loan available. 7537874306. D-71114

ଦୁଇ ବଖରା ଆଜବେଷ୍ଟ ଘର ଥାଇ ସ୍ଥିତିବାନ୍ ଘରବାରି ୫ଡିସିମିଲ ଜାଗା ବିକ୍ରିହେବ @୪୫୦୦୦୦୦/- ହାଟବଜାର, ଜଟଣୀ। Owner- 9439270333. D-70859

One acre land for sale near Trisulia, CISF Campus with 40' road. Cost-1.25crore. Contact: 8144301873. D-71115

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

Buy or Sale Property- 7064631567, 5BHK Duplex at Balianta- 99lakh/ 3BHK Apartments at AIIMS-3700. Residential Land near IIT-600/ Jaanla-900/ Pahala-1200/ Tamando-1500/ Ghangapatna-1500/ Patrapada-3500/. D-21012

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958


to-let

2BHK ground floor family IRC Village N-1/213. Contact: 7008186067. D-56669

Well furnished 3BHK flat, in Arpan apartment area 1940 sqft. fitted with A/C and 2Car parking area, available for rent located opposite Swapneswari Mandir, IRC Village, Nayapalli, Bhubaneswar. Pin- 750015. Only service holders are preferred. Please contact Sanat Khuntia Mo: 91- 9619975990, 91-9819678987, 91- 7978935659. Email Id- khuntiasanat@gmail.com. D-20986

2BHK Ground Floor, Gandamunda. All Modern facilities, 24hr Water. 9437195452. D-67795

1BHK flat main road Unit-8 Soubhagyanagar for Office, Bachelors. 9000004523. D-20104

1850sqft. area for Office use only in Forest Park area, BBSR. Contact: 7653075696. D-21005

Rent 1BHK, Hall, Dining, Kitchen, fully furnished with interior with A/C, Inverter & Bed at Patia, near Big Bazar. Contact: 9437636236, 7008671282. D-21001


business

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

ସର୍ବଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ମୁଁ ସରସ୍ୱତୀ ବରୁଆ, ସ୍ୱାମୀ: କ୍ଷୀରସାଗର ମାଝୀ, ଗ୍ରାମ-ରଜାପଡ଼ା, ଥାନା- କେସିଙ୍ଗା, ଜିଲ୍ଲା- କଳାହାଣ୍ଡି, ତା ୦୨।୦୭।୨୦୨୧ରି ଖ ନୋଟାରୀ ପବ୍ଲିକ୍ ଭବାନୀ ପାଟଣାଠାରେ ଆଫିଡାଭିଟ୍ କରିଛି ଯେ ସରସ୍ୱତୀ ବରୁଆ ଆଉ ସରସ୍ୱତୀ ମାଝୀ ଗୋଟିଏ ଜଣ ଅଟନ୍ତି। ଧ-୨୧୦୧୫

Affidavit before Executive Magistrate, Dhenkanal, I, Nepal Sahoo, Village/PO- Korian, Dist- Dhenkanal have change my name from Lekha Pal to Nepal Sahoo for LIC Policy 587451342 and all purpose. D-70331

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶ୍ରୀଚନ୍ଦ୍ର ପ୍ରଭାବରୁ ଗତକାଲିର ଅସମ୍ପୂର୍ଣ୍ଣ କାମଟିକୁ ଆଜି ଶେଷ କରିବାରେ ସମର୍ଥ ହେବେ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ବନ୍ଧୁ ଗହଣରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ**
ଆଜି ଶୁକ୍ରମଙ୍ଗଳଙ୍କ ହେତୁ ନିଜର ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ଅଯଥା କଥା କଟାକଟି କାରଣରୁ ମନଟା ବିଗିଡ଼ି ଯାଇପାରେ। ବ୍ୟବସାୟ ଓ ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମ ସକାଶେ ଘର ସଜ୍ଜାରେ ସମୟ ଅତିବାହିତ କରିପାରନ୍ତି।

**ମିଥୁନ**
ରୁଦ୍ରଯୁକ୍ତ ବୁଧଙ୍କ ଯୋଗୁ ବିଭିନ୍ନ କାର୍ଯ୍ୟବ୍ୟସ୍ତତା କାରଣରୁ ମନ ମଧ ଭଲ ରହିବ ନାହିଁ। ବେପରୁଆ ଭାବରେ ନ ଚଳି ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ ହେବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ପାରିବାରିକ ସମସ୍ୟାକୁ ନେଇ ବିରସ ମନରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ଥିରୀକୃତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ। ଅଶ୍ଳେଷା ନକ୍ଷତ୍ର ଆଶା କରୁଥିବା ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ପାଇ ଖୁସି ହେବେ।

**ସିଂହ**
ଶୁକ୍ର ଷଷ୍ଠାଧିପଙ୍କ ଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ କାମରେ ଭଲ କରିବାକୁ ଯାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସି ସମସ୍ୟା ବୃଦ୍ଧି କରିବାରେ ସହାୟକ ହେବ। ପଡ଼ୋଶୀଙ୍କ ନିକଟରୁ କେବଳ ସହାନୁଭୂତି ବ୍ୟତୀତ କିଛି ଲାଭ ହେବନି। କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ।

**କନ୍ୟା**
ପରୋକ୍ଷ ଶତ୍ରୁତା କାରଣରୁ ପରିବାରର ବିଭିନ୍ନ ବ୍ୟତିକ୍ରମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଏହାସାଙ୍ଗକୁ କେତୁଙ୍କ କୁପ୍ରଭାବରୁ ପଡ଼ୋଶୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେବେ। ନୂତନବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟ ଲାଗି ମନ ବଳାଇ ପାରନ୍ତି।

**ତୁଳା**
କର୍ମସ୍ଥାନ ଶନିଙ୍କ ଦୃଷ୍ଟିରେ ରହିଥିବାରୁ ସବୁ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜ ଲୋକଙ୍କ ଚକ୍ଷୁଶୂଳ ହେବାକୁ ପଡ଼ିବ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ। ଅର୍ଥ ସଙ୍କଟ ପୂର୍ବପରି ଲାଗି ରହିବା କାରଣରୁ କେତେକ କାମ ଅଟକି ରହିବ।

**ବିଛା**
କାର୍ଯ୍ୟହାନି ସାଙ୍ଗକୁ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ମନ ବିଚଳିତ ରହିବ। ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ ନଚେତ୍ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅଷ୍ଟମସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ସଫଳତା ବିଳମ୍ବରେ ପାଇବେ।

**ଧନୁ**
ପରିବାରର ଖର୍ଚ୍ଚ ପରିମାଣ ବଢ଼ିବା କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ନିଜ ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ। ମୂଳା ନକ୍ଷତ୍ର ମିଥ୍ୟା ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ବ୍ୟବସାୟ, ପରିବହନରେ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**ମକର**
ଦ୍ୱିତୀୟସ୍ଥ ଗୁରୁଙ୍କ ଯୋଗୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଖୁସି ଅନୁଭବ କରିବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶରୁ ଉପକୃତ ହେବେ।

**କୁମ୍ଭ**
ନିଷ୍ଠାପର କାର୍ଯ୍ୟ ଓ ଦାୟିତ୍ୱବୋଧ ପ୍ରଭାବରେ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିପାରିବେ। ନିର୍ମାଣ, ପ୍ରଶାସନ, ଆଇନ, ପରିବହନ, ବ୍ୟବସାୟରେ ସମସ୍ୟାକୁ ପ୍ରତିହତ କରିପାରିବେ। ପୂର୍ବଭାଦ୍ରବ ନକ୍ଷତ୍ରର ହାତ, ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ।

**ମୀନ**
ଚତୁର୍ଥସ୍ଥ ରବିଙ୍କ ସ୍ଥିତିରୁ ପରିବାର ଭିତରେ ସାଧାରଣ କଥାରୁ ବିବାଦ ବଢ଼ିପାରେ। କିନ୍ତୁ ଆକସ୍ମିକ ଭାବରେ ବନ୍ଧୁଙ୍କଠାରୁ ଅଯାଚିତ ସହାୟତା ପାଇବେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ। ପରିବହନ, ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ସୁଫଳ ପାଇବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅଣସର ଦଶମୀ ରବିବାର, ଶ୍ରୀମନ୍ଦିରରେ ଚକାବିଜେ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ଜୁଲାଇ ୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୦୯।୦୫ ଗତେ, ଦ୍ୱିଜା/ମେଷ, ମେଷ ରାଶିର ଘାତବାର ଓ ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୧ ଗତେ, ଘ.୧୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୪୦ ଗତେ ଘ.୦୫।୩୩ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

## ଭେଟେନାରି ହସ୍ପିଟାଲ ପରିମଳ ବ୍ୟବସ୍ଥାକୁ ନେଇ ତାଗିଦ୍

ଭୁବନେଶ୍ୱର, (ବ୍ୟୁରୋ): ବିଏମ୍‌ସିର ଡେପୁଟି କମିଶନର ଡ. ପ୍ରମୋଦ କୁମାର ପୃଷ୍ଟି ଶନିବାର ଶହୀଦନଗରସ୍ଥିତ ଭେଟେନାରି ହସ୍ପିଟାଲ ପରିଦର୍ଶନ କରି ଚିକିତ୍ସା ସହ ଅନ୍ୟାନ୍ୟ ସ୍ଥିତି ତଦାରଖ କରିଛନ୍ତି। ସେହିଭଳି ଜଟଣୀ ନିକଟ ପଶୁ ସମ୍ପଦ କେନ୍ଦ୍ର ଜାମୁକୋଳି କାଇନ୍ ହାଉସ୍ ଓ ସବ୍‌ଡିଭିଜିନାଲ ଭେଟେନାରି ଅଫିସ୍ (ଏସ୍‌ଡିଭିଓ) ପରିଦର୍ଶନ କରିଥିଲେ। ତେବେ ହସ୍ପିଟାଲ ପରିସରରେ ଅଳିଆ ଆବର୍ଜନା ପଡିରହି ପରିବେଶ ଅପରିଷ୍କାର ହୋଇଥିବା ଦେଖି ଡ. ପୃଷ୍ଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ଏହାକୁ ସଫା କରିବା ସହ ପରିମଳ ବ୍ୟବସ୍ଥାର ସୁପରିଚାଳନା କରିବା ନେଇ ତାଗିଦ୍ କରିଥିଲେ।

## ସଂକ୍ଷେପରେ

### ଯୁବପିଢ଼ିଙ୍କୁ ସମବାୟ ଆଦର୍ଶରେ ସାମିଲ କରାଯାଉ

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଭାରତବର୍ଷର ବିଶାଳ ଯୁବଶକ୍ତିକୁ ସମବାୟ ଆଦର୍ଶରେ ସାମିଲ କରି ସମବାୟ ଭାବନାରେ ପୁନର୍ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଅନୁପ୍ରେରିତ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ରାଜ୍ୟ ସମବାୟ ସଂସ୍ଥା ଦ୍ୱାରା ଦିଆଯାଉଥିବା ଫସଲ ଋଣ, ସବ୍‌ସିଡି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ତଥ୍ୟ ଭିତ୍ତିକ ସୂଚନା ଦେଇଥିଲେ। ଭାରତୀୟ ଜାତୀୟ ସମବାୟ ୟୁନିୟନ୍‌ର ସାବିତ୍ରୀ ସିଂ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନା, ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ, ଅନନ୍ତ କୁମାର ରାୟ ଏବଂ ଏସ୍. ଘୋଷ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ୟୁନିଅନ ପ୍ରଶାସିକା ଗାୟତ୍ରୀ ପଟ୍ଟନାୟକ ୱେବିନାର ପରିଚାଳନା କରିଥିଲେ।

### ୧୯ ବର୍ଷ ପରେ ବସିଲା ନୂତନ ନଳକୂପ

**ପୁରୁଣା ଭୁବନେଶ୍ୱର,୩।୭(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ୧୦ନଂ. ୱାର୍ଡର ବିଲିପଡ଼ା ସାହିରେ ଏକ ଅଚଳ ନଳକୂପ ହଟାଯାଇ ନୂତନ ନଳକୂପ ବସାଯାଇଛି। ଗ୍ରାମବାସୀଙ୍କ ୧୯ବର୍ଷର ଦାବି ପୂରଣ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଗିରିଧାରୀ ପ୍ରଧାନ କହିଛନ୍ତି। ଅନ୍ୟପଟେ ଏହି ସାହି ରାସ୍ତା ମଧ ଦୀର୍ଘ ବର୍ଷ ପରେ ନିର୍ମାଣ ହୋଇଛି। ୨୨ନଂ. ଜିଲା ପରିଷଦ ପାଣ୍ଠିରୁ ଟଙ୍କା ଆସିବାରୁ ଏହା ସମ୍ଭବ ହୋଇପାରିଛି। ଶୁକ୍ରବାର ଜିଲା ପରିଦେ ସଭ୍ୟା ସୁମିତ୍ରା ପ୍ରଧାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା। ନରେନ୍ଦ୍ର ବାରିକ, ଇଶ୍ୱର ଚନ୍ଦ୍ର ବାରିକ, ମୂରଲିଧର ବାରିକ ପ୍ରମୁଖ ଜିଲାପରିଷଦ ସଭ୍ୟାଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

### ୭ ଦୋକାନ ସିଲ୍

**ବାଲିପାଟଣା, ୩।୭ (ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଶନିବାର ଶଟ୍‌ଡାଉନରେ ଦୋକାନ ଖୋଲା ରଖି ବ୍ୟବସାୟ କରୁଥିବାରୁ ବାଲିପାଟଣା ତହସିଲ ପକ୍ଷରୁ ବାଲିପାଟଣା ବଜାରରେ ଚଢ଼ାଉ କରାଯାଇ ୭ଟି ଦୋକାନ ସିଲ୍ କରାଯାଇଛି। ୩ଟି ହାର୍ଡୱେର, ୨ଟି ଷ୍ଟେଶନେରି ଓ ଗୋଟିଏ ଟିଭି ମରାମତି ଦୋକାନକୁ ସିଲ୍ କରାଯାଇଛି। ଏହି ଚଢ଼ାଉ ବେଳେ ତହସିଲଦାର ସୁନିତା ଜେନା, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ

**ଭୁବନେଶ୍ୱର,୩।୭:** ଟ୍ରାଭେଲ ଏଜେଣ୍ଟ ଆସୋସିଏଶନର ପୁରାତନ କର୍ମକର୍ତ୍ତା ପଦ୍ମନାଭ ନନ୍ଦ (୭୦)ଙ୍କର ମଲ୍ଟିଅର୍ଗାନ ଫେଲ୍ୟୁଅର ଯୋଗୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ବୁଦ୍ଧେଶ୍ୱରୀ କଲୋନୀର ଅଧକ୍ଷ ଓ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭାଜପା ନେତା ଜଗନ୍ନାଥ ପ୍ରଧାନ, କିମ୍ସ ମେଡିକାଲର ପୂର୍ବତନ ଅଧକ୍ଷ ଜେ.କେ ଦାସ, ଓଡିଆ ଭାଷା ସୁରକ୍ଷା ସମିତିର ପର୍ଶୁରାମ ଦ୍ୱିବେଦୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ୨ ପୁଅ ଡ.ଦେବାଶିଷ, ଡ.ଦେବବ୍ରତଙ୍କ ସମେତ ଜ୍ୟେଷ୍ଠ ଭ୍ରାତା ବ୍ୟାଙ୍କ ଅଫିସର ମହାସଂଘ ସଭାପତି ଦାମୋଦର ନନ୍ଦ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ୩ ହଜାର ତଳକୁ ଖସିଲା ସଂକ୍ରମଣ

- ୧୦% ତଳେ ୯ ଜିଲା
- ଆଉ ୨,୯୧୭ ଚିହ୍ନଟ, ୪୫ ମୃତ



ଭୁବନେଶ୍ୱର, ୩।୭(ବ୍ୟୁରୋ)

ରାଜ୍ୟରେ ପୁଣି ୩ ହଜାର ତଳକୁ ଗଲା କରୋନା ସଂକ୍ରମଣ। ଗତ ୨୪ ଘଣ୍ଟାରେ ୭୧,୫୫୪ ନମୁନା ପରୀକ୍ଷା ହୋଇଥିବାବେଳେ ୨,୯୧୭ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୪.୦୮କୁ ଖସିଆସିଛି। ବର୍ତ୍ତମାନ କେବଳ ଖୋର୍ଦ୍ଧା, ନୟାଗଡ଼, ଯାଜପୁର, କଟକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଆଦି ୯ ଜିଲାରେ ୧୦ ପ୍ରତିଶତ ତଳେ ଦୈନିକ ସଂକ୍ରମଣ ହାର ରହିଥିବା ବେଳେ ବାକିସବୁଠି ୫ ପ୍ରତିଶତରୁ କମ୍ ରହିଛି। ଖୋର୍ଦ୍ଧା, ନୟାଗଡ଼ ଓ ଯାଜପୁରରେ ଦୈନିକ ସଂକ୍ରମଣ ହାର ସର୍ବାଧିକ ୭.୩% ରହିଥିବା ସ୍ୱାସ୍ଥ୍ୟ ବିଭାଗର କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡିଛି।

ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫୪୯ଜଣ ଥିବାବେଳେ କଟକରୁ ୪୨୨, ବାଲେଶ୍ୱର ୨୩୭, ଯାଜପୁର ୨୧୮, ମୟୂରଭଞ୍ଜ ୧୬୫, ଭଦ୍ରକ ୧୬୩ ଓ ପୁରୀରୁ ୧୩୨ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ଶହେ ତଳକୁ ରହିଛି। ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୧୯,୦୨୬ରେ ପହଞ୍ଚିଛି। ଅନ୍ୟପଟେ ରାଜ୍ୟରେ ଆଉ ୪୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୯ଜଣ ଥିବାବେଳେ ଏଥିରୁ କେବଳ ଭୁବନେଶ୍ୱରରୁ ୫ଜଣ ରହିଛନ୍ତି। ସେହିପରି କଟକ ଓ ବରଗଡ଼ରୁ ୫ଜଣ ଲେଖାଏ, ଢେଙ୍କାନାଳ ୪, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ କୋରାପୁଟରୁ ୩ଜଣ ଲେଖାଏ, ପୁରୀ ଓ ନୟାଗଡ଼ରୁ ୨ଜଣ ଲେଖାଏ ଏବଂ ଅନୁଗୋଳ, ଗଞ୍ଜାମ, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରୁ ଜଣେ ଲେଖାଏ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୪,୧୫୪କୁ ବୃଦ୍ଧି ପାଇଛି।

## ଗର୍ଭବତୀଙ୍କୁ ଏବେ ଦିଆଯିବନି ଟିକା

ବର୍ତ୍ତମାନ ସ୍ଥିତିରେ ରାଜ୍ୟର ଗର୍ଭବତୀ ମହିଳାଙ୍କୁ କରୋନା ଟିକା ଦିଆଯିବ ନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶନିବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଗର୍ଭବତୀଙ୍କୁ ଟିକା ଦିଆଯିବା ନେଇ କେନ୍ଦ୍ରରୁ ମାର୍ଗଦର୍ଶିକା ଆସିଥିଲା। କିନ୍ତୁ ଏବେ ସେମାନଙ୍କୁ ଟିକା ଦିଆଯିବ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ କର୍ମଶାଳାର ଆୟୋଜନ କରିବ। ଏହାପରେ ରାଜ୍ୟ ପକ୍ଷରୁ ଜିଲାସ୍ତରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ। ତେଣୁ ସମସ୍ତ ଜିଲା/ମେଡିକାଲ କଲେଜଗୁଡିକୁ କିଛିଦିନ ଅପେକ୍ଷା କରିବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଖୁବ୍‌ଶୀଘ୍ର ଗର୍ଭବତୀଙ୍କୁ ଟିକା ଦିଆଯିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଥିଲେ।

# ଭର୍ଚୁଆଲ ଟୁର୍‌ରେ ସାନ୍ତାଳ ଘର ବୁଲି ଦେଖିବେ ଦର୍ଶକ



ଭୁବନେଶ୍ୱର, ୩।୭ (ବ୍ୟୁରୋ)

ଓଡ଼ିଶାର ସାନ୍ତାଳ ଜନଜାତିମାନେ ମୁଖ୍ୟତଃ ମୟୂରଭଞ୍ଜ, ବାଲେଶ୍ୱର, କେଉଁଝର ଜିଲାରେ ବସବାସ କରନ୍ତି। ଦେଶର ଜନଜାତିଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ତୃତୀୟ ସ୍ଥାନରେ ରହିଛି। ସାନ୍ତାଳଙ୍କ ବସତିରେ ଗୃହଗୁଡ଼ିକ ସମାନ୍ତରାଳ ଭାବେ ଧାଡ଼ି କରି ନିର୍ମାଣ କରାଯାଇଥାଏ। ଘରଗୁଡ଼ିକ ସମ୍ମୁଖରେ ସର୍ବସାଧାରଣ ରାସ୍ତା ଦେଖିବାକୁ ମିଳେ। ସାନ୍ତାଳମାନେ ବହୁ ପ୍ରକୋଷ୍ଠ ଥିବା ସୌନ୍ଦର୍ଯ୍ୟପୂର୍ଣ୍ଣ ଗୃହ ନିର୍ମାଣ କରିଥାନ୍ତି। ସେମାନଙ୍କ ଘରଗୁଡ଼ିକ ନିର୍ଦ୍ଦିଷ୍ଟ କଳାତ୍ମକ ଢାଞ୍ଚାରେ ତିଆରି ହୋଇଥାଏ। ଘରଗୁଡ଼ିକରେ ପ୍ରଶସ୍ତ ପାଚେରି ଓ ପରିସର ରହିଥାଏ। ସମକୋଣ ଆକୃତିର ଘରଗୁଡ଼ିକର କାନ୍ଥ ଓଦାମାଟିରେ ନିର୍ମାଣ କରାଯାଇଥାଏ। କାନ୍ଥଗୁଡ଼ିକୁ ବିଭିନ୍ନ ରଙ୍ଗ ବିଶେଷତଃ ନାଲି ଓ କଳାରେ ପ୍ରଲେପ ଦିଆଯାଇଥାଏ। ଘରର ଛାତ ନଡ଼ା କିମ୍ବା ଟାଇଲ୍‌ରେ କରାଯାଇଥାଏ। ଏହା ମଧ୍ୟରେ ବୈଠକ ଘର, ରୋଷେଇଶାଳା, ବାରଣ୍ଡା ଓ ଗୃହପାଳିତ ପଶୁ ରହିଥାଏ। ଏମାନଙ୍କ ବିଷୟରେ ଅଧିକ କିଛି ଜାଣିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ରବିବାର ଫେସ୍‌ବୁକ୍ ଓ ଟୁଇଟର @stscdev କିମ୍ବା @scstrti ଖୋଲି ସାନ୍ତାଳଙ୍କ ସମ୍ବନ୍ଧରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା କହିଛନ୍ତି। କରୋନା ସଂକ୍ରମଣ ପାଇଁ ରାଜ୍ୟ ଜନଜାତି ସଂଗ୍ରହାଳୟ ଦର୍ଶକଙ୍କ ନିମନ୍ତେ ବନ୍ଦ ରହିଛି। ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ରବିବାର ସଂଗ୍ରହାଳୟକୁ ଏଭଳି ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି।

# ଜିଲାପାଳ, ପୋଲିସ କମିଶନରଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର,୩।୭(ବ୍ୟୁରୋ)

ରାଜଭବନ ଛକ ପେଟ୍ରୋଲ୍ ପମ୍ପ ବିସ୍ଫୋରଣ ଘଟଣାରେ ଶନିବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଖୋର୍ଦ୍ଧା ଜିଲାପାଳ ଓ ପୋଲିସ କମିଶନରଙ୍କୁ ରିପୋର୍ଟ ତଲବ କରିଛନ୍ତି। ବିସ୍ଫୋରଣରେ ମୃତକଙ୍କ ସମ୍ପର୍କୀୟ କିମ୍ବା ଆହତ ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ଓ ତଦନ୍ତ ଅଗ୍ରଗତି ନେଇ ୪ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ କହିଛନ୍ତି। ରିପୋର୍ଟ ଦାଖଲ କରିବାରେ ବିଳମ୍ବ ଘଟିଲେ ମାନବାଧିକାର ସୁରକ୍ଷା ଆଇନର ଦଫା ୧୩ରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନ ଚେତାବନୀ ଦେଇଛନ୍ତି। ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ପିଟିଶନ ଅନୁସାରେ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ବିଫଳତା ଯୋଗୁ ଗତ ଅକ୍ଟୋବର ୭ରେ ରାଜଧାନୀର କେନ୍ଦ୍ରସ୍ଥଳରେ ଥିବା ଏହି ପେଟ୍ରୋଲ୍ ପମ୍ପରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଗୁରୁତର ଆହତ ହୋଇଥିଲେ। ଟାଙ୍କିରେ ଦହନଶୀଳ ପଦାର୍ଥ ଥିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦିଆଯାଇ ନ ଥିଲା। ଜନଗହଳି ଅଞ୍ଚଳରୁ ଏହାକୁ ସ୍ଥାନାନ୍ତର ସହିତ ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଅନୁରୋଧ କରିଥିଲେ। ପୂର୍ବରୁ ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ପୋଲିସ ଡିଜି ଓ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଥିଲେ। ତେବେ ଏନେଇ ଗୃହ ବିଭାଗ ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଥିଲା। ଏମ୍/ଏସ୍ ରାଜଭବନ ଫିଲିଂ ଷ୍ଟେଶନରେ ନିୟମିତ ଯାଞ୍ଚ ଓ ଟେଷ୍ଟିଂ ଚାଲିଥିବାବେଳେ ଭୂତଳ ଟାଙ୍କିରେ ବିସ୍ଫୋରଣ ଘଟିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା।

**ପେଟ୍ରୋଲ୍ ପମ୍ପ ବିସ୍ଫୋରଣ: ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ**



## ଶୈଳଶ୍ରୀବିହାରରୁ ୨ଜଣ ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୩।୭(ବ୍ୟୁରୋ)

ରାଜଧାନୀରେ ଡେଙ୍ଗୁ ବ୍ୟାପିବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚେତା ପଶିଛି। ବିଶେଷକରି ନର୍ଥ ଜୋନ୍‌ରେ ସ୍ଥିତି ଜଟିଳ ହେବାରେ ଲାଗିଛି। ଚନ୍ଦ୍ରଶେଖରପୁର ଓ ନିଳାଦ୍ରି ବିହାର ଅଞ୍ଚଳରେ ୧୨ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ଶନିବାର ୭ନଂ. ୱାର୍ଡ ଅନ୍ତର୍ଗତ ଶୈଳଶ୍ରୀବିହାରରୁ ୨ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖବର ପାଇବା ପରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯାମୀ ମିଶ୍ର, ସିଟି ହେଲ୍‌ଥ ଅଫିସର ଡ. ବସନ୍ତ କୁମାର ମିଶ୍ର, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ୱାର୍ଡ ଅଫିସର, ମେଡିକାଲ ଟିମ୍ ପ୍ରମୁଖ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ପରିମଳ ବ୍ୟବସ୍ଥାକୁ ତଦାରଖ କରିଛନ୍ତି। ଡେଙ୍ଗୁ ଲକ୍ଷଣ ଦେଖିବା ମାତ୍ରେ ଏହାକୁ ନ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ କୁହାଯାଇଛି। ଏଥିସହ ସେମାନେ ଶୈଳଶ୍ରୀବିହାର ଉନ୍ନୟନ ପରିଷଦ ସହିତ ବିଏମ୍‌ସି ଟିମ୍ ଆଲୋଚନା କରିଛି।

# ୮ରେ ଅଭିଭାବକ ମହାସଂଘର ଆମରଣ ଅନଶନ

**୧୫% ସ୍କୁଲ ଫି’ ଛାଡ଼ ଦାବି**

ଭୁବନେଶ୍ୱର, ୩।୭(ବ୍ୟୁରୋ)

ସ୍କୁଲ ଫି’ ଛାଡ଼ ନେଇ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନେକ ଶିକ୍ଷାନୁଷ୍ଠାନ ପାଳନ କରୁନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୮ ତାରିଖରୁ ଓଡ଼ିଶା ଅଭିଭାବକ ମହାସଂଘ ଭୁବନେଶ୍ୱର ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବ ବୋଲି ଚେତାବନୀ ଦେଇଛି। ସଂଘର କହିବାନୁଯାୟୀ, କରୋନା ମହାମାରୀରେ ଘରୋଇ ସ୍କୁଲରେ ଫି’ ଆଦାୟ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏମ୍‌ଓୟୁ ହୋଇ କେତୋଟି ସ୍ଲାବ୍‌ରେ ଫି’ ଛାଡ଼ ପାଇଁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ରାୟ ପରେ ବିଭାଗ ପକ୍ଷରୁ ପରିବର୍ତ୍ତିତ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ପୂର୍ବରୁ ଏମ୍‌ଓୟୁରେ ସାମିଲ ନ ଥିବା ସ୍କୁଲମାନେ ରିଆଡ୍‌ମିଶନ, ସେସନ, ପରୀକ୍ଷା, ଡେଭଲପ୍‌ମେଣ୍ଟ ଆଦି ଅନ୍ୟ ଫି’କୁ ଛାଡ଼ି କେବଳ ଟ୍ୟୁଶନ ଫି’ରୁ ୧୫% ଛାଡ଼ କରି ଅଭିଭାବକଙ୍କଠାରୁ କିଛି ମାସ ସମୟ ଦେଇ ଆଦାୟ କରିବାକୁ କୁହାଯାଇଥିଲା। ଏ ନେଇ ଗତ ଜୁନ ୩ରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାସେ ବିତିଯାଇଥିଲେ ସୁଦ୍ଧା ନିର୍ଦ୍ଦେଶ ଠିକ ଭାବେ କାର୍ଯ୍ୟକାରୀ ହେଲା ନାହିଁ। ଏପରିକି ଫି’ ଆଦାୟକୁ ନେଇ କୌଣସି ସ୍କୁଲ ପିଲାଙ୍କୁ ଅନ୍‌ଲାଇନ ପାଠପଢ଼ା, ପରୀକ୍ଷା, ପ୍ରୋଗ୍ରେସ କାର୍ଡ, କ୍ଲାସ୍ ପ୍ରମୋଶନ ଆଦିରୁ ବଞ୍ଚିତ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ ଅନେକ ସ୍କୁଲ ଆଦୌ ମାନୁନାହାନ୍ତି। ତେଣୁ ଆସନ୍ତା ୭ ତାରିଖ ସୁଦ୍ଧା ନିର୍ଦ୍ଦେଶର ଠିକ୍ କାର୍ଯ୍ୟକାରୀ ନ ହେଲେ ୮ ତାରିଖରେ ମହାସଂଘର ଭୁବନେଶ୍ୱର ଆବାହକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ନେତା ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମହାସଂଘ ଜିଲାପାଳଙ୍କୁ ଚିଠି ଲେଖି ମଧ ଜଣାଇଦେଇଛି।

## ୩ ଦୋକାନ ସିଲ୍, ଏକାଧିକ ଗଣିଲେ ଜରିମାନା






ଭୁବନେଶ୍ୱର, ୩।୭ (ବ୍ୟୁରୋ)

ସହରରେ ଲକ୍‌ଡାଉନ୍ କଟକଣା କୋହଳ କରାଯାଇଥିଲେ ମଧ ସପ୍ତାହାନ୍ତ ଶଟ୍‌ଡାଉନ୍ ବଳବତ୍ତର ରହିଛି। ତେବେ କୋହଳର ସୁଯୋଗ ନେଇ ଅମାନିଆ ବ୍ୟବସାୟୀ ନିୟମ ଉଲ୍ଲଂଘନ କରି ବେପାର କରୁଛନ୍ତି। ଶଟ୍‌ଡାଉନ୍‌ରେ ମଧ ଦୋକାନ ଖୋଲୁଛନ୍ତି। ସେହିଭଳି ଲୋକେ ମଧ ସବୁକିଛି ଭୁଲିଯାଇ ଗହଳି କରୁଥିବାରୁ ସଂକ୍ରମଣ ପୁଣି ବଢ଼ିବା ଆଶଙ୍କା ଦେଖାଦେଇଛି। ଶନିବାର ଦକ୍ଷିଣ ପଶ୍ଚିମ ଜୋନ୍‌ର ଲିଙ୍ଗରାଜ ମାର୍କେଟ ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥିବା ୩ ଦୋକାନକୁ ସିଲ୍ କରାଯାଇଛି। ଶଟ୍‌ଡାଉନ୍‌ରେ ଦୋକାନ ଖୋଲିବା ସହ କରୋନା ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ ଅଭିଯୋଗରେ ଦୋକାନଗୁଡିକରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଅନ୍ୟ ସ୍ଥାନରେ ଥିବା ଏକାଧିକ ଦୋକାନ ମାଲିକ ଜରିମାନା ଗଣିଥିଲେ। ପାହାଳ ମିଠା ବଜାରଠାରୁ ଆରମ୍ଭ କରି ରାଜପଥ, ରସୁଲଗଡ଼ ସମେତ ସହରର ବିଭିନ୍ନ ବଜାର ତଥା ଗଳକନ୍ଦିରେ ଲୁଚାଛପାରେ ବେପାର ଚାଲିଥିବା ଦେଖିବାକୁ ମିଳିଥିଲା। କେଉଁଠି ଶଟର ପକାଇ ତ ଆଉ କେଉଁଠି ଗଳାବାଟ ମେଲା ରହିଥିଲା। ରସୁଲଗଡ଼ସ୍ଥିତ ଏକ କେକ୍ ଦୋକାନ ଖୋଲାଥିବାବେଳେ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେତେବେଳେ ଦୋକାନରେ ବହୁ ଗ୍ରାହକ ରହିଥିବାବେଳେ ବାହାରେ ବି ଅନେକ ଅପେକ୍ଷା କରିଥିଲେ। ପୋଲିସ ଜରିମାନା ଆଦାୟ କରିବା ସହ ଦୋକାନକୁ ବନ୍ଦ କରିଥିଲା।

## ନାଟ୍ୟକାର ଡା.ଧନେଶ୍ୱର ସାହୁଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୩।୭

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରୀ ତଥା ନାଟ୍ୟକାର ଡା. ଧନେଶ୍ୱର ସାହୁ(୬୬)ଙ୍କ ଶନିବାର ପରଲୋକ ହୋଇଯାଇଛି। କିଛିଦିନ ପୂର୍ବେ ଶ୍ୱାସଜନିତ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କୁଣ୍ଡିଲୋ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ୧୯୫୪ରେ ଜନ୍ମଗ୍ରହଣ କରିଥିବା ଡା. ସାହୁ ବ୍ରହ୍ମପୁର ଏମ୍‌କେସିଜିରୁ ଡାକ୍ତରୀ ପାସ କରିବା ପରେ ସମ୍ବଲପୁର, କୋରାପୁଟ ନୟାଗଡ ଓ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟ କରିଛନ୍ତି। ଜଣେ ନାଟ୍ୟକାର ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ସେ ୨୬ଖଣ୍ଡ ନାଟ୍ୟ ପୁସ୍ତକ ରଚନା କରିଛନ୍ତି। ଭିନ୍ନ ଏକ ହାଟ, ଦରବାର, ଅଟୋବାଲା, ଆଞ୍ଜା ଗୋଟେ ମିନିଟ୍, ମାୟା ଆଦି ନାଟକ ଅନ୍ୟତମ। କଳା, ସାହିତ୍ୟ, ସଂସ୍କୃତି ଉପରେ ପର୍ଯ୍ୟବସିତ ପତ୍ରିକା ‘ଆମରି ସତ୍ୟ’ର ସେ ପୃଷ୍ଠପୋଷକ ଥିଲେ। ତାଙ୍କ ବିୟୋଗରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଗବେଷକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଡାକ୍ତର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩।୭(ବ୍ୟୁରୋ)

ରୋଟାରୀ କ୍ଲବ୍ ଭୁବନେଶ୍ୱର ସ୍କାଇଲ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ ଓ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଭର୍ଚୁଆଲ ଭାବେ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ଦେବଦତ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, କରୋନା ମହାମାରୀ ସମୟରେ ଡାକ୍ତରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରୋଟାରିଆନ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଶ୍ୱିନୀ କୁମାର କର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱସ୍ତରରେ ସେବା କ୍ଷେତ୍ରରେ ରୋଟାରୀର ଭୂମିକା ବିଷୟରେ କହିଥିଲେ। ଏହି ଅବସରରେ ଡା. ଭରତ ଚନ୍ଦ୍ର ଭୂୟାଁ, ଡା. ପ୍ରିୟଙ୍କା ସାମଲ, ଡା. ସୁବ୍ରହ୍ମ ପାଣି, ଡା. ମାନସ କୁମାର ଉପାଧ୍ୟାୟ, ଡା. ଆଲୋକ ମହାନ୍ତି, ଡା. ଅମଳେନ୍ଦୁ ଜେନା, ଡା. ଲୋକନାଥ ସାହୁ, ଡା. ଦେବଦତ୍ତ ମହାପାତ୍ର ଓ ଡା. ସମ୍ବିତ ପ୍ରଧାନ ପ୍ରମୁଖ ୯ଜଣ ଡାକ୍ତରଙ୍କୁ କୋଭିଡ୍ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କୁମାର ନାୟକ ଓ ସଞ୍ଜିତ କୁମାର ପଣ୍ଡାଙ୍କୁ ‘ନେଶନ ବିଲ୍ଡର’ ସମ୍ମାନ ମିଳିଥିଲା। ସଭାପତି ରୋଟାରିଆନ୍ ସୌମ୍ୟକାନ୍ତ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସମ୍ପାଦକ ରୋଟାରିଆନ ସୁଚିତ୍ରା ସାହୁ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର
ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ
ମନପସନ୍ଦ ବିବାହ, ବିଦେଶ ଯାତ୍ରା,
କୋର୍ଟ କେସ୍, ସଉତୁଣୀ/ଶତ୍ରୁ
ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ,
ଗୁଣିଗାରେଡ଼ି, କ୍ୟାରିୟରରେ
ବାଧା, ଔଷଧ କାମ ନ କରିବା,
ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର
ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

# ପ୍ରଣବଙ୍କ ଆଗୁଆ ଜାମିନ ହାଇକୋର୍ଟରେ ଖାରଜ

**ସୁବର୍ଣ୍ଣପୁର ଏନ୍‌ଏଚ୍‌ଏମ୍ ଆକାଉଣ୍ଟରୁ ୫.୧ କୋଟି ଠକେଇ ଘଟଣା**

ଭୁବନେଶ୍ୱର,୩।୭(ବ୍ୟୁରୋ)

ସୁବର୍ଣ୍ଣପୁର ଜାତୀୟ ମିଶନ (ଏନଏଚ୍‌ଏମ୍) ବ୍ୟାଙ୍କ ଆକାଉଣ୍ଟରୁ ୫ କୋଟି ୧ଲକ୍ଷ ୫୦ ହଜାର ଟଙ୍କା ଠକେଇ ଘଟଣାରେ ଅନ୍ୟତମ ଅଭିଯୁକ୍ତ ନୟାପଲ୍ଲୀର ପ୍ରଣବ କୁମାର ରାଏ ଏବେ ବି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚର ଗିରଫଦାରିରୁ ନିଜକୁ ବଞ୍ଚାଇବା ପାଇଁ ପ୍ରଣବ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ତାଙ୍କ ଜାମିନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହା ଏକ ବଡ଼ ଧରଣର ଆର୍ଥିକ ଠକେଇ। ଏଥିପାଇଁ ଉପଯୁକ୍ତ ତଦନ୍ତର ଆବଶ୍ୟକତା ରହିଛି। ଏଭଳି କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଗଲେ ତଦନ୍ତରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ପ୍ରଣବଙ୍କ ଆଗୁଆ ଜାମିନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ସୂଚନା ଯୋଗ୍ୟ, ଗତ ଏପ୍ରିଲ୍ ୭ରେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ଓ ଏନଏଚ୍‌ଏମ୍ ଆକାଉଣ୍ଟରୁ ୫ କୋଟି ୧ଲକ୍ଷ ୫୦ହଜାର ଟଙ୍କାକୁ ବେଆଇନ ଭାବେ ଅନ୍ୟଏକ ଆକାଉଣ୍ଟକୁ ଟ୍ରାନ୍ସଫର କରି ଉଠାଇ ନିଆଯାଇଥିଲା। ସୁବର୍ଣ୍ଣପୁର ଏସ୍‌ଡିପିଓ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିବା ପରେ ନଂ.୮/୨୧ରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ ହୋଇଥିଲା। ଉକ୍ତ ଟଙ୍କା ଏମ୍/ଏସ୍ ନାତୁରାଲ୍ସ ନାମରେ ଥିବା ଆକାଉଣ୍ଟକୁ ପଠାଯାଇଥିବା ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଥିଲା। ଏନେଇ ଏମ୍/ଏସ୍ ନାତୁରାଲ୍ସର କର୍ମଚାରୀ ସମୀର କୁମାର ପାଟୀଙ୍କୁ ଗିରଫ କରାଯାଇଥିଲା। ଏନଏଚ୍‌ଏମ୍ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ ରାଜକିଶୋର ନାୟକ ଏହି ଠକେଇ ଘଟଣାର ମୁଖ୍ୟ କାର୍ଫଟଦାର ଥିବା ଜଣାପଡିବା ପରେ ତାଙ୍କ ସହ ଅନ୍ୟ ଜଣେ ସହଯୋଗୀଙ୍କୁ ମଧ ଗିରଫ କରାଯାଇଥିଲା। ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କ ଆକାଉଣ୍ଟ ଅଚଳ କରି ସେଥିରୁ ୩ କୋଟି ୩୦ ଲକ୍ଷ ଟଙ୍କା ଜବତ କରିଥିଲା। ବାକି ୧ କୋଟି ୭୧ ଲକ୍ଷ ଟଙ୍କା ବିଭିନ୍ନ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଇଥିବାବେଳେ କିଛି ଟଙ୍କା ନଗଦ ଭାବେ ଉଠାଯାଇଥିଲା। ଏଥିରୁ ୧କୋଟି ୫୦ ଲକ୍ଷ ପ୍ରଣବଙ୍କ ଆକାଉଣ୍ଟକୁ ପଠାଯାଇଥିବାରୁ ଇଓଡବ୍ଲ୍ୟୁ ତାଙ୍କ ନାମରେ ମାମଲା ରୁଜୁ କରି ଗିରଫ ପାଇଁ ଉଦ୍ୟମ ଚଳାଇଛି।

## ୨୫ ଲକ୍ଷର ବ୍ରାଉନସୁଗାର ଜବତ, ୨ଗିରଫ

**ଭୁବନେଶ୍ୱର (ବ୍ୟୁରୋ)/ବାଲିଅନ୍ତା,୩।୭(ଡି.ଏନ୍.ଏ)** କୁଇକ୍‌ଆକ୍ସନ ଟିମ୍ ଓ ବାଲିଅନ୍ତା ପୋଲିସ ଚଢାଉ କରି ଦୁଇ ବ୍ରାଉନ୍‌ସୁଗାର ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଜଗନ୍ନାଥପୁରର ବାପି ନାୟକ ଓରଫ୍ ଭଞ୍ଜ ଓ ହଳଦିପଡିଆ ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସୋର ଅନନ୍ତପୁରର ଶେଖ୍ ଜାମ୍‌ସେଦ। ସେମାନଙ୍କଠାରୁ ପୋଲିସ ୨୨୫ ଗ୍ରାମ ବ୍ରାଉନ୍‌ସୁଗାର, ନଗଦ ୪୮ ହଜାର ୫୩୦ ଟଙ୍କା, ଦୁଇଟି ବାଇକ ଓ ୪ ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। –ଶ୍ରୀମା

# କିଛି ଦେଖି ପାରୁନାହୁଁ



**ଆକାର ପଟେଲ**

ଆମେରିକାରେ ସ୍ତମ୍ଭ ଲେଖିବା ପାଣ୍ଡିତ୍ୟ କାମ ବୋଲି କୁହାଯାଏ। ଆମେରିକୀୟଙ୍କ ଅନୁସାରେ ପଣ୍ଡିତ କହିଲେ କୌଣସି ନିର୍ଦ୍ଦିଷ୍ଟ ବିଷୟ କିମ୍ବା କ୍ଷେତ୍ରରେ ଜଣେ ବିଶେଷଜ୍ଞଙ୍କୁ ବୁଝାଏ, ଯିଏ ଲଗାତର ଜନସାଧାରଣଙ୍କ ପାଖରେ ତାଙ୍କ ମତାମତ ଉପସ୍ଥାପନ କରିଥାଆନ୍ତି। ବାସ୍ତବରେ ଏହା ପାଣ୍ଡିତ୍ୟ ନୁହେଁ। ଖବରକାଗଜର ସ୍ତମ୍ଭକାରମାନେ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା କ୍ଷେତ୍ରରେ ପଣ୍ଡିତ ବା ବିଶେଷଜ୍ଞ ନୁହନ୍ତି। ପ୍ରାୟତଃ ସେମାନଙ୍କ ମଧ୍ୟରୁ ସମସ୍ତେ ସାମ୍ବାଦିକତା କ୍ଷେତ୍ରରୁ ଆସିଥାଆନ୍ତି ଏବଂ ଖବରଦାତା ଭାବେ କାର୍ଯ୍ୟ କରିବାରେ ଅଭ୍ୟସ୍ତ ଥାଆନ୍ତି କିମ୍ବା ସମ୍ପାଦକ ଭାବେ କାର୍ଯ୍ୟ କରିଥାଆନ୍ତି। ଯଦି ସେମାନେ କୌଣସି ବିଷୟରେ ବିଶେଷଜ୍ଞ ହୋଇଥାଆନ୍ତି ତେବେ ତାହା ସେମାନଙ୍କ ରିପୋର୍ଟିଂ କ୍ଷେତ୍ରର ହିଁ ହୋଇଥିବ। କିନ୍ତୁ ସ୍ୱାସ୍ଥ୍ୟ ସେବା ଉପରେ ଜଣେ ରିପୋର୍ଟର କେମିତି ମେଡିସିନ ଏବଂ ସର୍ଜରିର ବିଶେଷଜ୍ଞ ହୋଇପାରିବ। ଏମିତି କେହି ବି ନ ଥିବେ। ସ୍ତମ୍ଭକାରମାନେ ଘଟଣା ଘଟିବା ପରେ ବ୍ୟାଖ୍ୟା କରିଥାଆନ୍ତି। ଘଟିଯାଇଥିବା ଘଟଣା ବିଷୟରେ ସେମାନେ ଲେଖିଥାଆନ୍ତି। ହେଲେ ଆଗକୁ କ'ଣ ଘଟିବ ସେ ସମ୍ପର୍କରେ କିଛି ଧାରଣା ନ ଥାଏ। କେତେ ଜଣ ଭାରତୀୟ ସ୍ତମ୍ଭକାର ଆର୍ଥିକ ମାନ୍ଦାବସ୍ଥା, କରୋନା ଦ୍ୱିତୀୟ ଲହର ଏବଂ ଲଦାଖରେ ଚାଇନାର ଅନୁପ୍ରବେଶ, ନାଗରିକତ୍ୱ ସଂଶୋଧନ ଆଇନ ଉପରେ ଲୋକଙ୍କ ପ୍ରତିକ୍ରିୟା, ବିମୁଦ୍ରୀକରଣ ଏବଂ ୩ ବର୍ଷ ମୋଟ ଘରୋଇ ଉତ୍ପାଦ କମିବା, ସେବା ଓ ସାମଗ୍ରୀ ଟିକସର ବିଫଳତା କିମ୍ବା କଶ୍ମୀରକୁ ଭାଗ ଭାଗ କରିବା ସମ୍ପର୍କରେ ଆକଳନ କରିଥିଲେ ? କେହି ଜଣେ ବି ଏହା କରି ନାହାନ୍ତି। ପଶ୍ଚିମବଙ୍ଗ ନିର୍ବାଚନରେ ଅତ୍ୟଧିକ ଭୋଟ ପାଇ ଟିଏମ୍‌ସି ଜିତିବା ବିଷୟରେ କେତେ ଜଣ ଆକଳନ କରିଥିଲେ। କେହି ବି ନୁହେଁ। ଏଥିରୁ ସ୍ପଷ୍ଟ, ଆମେ ରାଜନୈତିକ କ୍ଷେତ୍ରରେ ମଧ୍ୟ ବିଶେଷଜ୍ଞ ନୋହୁଁ। ନିରପେକ୍ଷ ଭାବେ କହିବାକୁ ଗଲେ ଏହା ଆମର ଭୁଲ୍ ନୁହେଁ। ପାଖାପାଖିରେ କ'ଣ ଘଟିବ ତାହା ଆକାଳନ କରିବା କଷ୍ଟକର, କାରଣ ଏଥିସହିତ ହ୍ୟୁମ୍ୟାନ ଏଜେନ୍ସି ଜଡ଼ିତ। କିନ୍ତୁ ଦୀର୍ଘମିଆଦୀ ଘଟଣା ଉପରେ ଆକଳନ କରିବା ତ ସହଜ, କାରଣ ଏହା ହ୍ୟୁମ୍ୟାନ ଏଜେନ୍ସି ଦ୍ୱାରା କରା ନ ଯାଇ ପ୍ରଯୁକ୍ତି ଏବଂ ବିଜ୍ଞାନ ଆଧାରରେ କରାଯାଇଥାଏ। ଭବିଷ୍ୟତ ଉପରେ ପୂର୍ବାନୁମାନ କରିବା ଦ୍ୱାରା ଆମେ ବିକାଶର ହାରକୁ ଅନୁଧ୍ୟାନ କରିବାକୁ ସକ୍ଷମ ହେବା।

ଜଳବାୟୁ ପରିବର୍ତ୍ତନ ହେବ କାରଣ ବିଜ୍ଞାନ ଏକଥା କହୁଛି। ଭାରତ ପ୍ରଯୁକ୍ତି ଉପରେ ନିର୍ଭର କରୁଥିବାରୁ ଏଠାରେ ରାଜନୀତି ଓ ଅର୍ଥନୀତିରେ ବୈଦେଶିକ ପ୍ରଭାବ ବୃଦ୍ଧିପାଇବ। ସାମରିକ କ୍ଷମତା ପ୍ରଯୁକ୍ତି ଶକ୍ତି ସହ ଜଡିତ ହେଉଥିବା ଯୋଗୁ ଯୁଦ୍ଧ ଅଧିକ ନିର୍ଣ୍ଣାୟକ ହେବ। ଶେଷରେ ଏସବୁଥିରୁ ଆମକୁ କ'ଣ ବୁଝାପଡୁଛି ? ଶତାବ୍ଦୀ ଶତାବ୍ଦୀ ଧରି ଉକ୍ତ ବିଷୟଗୁଡ଼ିକର କିଛି ମାନେ ନ ଥିଲା, କାରଣ ଏବକା ତୁଳନାରେ ସେତେବେଳେ ବିକାଶ ମନ୍ଥର ଥିଲା। ଊନବିଂଶ ଶତାବ୍ଦୀରେ ଯେତେବେଳେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ସଞ୍ଚାଳନର କ୍ଷମତା ଆବିଷ୍କୃତ ହେଲା ସେତେବେଳେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲା। ୧୯୦୩ ଡିସେମ୍ବରରେ ମାନବ ପ୍ରଥମେ କିଛି ବାଟ ବିମାନରେ ଉଡ଼ିପାରିଲା। ପରେ ୬୬ ବର୍ଷ ମଧ୍ୟରେ ଆମେରିକୀୟମାନେ ଚନ୍ଦ୍ରରେ ଲୋକଙ୍କୁ ପହଞ୍ଚାଇଦେଲେ। ଏଭଳି ପରିବର୍ତ୍ତନର ଗତି ଏହା ପୂର୍ବରୁ କେବେ ବି ଦେଖାଯାଇ ନାହିଁ, କିନ୍ତୁ ସେବେଠାରୁ କମ୍ପ୍ୟୁଟିଂ କ୍ଷମତା ବୃଦ୍ଧି ପାଇବା ଯୋଗୁ ପରିବର୍ତ୍ତନ ତୀବ୍ର ହୋଇଛି। ଏବେ କମ୍ପ୍ୟୁଟେଶନରେ ମଣିଷ ବ୍ରେନ୍‌ଠାରୁ ସୁପର୍‌କମ୍ପ୍ୟୁଟର୍‌ଗୁଡ଼ିକର ଦକ୍ଷତା ଢେର ଅଧିକ। ଏହା କେବଳ ଏକ ସଫ୍ଟୱେର ବା ଆଲ୍‌ଗୋରିଦ୍, ଯାହା ସେଗୁଡ଼ିକୁ ମଣିଷ ଭଳି ଗଢ଼ି ତୋଳିଛି। ଏହା ମଧ୍ୟ କମ୍ପ୍ୟୁଟରକୁ ସାଧାରଣ ବୁଦ୍ଧିମତ୍ତା ଯୋଗାଇ ଦେଇଛି। ବିମାନ ଚଳାଇବାଠାରୁ ଚେସ୍ ଖେଳିବା ଏପରି କି ଏକ୍ସ–ରେ ସ୍କାନ ଯାଏ, କମ୍ପ୍ୟୁଟରର ସୂକ୍ଷ୍ମ ବୁଦ୍ଧିମତ୍ତା ଆମଠାରୁ ବହୁତ ଭଲ ହୋଇଗଲାଣି। କିନ୍ତୁ ଆମଭଳି କମ୍ପ୍ୟୁଟର ବହି ପଢ଼ିପାରିବ ନାହିଁ। ଏହାର ଚିନ୍ତା କରିବାର କ୍ଷମତା ନାହିଁ। ତେବେ ଲୋକମାନେ କମ୍ପ୍ୟୁଟରକୁ ଆମ ଭଳି ହେବା ଲାଗି ପ୍ରଶିକ୍ଷଣ ଦେଉଛନ୍ତି। ଏହାଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ କମ୍ପ୍ୟୁଟରର ସାଧାରଣ ବୁଦ୍ଧିମତ୍ତା ବିକାଶ କରିବ ବୋଲି ଅନୁମାନ କରାଯାଉଛି। ଏଭଳି ବୁଦ୍ଧିମତ୍ତା ବିକଶିତ ହୋଇପାରିଲେ ତାହା କ'ଣ ବିବର୍ତ୍ତନ ଧାରାରେ ନିଜକୁ ଦ୍ରୁତ ବିକଶିତ କରିବାକୁ ସକ୍ଷମ ହେବ। ଆମେ ଯେଭଳି ଚିନ୍ତା କରିପାରୁଛୁ ସେଭଳି କରିବାକୁ କ'ଣ ସକ୍ଷମ ହେବ। ଏହା ଉପରେ ଅନେକ ବହି ଲେଖାଯାଇଛି। ଆମେରିକାରେ ବିଲ୍ ଗେଟ୍ସ, ଏଲନ୍ ମସ୍କ ସମେତ ବହୁ ବିଦ୍ୱାନମଣ୍ଡଳୀରେ ଏହି ବିଷୟରେ ଗମ୍ଭୀର ଆଲୋଚନା କରାଯାଉଛି। କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ୨୦ ବର୍ଷ ପରେ ମାନବ ଜାତି ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଥିବାରୁ ସେମାନେ ଏଭଳି ଆଲୋଚନା କରୁଛନ୍ତି।

ଉଭୟ ଆମେରିକା ଏବଂ ଚାଇନା(ସେମାନଙ୍କ ସାମରିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ପ୍ରୋଗ୍ରାମ ରହିଛି) ମଧ୍ୟ ଏହା ଉପରେ ଆଲୋଚନା କରୁଛନ୍ତି। କିନ୍ତୁ ଭାରତ ଏ ବିଷୟରେ କିଛି ଚିନ୍ତା କରୁନାହିଁ। ଯଦି ୨୦୩୦ ସୁଦ୍ଧା ପାରମ୍ପରିକ ଶକ୍ତି ଏବଂ ବୈଦ୍ୟୁତିକ କାର୍ କ୍ଷେତ୍ରରେ ପାଶ୍ଚାତ୍ୟରେ ବ୍ୟାପକ ପରିବର୍ତ୍ତନ ହୁଏ ତେବେ ଅଶୋଧିତ ତୈଳ ଉତ୍ପାଦନରେ କ'ଣ ଘଟିବ ? ଆସନ୍ତା ୧୦ ବର୍ଷ ମଧ୍ୟରେ ଆମେରିକାର ଏକ କମ୍ପାନୀ ମଙ୍ଗଳରେ ବସତି ସ୍ଥାପନ କରିବାର ଯୋଜନା କରୁଛି। ଏଥିପାଇଁ ରକେଟ ମଧ୍ୟ ନିର୍ମାଣ କରାଯାଇ ତାହାର ପରୀକ୍ଷା କରାଯାଇସାରିଲାଣି। ତେବେ ପୃଥିବୀର ଭବିଷ୍ୟତ କ'ଣ ହେବ ? ୩ଡି ପ୍ରିଣ୍ଟ ଶୀଘ୍ର ମାନୁଫାକଚରିଂରେ ବ୍ୟାପକ ପରିବର୍ତ୍ତନ ଆଣିବ ଏବଂ ବହୁ ବ୍ୟବସାୟକୁ ଅକାମୀ କରିଦେବ। ଏ ପରିସ୍ଥିତିରେ ବିକଶିତ ହୋଇ ନ ଥିବା ଭାରତର ଭବିଷ୍ୟତ କ'ଣ ହେବ ? ଆମର କୋଟି କୋଟି ଲୋକ କେଉଁଠି ନିଯୁକ୍ତି ପାଇବେ ? ଏବେ ଆମ ଜୀବନ ଯେମିତି ଅଛି ଆଉ ୧୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଭିନ୍ନ ହୋଇଯିବ ଓ ୨୦ ବର୍ଷ ଭିତରେ ଏହା ପୂରା ପରିବର୍ତ୍ତନ ହୋଇଯାଇଥିବ। କିନ୍ତୁ ଭାରତ ରାଜନୀତି ଓ ସାମାଜିକ କ୍ଷେତ୍ରର ସଙ୍କୀର୍ଣ୍ଣ ସ୍ଥିତି ଯୋଗୁ ଆମେ କିଛି ଦେଖିପାରୁନାହୁଁ। ଭବିଷ୍ୟତକୁ ନେଇ ବି ବହୁତ କମ୍ ପୂର୍ବାନୁମାନ କରୁଛୁ।

Email:aakar.patel@gmail.com

# ଟିକାକରଣର ଶ୍ରେୟ କାହାକୁ



**ଭାଲଚନ୍ଦ୍ର ଷଡ଼ଙ୍ଗୀ**

ନିକଟରେ ରାଜ୍ୟର କିଛି ଟିକାକରଣ କେନ୍ଦ୍ରରେ ଭାଜପା କର୍ମୀମାନେ ପଶି ସେଠାରେ ଲାଗିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ବ୍ୟାନରକୁ ଚିରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା କଟ୍‌ଆଉଟ୍ ଲଗାଇବାର ଦୁର୍ଭାଗ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ପ୍ରଧାନମନ୍ତ୍ରୀଙ୍କ ଫଟୋ କାହିଁକି ଲାଗିଲାନି, ତା'ରି ପ୍ରତିବାଦରେ ଭାଜପା କର୍ମୀମାନେ ସେପରି କରିବା ଜଣାପଡ଼ିଛି। ତେବେ ରାଜନୈତିକ ସ୍ୱାର୍ଥ ପାଇଁ ଟିକାକରଣର ଶ୍ରେୟ ନେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ମଧ୍ୟରେ ଚାଲିଥିବା ଏଭଳି କୁତ୍ସିତ ପ୍ରତିଯୋଗିତା କୋଭିଡ୍ ଟିକାକରଣର କାର୍ଯ୍ୟକ୍ରମକୁ ରାଜନୈତିକ ଲଢ଼େଇର ଆଖଡ଼ାରେ ପରିଣତ କରିଦେଇଛି।

ପ୍ରଥମରୁ ହିଁ କେନ୍ଦ୍ର ସରକାର ଟିକାକରଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କୁ ବିଶ୍ୱାସକୁ ନେବା ପରିବର୍ତ୍ତେ ସବୁ ଏହାର ରାଜନୈତିକ ଶ୍ରେୟ ନିଜେ ନେବାକୁ ଚେଷ୍ଟା କରି ଆସିଛନ୍ତି। ଭାଜପା ପକ୍ଷରୁ ଦେଶ ସାରା ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ହିଁ ଏହି ଟିକା ସମ୍ଭବ ହୋଇଛି ବୋଲି ପ୍ରଚାର କରାଯିବା ସହ କିଛି ନେତା କୋଭିଡ୍ ଟିକାକୁ 'ମୋଦି ଟିକା' ବୋଲି ବି କହିବାକୁ ପଛେଇ ନାହାନ୍ତି। ନିକଟରେ ଦେଶର ସବୁ ବିଶ୍ୱବିଦ୍ୟାଳୟରେ ମୋଦିଙ୍କ ଫଟୋ ଥାଇ ଟିକାକରଣର ବ୍ୟାନର ଲଗାଇବାକୁ ଇତି ମଧ୍ୟରେ ୟୁଜିସି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି କ୍ରମରେ ସବୁଠାରୁ ଖରାପ ପରମ୍ପରା ସୃଷ୍ଟି ହୋଇଛି, ଯେତେବେଳେ କେନ୍ଦ୍ର ସରକାର ଟିକାକରଣ ସାର୍ଟିଫିକେଟ୍‌ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ ରଖିଲେ।

ଟିକାକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେବାକୁ ସରକାରଙ୍କ ଏଭଳି ପଦକ୍ଷେପ ରାଜନୈତିକ ବିବାଦ ସୃଷ୍ଟି କରିବା ସ୍ୱାଭାବିକ ଥିଲା। ପ୍ରଧାନମନ୍ତ୍ରୀଙ୍କ ଫଟୋ ଲାଗିବାର ପ୍ରତିବାଦରେ ସାର୍ଟିଫିକେଟ୍ ନେବାକୁ କିଛି ବୁଦ୍ଧିଜୀବୀ ମନା କରିଥିବା ବେଳେ ସୋସିଆଲ ମିଡିଆରେ ଟିକା ସାର୍ଟିଫିକେଟ୍ ପରି କୋଭିଡ୍ ମୃତକଙ୍କ ମୃତ୍ୟୁ ସାର୍ଟିଫିକେଟ୍‌ରେ ବି ମୋଦିଙ୍କ ଫଟୋ ଲଗାଯାଉ ବୋଲି ଅନେକେ କଟାକ୍ଷ କଲେ। ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ମମତା ବାନାର୍ଜୀଙ୍କ ଅଭିଯୋଗ ପରେ ନିର୍ବାଚନ କମିଶନ ସାମୟିକ ଭାବେ ମୋଦିଙ୍କ ଫଟୋ ଲଗାଇବା ଉପରେ ସାମୟିକ ରୋକ୍ ଲଗାଇଥିଲେ। ବିରୋଧୀ ଦଳ ଶାସିତ ଅନ୍ୟ ରାଜ୍ୟ ସରକାର ମଧ୍ୟ ଏନେଇ ନିଜର ଅସନ୍ତୋଷ ପ୍ରକାଶ କରିବା ସହିତ ଟିକାକରଣର ଶ୍ରେୟ ନିଜେ ନେବାକୁ ବି ଚାହିଁଲେ। ଯେତେବେଳେ କେନ୍ଦ୍ର ସରକାର ରାଜ୍ୟ ଉପରେ ଟିକାକରଣର ଭାରକୁ ଲଦିଲେ, ସେତେବେଳେ ରାଜ୍ୟ ସରକାର ଏହାର ଶ୍ରେୟ ନେବାକୁ ସୁଯୋଗ ପାଇଗଲେ। ଏହି କ୍ରମରେ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ସମସ୍ତ ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସମ୍ବଳିତ ପୋଷ୍ଟର ଓ କଟ୍‌ଆଉଟ୍ ସବୁ ଛାଇ କରିଦେଇ ଏହି ବିବାଦକୁ ଆଉ ପାଦେ ଆଗକୁ ବଢ଼େଇଲେ।

ଏଠାରେ ପ୍ରଶ୍ନ ଉଠେ, ଟିକାକରଣର ଶ୍ରେୟ ରାଜନୈତିକ ନେତାଙ୍କୁ ଦେବା କେତେଦୂର ଯଥାର୍ଥ ? ବର୍ତ୍ତମାନ ସାରା ବିଶ୍ୱରେ କୋଭିଡ୍ ଟିକାକରଣ ଜୋରସୋରରେ ଚାଲିଥିବା ବେଳେ ଭାରତକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେଶରେ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ଟିକାକରଣର ଶ୍ରେୟ ନେବାକୁ ଏଭଳି ଚେଷ୍ଟା କରିବା ଦେଖାଯାଇନି। ଏପରି କି ଆମ ଦେଶରେ ବି ଟିକାକରଣକୁ ନେଇ ଏଭଳି ବିବାଦ କେବେ ଦେଖାଯାଇ ନ ଥିଲା। ଦଶକ ଦଶକ ଧରି ଦେଶରେ ବିଭିନ୍ନ ରୋଗର ସଫଳ ଟିକାକରଣ ଚାଲିଥିଲେ ମଧ୍ୟ କୌଣସି ସରକାର ତା'ର ରାଜନୀତୀକରଣ କରିବାକୁ ଉଦ୍ୟମ କରି ନ ଥିଲେ। ଅନେକ ଶତାବ୍ଦୀ ଧରି ବସନ୍ତ ରୋଗ ଭାରତର ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଥିଲା, ଯେଉଁଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ପ୍ରାଣ ହରାଉଥିଲେ। ଷାଠିଏ ଦଶକ ସୁଦ୍ଧା ବିଶ୍ୱର ୬୦% ବସନ୍ତ ରୋଗୀ ଭାରତରେ ଥିଲେ। କିନ୍ତୁ ୧୯୭୧–୭୫ ମଧ୍ୟରେ ତତ୍କାଳୀନ ସରକାର ଏହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସହାୟତାରେ ଏକ ବଡ଼ ଧରଣର ଟିକାକରଣ ଅଭିଯାନ ଚଳାଇବା ଫଳରେ ଦେଶରୁ ବସନ୍ତ ରୋଗ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟିତ ହୋଇପାରିଥିଲା। ଏହି ଅଭିଯାନର ସଫଳତା ହିଁ ପରବର୍ତ୍ତୀ ଅବସ୍ଥାରେ ଦେଶରେ ଅନେକ ରୋଗର ଟିକାର ବିକାଶ ଓ ଗବେଷଣା କରିବାକୁ ଉତ୍ସାହିତ କରିଥିଲା। ଭାରତ ସରକାର ଜନସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇ ଦେଶରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ବିକଶିତ କରିବା ଆରମ୍ଭ କରିଥିଲେ।

ସେହିପରି ୧୯୯୦ ସୁଦ୍ଧା ଭାରତ ଏକ ପୋଲିଓ ଅଧ୍ୟୁଷିତ ଦେଶରେ ପରିଣତ ହୋଇଥିଲା। ପ୍ରତିଦିନ ୫୦୦–୧୦୦୦ ଶିଶୁ ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇ ଅକର୍ମଣ୍ୟର ଶିକାର ହେଉଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ପୋଲିଓ ଉନ୍ମୁଳନ ଅଭିଯାନ ଅନ୍ତର୍ଗତ ଦେଶବ୍ୟାପୀ ଯେଉଁ ଟିକାକରଣ ଅଭିଯାନ ନିଆଗଲା, ତା'ରି ଫଳସ୍ୱରୂପ ୨୦୧୧ ସୁଦ୍ଧା ଭାରତ ସମ୍ପୂର୍ଣ୍ଣ ପୋଲିଓମୁକ୍ତ ହୋଇପାରିଥିଲା। ଉଲ୍ଲେଖଯୋଗ୍ୟ ଯେ ଦେଶରେ ଦୁଇ ଦୁଇଟି ମାରାତ୍ମକ ବ୍ୟାଧିର ସଂପୂର୍ଣ୍ଣ ଉନ୍ମୁଳନ ପାଇଁ ହୋଇଥିବା ଉପରୋକ୍ତ ବିଶାଳକାୟ ଟିକାକରଣ ଅଭିଯାନ ସଫଳ ହେବା ସତ୍ତ୍ୱେ ଅତୀତରେ କୌଣସି ବି ସରକାର ଏହାର ରାଜନୀତୀକରଣ କରିବାକୁ ଚେଷ୍ଟା କରି ନ ଥିଲେ। ଟିକାକରଣ କେନ୍ଦ୍ରରେ କୌଣସି ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କର ସାମାନ୍ୟ ଫଟୋଟିଏ ବି ଦେଖିବାକୁ ମିଳି ନ ଥିଲା। ବରଂ ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ଟିକାକରଣ କରୁଥିଲେ। ଆଜି କୋଭିଡ୍ ବିରୋଧରେ ଟିକାକରଣ ଅଭିଯାନରେ ଯୋଗାଡ଼ କରି ରେକର୍ଡ ସୃଷ୍ଟି କରିବା ନାଁରେ ସରକାର ଗୋଟିଏ ଦିନ ପାଇଁ ୮୦ ଲକ୍ଷ ଲୋକଙ୍କୁ ଟିକା ଲଗାଇ ରେକର୍ଡ କରିବାର ଦାବି କରିଛନ୍ତି। କିନ୍ତୁ ମନମୋହନ ସିଂଙ୍କ ସରକାର ସମୟରେ ପଲ୍‌ସ ପୋଲିଓ ଅଭିଯାନରେ ଗୋଟିଏ ଦିନରେ ୧୭ କୋଟି ଶିଶୁଙ୍କୁ ପୋଲିଓ ଟିକା ଦେଇ ବିଶ୍ୱରେ ଟିକାଦାନରେ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ଏଭଳି ଆତ୍ମପ୍ରଚାର କରି ନ ଥିଲେ।

କୋଭିଡ୍ ମହାମାରୀର ପରିଚାଳନା ଏବଂ ଠିକ୍ ସମୟରେ ଟିକାକରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କେନ୍ଦ୍ର ସରକାର ନିଜର ଅପାରଗତାକୁ ଲୁଚେଇବା ପାଇଁ ଏବେ ଟିକାକରଣକୁ ବ୍ୟବହାର କରିବା ଦେଖାଯାଇଛି। ରାଜନୈତିକ ଶ୍ରେୟ ନେବା ପାଇଁ ଟିକାକରଣ ପରି ଏକ ଜନସ୍ୱାସ୍ଥ୍ୟ ଅଭିଯାନର ରାଜନୀତୀକରଣ କରାଯାଇଛି। ଟିକାକରଣ ଜରିଆରେ କୋଭିଡ୍ ସଂକ୍ରମଣରୁ ଦେଶବାସୀଙ୍କୁ ସୁରକ୍ଷିତ ରଖିବା ମୁଖ୍ୟ ଉଦ୍ଦେଶ୍ୟ ହେବା ବଦଳରେ ନିଜର ଭାବମୂର୍ତ୍ତିକୁ ବଢ଼ାଇବା ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ହେବା ଦେଖିବାକୁ ମିଳିଛି; ଯାହାର ଭୁଲ୍ ଟିକାନୀତି ଏବଂ ଆପରାଧିକ ଅବହେଳା ଲାଗି ଟିକାକରଣରେ ଅହେତୁକ ବିଳମ୍ବ ହେଲା ଏବଂ କରୋନାର ଦ୍ୱିତୀୟ ଢେଉରେ ଦେଶରେ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହେଲେ ତଥା ଅନେକେ ପ୍ରାଣ ହରାଇଲେ, ତାଙ୍କରି ଫଟୋକୁ ଟିକା ସାର୍ଟିଫିକେଟ୍‌ରେ ରଖିବା ଅନାବଶ୍ୟକ ତଥା ଅଯୌକ୍ତିକ ମନେହୁଏ।

ଏଠାରେ ପ୍ରଶ୍ନ ଉଠେ, ଟିକାକରଣ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କ ଅବଦାନ କ'ଣ ? ଭାଜପାର ନେତାମାନେ ବାରମ୍ବାର ଦାବି କରୁଛନ୍ତି ଯେ, ଦିଲ୍ଲୀରୁ ମୋଦି ଟିକା ପଠାଉଛନ୍ତି। କ'ଣ ପ୍ରଧାନମନ୍ତ୍ରୀ ନିଜ ପକେଟରୁ ବା ତାଙ୍କ ଦଳ ନିଜ ପାଣ୍ଠିରୁ ଏହି ଟିକାକରଣ ପାଇଁ ଅର୍ଥ ପ୍ରଦାନ କରୁଛନ୍ତି ? କେବଳ ଭାରତ ନୁହେଁ, ସାରା ବିଶ୍ୱର ସରକାର ନିଜର ନାଗରିକମାନଙ୍କୁ ମାଗଣାରେ ଟିକାକରଣ କରୁଛନ୍ତି। ଭାରତରେ ସମସ୍ତଙ୍କୁ ମାଗଣାରେ ଟିକା ଦେବା ପାଇଁ ସରକାର ଗତ ବଜେଟ୍‌ରେ ୩୫,୦୦୦କୋଟି ବ୍ୟୟବରାଦ କରିଛନ୍ତି; ଯାହା କି ଜନଗଣଙ୍କଠାରୁ ନିଆଯାଉଥିବା ଟିକସ । କେବଳ ସେତିକି ନୁହେଁ, ଲୋକଙ୍କୁ ମାଗଣାରେ ଟିକାଦାନ କରିବାର ଯୁକ୍ତି ଦର୍ଶାଇ ଗତ କିଛି ମାସ ଧରି କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦରରେ ଅହେତୁକ ବୃଦ୍ଧିକରି ଚାଲିଛନ୍ତି। ଅତଏବ ଜନଗଣଙ୍କ ଟିକସ ଅର୍ଥରେ ଚାଲିଥିବା ଟିକାକରଣର ସମସ୍ତ ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ ଦେବା ପାଇଁ ସାର୍ଟିଫିକେଟ୍‌ରେ ବି ତାଙ୍କର ଫଟୋ ରଖିବା ଆଦୌ ଯୁକ୍ତିସଙ୍ଗତ ହେଉନି। ବରଂ ଏହା ଏକ ଖରାପ ପରମ୍ପରା ସୃଷ୍ଟି କରିବାକୁ ଯାଉଛି।

ଦେଶରୁ ଅନେକ ଭୟଙ୍କର ରୋଗକୁ ନିରାକରଣ କରିବାରେ ଭାରତର ଏକ ଲମ୍ବା ଓ ସଫଳତାର ଇତିହାସ ରହିଛି। ଗତ ସତୁରି ବର୍ଷ ମଧ୍ୟରେ ଦେଶରେ ଟିକାର ବିକାଶ ଓ ଗବେଷଣା ପାଇଁ ନୀତିଗତ ଭାବେ ଗୁରୁତ୍ୱ ଦିଆଯିବା ଫଳରେ ଆଜି ଭାରତ ଟିକା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱର ଅନେକ ଦେଶକୁ ଟିକା ରପ୍ତାନି କରିପାରୁଛି। ତେବେ ଆମର ଟିକା କାର୍ଯ୍ୟକ୍ରମ ଦେଶର ସାମୂହିକ ଉଦ୍ୟମ ଏବଂ ବିଶ୍ୱସ୍ତରରେ ମାନବିକ ପ୍ରୟାସର ଫଳଶ୍ରୁତି ବୋଲି କୁହାଯାଇପାରେ। ଆଜି ଭାରତରେ ଉତ୍ପାଦିତ କୋଭିଡ୍‌ର ଦୁଇଟି ଟିକା ମଧ୍ୟରୁ କୋଭାକ୍ସିନ୍ ଭାରତରେ ବିକଶିତ ହୋଇଥିବା ବେଳେ କୋଭିସିଲ୍ଡ ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ହୋଇଛି। ଅତଏବ ଭାରତ ସମେତ ବିଶ୍ୱରେ ବିକଶିତ ସମସ୍ତ କୋଭିଡ୍ ଟିକାର ଶ୍ରେୟଟି କୌଣସି ନିର୍ଦ୍ଦିଷ୍ଟ ଦେଶ ବଦଳରେ ସାରା ବିଶ୍ୱର ବୈଜ୍ଞାନିକମାନଙ୍କୁ ଯିବ; ଯେଉଁମାନେ ସର୍ବପ୍ରଥମେ କୋଭିଡ୍ ଭୂତାଣୁକୁ ଚିହ୍ନଟ କରିଛନ୍ତି, ତା'ର ଜିନୋମ୍ ସିକ୍ୱେନ୍ସକୁ ଉଜାଗର କରିଛନ୍ତି ଏବଂ ଶେଷରେ ଗବେଷଣା ଜରିଆରେ ଟିକାକୁ ବହୁତ କମ୍ ସମୟରେ ବିକଶିତ କରିପାରିଛନ୍ତି। ଏହା ବ୍ୟତୀତ ଯେଉଁ ସଂସ୍ଥାମାନେ ରେକର୍ଡ ସମୟରେ ଏହାର ଉତ୍ପାଦନ କରି କୋଟି କୋଟି ଲୋକଙ୍କ ପାଇଁ ଉପଲବ୍ଧ କରାଇପାରିଲେ ଏବଂ ସେହି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଯେଉଁମାନେ କୋଟି କୋଟି ଲୋକଙ୍କୁ ଟିକା ଲଗାଇ ଟିକାକରଣ ଅଭିଯାନକୁ ଶେଷରେ ସଫଳ କରିବାରେ ପ୍ରମୁଖ ଭୂମିକା ନେଲେ, ସେମାନେ ବି ଏହି ଶ୍ରେୟର ଅଧିକାରୀ ଅଟନ୍ତି।

ମୋ: ୯୪୩୭୧୬୬୩୯୧

# ଗ୍ରାଣ୍ଡ୍ ପ୍ରାଇଜ୍ ବିଜେତା

**ବ୍ୟକ୍ତିତ୍ୱ**



ପି. ସାଇନାଥ

ସାମ୍ବାଦିକତା ସରକାରଙ୍କ ଦ୍ୱାରା ନିର୍ଣ୍ଣୟ ହେବା ଉଚିତ ନୁହେଁ ଓ ସାମ୍ବାଦିକମାନେ ସରକାରଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅନୁଚିତ। କାରଣ ସେମାନେ ସରକାରଙ୍କ ଉପରେ ଲେଖିଥାଆନ୍ତି ଓ ବିଭିନ୍ନ କାର୍ଯ୍ୟକ୍ରମକୁ ଗଣମାଧ୍ୟମରେ ସ୍ଥାନିତ କରିଥାଆନ୍ତି। ପ୍ରଖ୍ୟାତ ସାମ୍ବାଦିକ ପି. ସାଇନାଥ ଏହା କହିବା ସହ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପୁରସ୍କାରକୁ ସେ ଗ୍ରହଣ କରି ନ ଥିବା ପ୍ରକାଶ କରିଛନ୍ତି। କିନ୍ତୁ ନିଜ ବୃତ୍ତି ପ୍ରତି ଏକନିଷ୍ଠତା ଯୋଗୁ ସେ ଦେଶ ଓ ବିଦେଶରୁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ନିକଟରେ ଜାପାନ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଫୁକୁଓକା 'ଗ୍ରାଣ୍ଡ ପ୍ରାଇଜ୍' ୨୦୨୧ ତାଙ୍କୁ ମିଳିବା ପରେ ସେ ତାହାକୁ ନିଜ ଦ୍ୱାରା ପରିଚାଳିତ ନ୍ୟୁଜ୍ ୱେବ୍‌ସାଇଟ୍ 'ପିପୁଲ୍ସ ଆର୍କାଇଭ୍ ଅଫ୍ ରୁରାଲ ଇଣ୍ଡିଆ' (ପିଏଆର୍‌ଆଇ) ଏବଂ ଗ୍ରାମୀଣ ଭାରତ ଉପରେ ରିପୋର୍ଟିଂ କରୁଥିବା ସାମ୍ବାଦିକଙ୍କୁ ଉତ୍ସର୍ଗ କରିଛନ୍ତି। ପୁରସ୍କାର ଗ୍ରହଣ କରିବା ଅବସରରେ ସେ କହିଛନ୍ତି ଯେ, ଏହି ବାବଦକୁ ମିଳିଥିବା ୫ ମିଲିୟନ୍ ୟେନ୍ (୩୩ ଲକ୍ଷ ଟଙ୍କା) କୋଭିଡ୍–୧୯ରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ କରିବା ଲାଗି ପାଣ୍ଠି ଗଢ଼ିବା ସହ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଦଳିତ ଓ ଆଦିବାସୀ ବର୍ଗର ଖବରଦାତାଙ୍କୁ ଫେଲୋଶିପ୍ ଦେବାରେ ବିନିଯୋଗ କରିବେ। ଉଲ୍ଲେଖଯୋଗ୍ୟ ଯେ, ସିଟି ଅଫ୍ ଫୁକୁଓକା ଓ ଫୁକୁଓକା ସିଟି ଇଣ୍ଟରନ୍ୟାଶନାଲ ଦ୍ୱାରା ପ୍ରତିଷ୍ଠିତ ଫୁକୁଓକା ପୁରସ୍କାର ଏସୀୟ ସଂସ୍କୃତିକୁ ସାଇତି ରଖିବା ସହ ନୂତନତ୍ୱ ଆଣୁଥିବା ବ୍ୟକ୍ତି କିମ୍ବା ସଙ୍ଗଠନକୁ ପ୍ରଦାନ କରାଯାଇଥାଏ। ତିନିଟି କ୍ଷେତ୍ର ଯଥା–ଗ୍ରାଣ୍ଡ ପ୍ରାଇଜ୍, ଏକାଡେମିକ୍ ଏବଂ ଆର୍ଟ ଆଣ୍ଡ୍ କଲ୍‌ଚରରେ ଏହା ପ୍ରତିବର୍ଷ ପ୍ରଦାନ କରାଯାଇଆସୁଛି। ଗ୍ରାମୀଣ ଭାରତରେ ନାଗରିକ ସହଯୋଗ ସ୍ଥାପନା ଦିଗରେ ତାଙ୍କ ଲେଖା ଓ ବିବରଣୀ ଏକ ନୂତନ ଶୈଳୀର ଜ୍ଞାନ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସାଇନାଥ 'ଗ୍ରାଣ୍ଡ ପ୍ରାଇଜ୍' ପାଇଛନ୍ତି। ବିଗତ ୩୦ ବର୍ଷରେ ୧୧୫ ଜଣ ବ୍ୟକ୍ତି ଫୁକୁଓକା ପୁରସ୍କାର ପାଇଥିବା ବେଳେ ଭାରତରୁ ୧୧ ଜଣ ଏହା ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି–ଭାରତର ବିଶିଷ୍ଟ ଐତିହାସିକ ରୋମିଲା ଥାପର, ପ୍ରସିଦ୍ଧ ସରୋଦ ବାଦକ ଅମଜଦ୍ ଅଲ୍ଲୀ ଖାନ୍ ଓ ସଙ୍ଗୀତଜ୍ଞ ଏ.ଆର୍. ରହେମାନ୍ ।

ପାଲାଗୁମ୍ମି ସାଇନାଥ ୧୯୫୭ରେ ମାଡ୍ରାସରେ ଏକ ତେଲୁଗୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ରାଜନେତା ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ନାତି ହୋଇଥିଲେ ମଧ୍ୟ ସେ ସ୍ୱକୀୟ ପ୍ରତିଭାରେ ଦୀପ୍ତିମନ୍ତ। ଚେନ୍ନାଇର ଲୟଲା କଲେଜରୁ ପଢ଼ିବା ପରେ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ସେ ଇତିହାସରେ ଡିଗ୍ରୀ ଅର୍ଜନ କରିଥିଲେ। ବୃତ୍ତିଗତ ଜୀବନ ୧୯୮୦ରେ ସେ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆରୁ ଆରମ୍ଭ କରିଥିଲେ। ପରେ ଭାରତର ପ୍ରମୁଖ ସାପ୍ତାହିକ ପତ୍ରିକା 'ବ୍ଲିଜ୍'ରେ କାମ କରିଥିଲେ। ଏଥିରେ ବିଦେଶ ବ୍ୟାପାର ସମ୍ପାଦକ ଓ ପରେ ଏହାର ଉପ–ସମ୍ପାଦକ ଭାବେ ୧୦ ବର୍ଷ କାର୍ଯ୍ୟ କରିଥିଲେ। ତେବେ ସେ 'ଦି ହିନ୍ଦୁ'ର ଗ୍ରାମୀଣ ବ୍ୟାପାର ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ବେଳେ ଭାରତୀୟ ସାମ୍ବାଦିକତାରେ ଏକ ନୂଆ ଧାରା ସୃଷ୍ଟି କରିଥିଲେ। ତା' ପରେ ପ୍ରମୁଖ ଗଣମାଧ୍ୟମ ଗ୍ରାମାଞ୍ଚଳ, କୃଷି ଓ ଆର୍ଥିକ ଅସ୍ୱଚ୍ଛଳ ବର୍ଗଙ୍କ ବିଷୟରେ ଖବରମାନ ପ୍ରକାଶ କରିଚାଲିଲେ। ଏକଦା ସାଇନାଥଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ନୋବେଲ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ତାଙ୍କୁ ଦୁର୍ଭିକ୍ଷ ଓ କ୍ଷୁଧା ଦିଗରେ କାର୍ଯ୍ୟ କରୁଥିବା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବିଶେଷଜ୍ଞ ବୋଲି ଅଭିହିତ କରିଥିଲେ। ସାମ୍ବାଦିକ ଭାବେ ଗ୍ରାମୀଣ ଭାରତର ଅଭାବ ବିଷୟରେ ଫିଲ୍ଡ ରିପୋର୍ଟିଂ କରି ସାଉଁଟିଥିବା ଅନୁଭୂତି ଆଧାରରେ ରଚିତ ତାଙ୍କ ପୁସ୍ତକ 'ଏଭ୍ରିବଡି ଲଭ୍‌ସ ଏ ଗୁଡ୍ ଡ୍ରାଉଟ୍' ସାମ୍ବାଦିକତା କ୍ଷେତ୍ରରେ ମାଇଲ୍‌ଷ୍ଟୋନ୍ ପ୍ରତିଷ୍ଠା କରିପାରିଛି। ଭାରତର ୫ଟି ରାଜ୍ୟର ୧୦ ଜିଲାର ଗ୍ରାମାଞ୍ଚଳରୁ ଖବର ସଂଗ୍ରହ କରିବା ଲାଗି ପ୍ରାୟ ୧ ଲକ୍ଷ କିଲୋମିଟର ଅତିକ୍ରମ କରିବା ସକାଶେ ୧୬ ପ୍ରକାର ପରିବହନ ମାଧ୍ୟମ ଉପରେ ଭରସା କରିଥିଲେ। ଏପରି କି ୫ ହଜାର କିଲୋମିଟର ପାଦରେ ଚାଲିଚାଲି ସେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଉପରେ ରିପୋର୍ଟିଂ କରିଛନ୍ତି। ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଏବଂ ଓଡ଼ିଶା ଭଳି ରାଜ୍ୟର କୃଷି ଓ କୃଷକଙ୍କ ବିଷୟରେ ଅନେକ ଗବେଷଣା କରିଛନ୍ତି। ତାଙ୍କ ଲେଖାଗୁଡ଼ିକ ଅନେକ ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଥିଲେ ମଧ୍ୟ ପ୍ରଶାସନିକ ହସ୍ତକ୍ଷେପ ପରେ ତାହା ଲୋକଙ୍କ ମଙ୍ଗଳରେ ଆସିବା ନିଶ୍ଚିତ ଉତ୍ସାହଜନକ ହୋଇପାରିଛି।

୧୯୯୫ରେ ସାମ୍ବାଦିକତା ପାଇଁ ସେ ପ୍ରଥମ ଭାରତୀୟ ଭାବେ ୟୁରୋପୀୟ କମିଶନ ଲୋରେଞ୍ଜୋ ନାଟାଲି ପୁରସ୍କାର ପାଇଥିଲେ। ୨୦୦୦ରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଗ୍ଲୋବାଲ୍ ହ୍ୟୁମାନ୍ ରାଇଟ୍ସ ଜର୍ନାଲିଜମ୍ ପ୍ରାଇଜ୍ ଓ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନର ବୋର୍ମା ପୁରସ୍କାର ହାସଲ କରିଥିଲେ। ଏହା ପରେ ମଧ୍ୟ ସେ କେତେକ ଅନ୍ତର୍ଜାତୀୟ ସମ୍ମାନ ପାଇଥିଲେ। ହେଲେ ୨୦୦୭ରେ ସାମ୍ବାଦିକତା, ସାହିତ୍ୟ ଓ ସୃଜନଶୀଳ ଯୋଗାଯୋଗ କଳା ସକାଶେ ସେ ରମନ୍ ମାଗସେସେ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଥିଲେ। ସାଇନାଥ ଗ୍ରାମୀଣ ଭାରତ ଉପରେ ରିପୋର୍ଟିଂ କରି ଅନେକ ପ୍ରଶଂସିତ ହୋଇଛନ୍ତି। ତେବେ ସାଇନାଥଙ୍କ ଜୀବନୀ ଓ କ୍ୟାରିୟର ଉପରେ କାନାଡାର ଫିଲ୍ମ ନିର୍ମାତା ଜୋ ମୌଲିନ୍ସ 'ଏ ଟ୍ରାଇବ୍ ଅଫ୍ ହିଜ୍ ଓଅନ୍' ଶୀର୍ଷକ ପ୍ରାମାଣିକ ଚିତ୍ର ନିର୍ମାଣ କରିବା ନିଶ୍ଚିତ ଭାବେ ତାଙ୍କ ସୁଉଚ୍ଚ ବ୍ୟକ୍ତିତ୍ୱର ପରିଚୟ ଦେଉଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗୋଟିଏ ଆମ୍ବର ମୂଲ୍ୟ ୧୫୦୦ ଟଙ୍କା। ଏହା ବିଶ୍ୱାସ ହେଉ ନ ଥିଲେ ବି ସତ। ଏମିତି ଆମ୍ବ ଫଳୁଛି ମଧ୍ୟପ୍ରଦେଶର ଶିବରାଜ ସିଂ ଯାଦବଙ୍କ ଫାର୍ମରେ। ଏହି ଆମ୍ବର ନାଁ ନୁରଜାହାଁ। ମୋଗଲ ରାଣୀଙ୍କ ନାମାନୁସାରେ ଆମ୍ବର ଏଭଳି ନାମକରଣ କରାଯାଇଛି। ଅଲିରାଜପୁର ଜିଲାର କାଥିୱାଡା ଅଞ୍ଚଳରେ ବହୁ ପ୍ରକାର ଆମ୍ବ ଚାଷ କରାଯାଉଥିବାବେଳେ ଶିବରାଜଙ୍କ ଫାର୍ମରେ ନୁରଜାହାଁ କିସମ ଆମ୍ବ ଆକର୍ଷଣର କେନ୍ଦ୍ର ପାଲଟିଛି। ୧୬ ଏକର ପରିମିତ ଫାର୍ମରେ ୩୩ ପ୍ରକାର ଆମ୍ବ ଗଛ ରହିଥିବାବେଳେ ନୁରଜାହାଁ କିସମର ୫ଟି ଆମ୍ବ ଗଛ ରହିଛି। ଉକ୍ତ ୫ଟି ଗଛର ଉଚ୍ଚତା ପାଖାପାଖି ୫୦ଫୁଟ ଓ ଏଥିରୁ ପ୍ରାୟ ୩୫୦ଟି ଆମ୍ବ ମିଳିଛି। ଏହାକୁ ବଜାରରେ ୫୦୦ରୁ ୧୫୦୦ ଟଙ୍କା ଯାଏ ସେ ବିକ୍ରି କରିଛନ୍ତି। ଏହି ଆମ୍ବ ଭାରତର ସବୁଠୁ ବଡ଼। ଏହାର ଓଜନ ୩ରୁ ସାଢେ ୩ କେ.ଜି. ଓ ଲମ୍ବ ୧ ଫୁଟ। ଏହା ଜୁନ୍ ମାସରେ ହିଁ ପରିପକ୍ୱ ହୁଏ ଓ ଏହାକୁ ଦେଖିବାକୁ ପ୍ରତିବର୍ଷ ତାଙ୍କ ଫାର୍ମକୁ ୪,୦୦୦ରୁ ୫,୦୦୦ ଲୋକ ବୁଲିବାକୁ ଆସନ୍ତି। ଶହେ ବର୍ଷ ପୂର୍ବେ ଏହି କିସମର ଆମ୍ବ ଆଫଗାନିସ୍ତାନରୁ ମଧ୍ୟପ୍ରଦେଶକୁ ଆସିଥିବା କୁହାଯାଉଛି। ଭାରତର ବିଭିନ୍ନ ଅଞ୍ଚଳରେ ନୁରଜାହାଁ କିସମର ଆମ୍ବ ଚାଷ କରାଇବା ପାଇଁ ସେ ଏବେ ଏକ ନର୍ସରି କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଜୁଲାଇ ୧୯୯୬**

- ଚୀନ୍‌ର ଦକ୍ଷିଣ ଓ ପୂର୍ବ ଭାଗରେ ହୋଇଥିବା ବନ୍ୟାରେ ୧୪୧ ମୃତ।
- ପାକିସ୍ତାନର ଦଙ୍ଗା ବିଧ୍ୱସ୍ତ କରାଚୀ ସହରରେ ହିଂସାକାଣ୍ଡ ଘଟି କ୍ୱାମୀ ମୁଭ୍‌ମେଣ୍ଟର ୫ଜଣଙ୍କ ସମେତ ୧୧ ଜଣ ମୃତ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| 2 | | 3 | 9 | | 8 | | | 6 |
| | | | | | | 1 | 5 | |
| | | 6 | | | | | 7 | |
| | | | | 8 | 9 | | | |
| | | 7 | 1 | 4 | | | | 3 |
| | | | | | 4 | | 6 | 9 |
| 7 | | 2 | | | | | | |
| | 9 | | 3 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 8 | 1 | 2 | 3 | 5 | 9 | 7 |
| 7 | 9 | 3 | 6 | 5 | 8 | 1 | 4 | 2 |
| 2 | 5 | 1 | 4 | 7 | 9 | 6 | 3 | 8 |
| 9 | 4 | 7 | 3 | 6 | 2 | 8 | 1 | 5 |
| 5 | 3 | 2 | 7 | 8 | 1 | 9 | 6 | 4 |
| 1 | 8 | 6 | 9 | 4 | 5 | 2 | 7 | 3 |
| 3 | 2 | 9 | 5 | 1 | 7 | 4 | 8 | 6 |
| 6 | 1 | 5 | 8 | 3 | 4 | 7 | 2 | 9 |
| 8 | 7 | 4 | 2 | 9 | 6 | 3 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିବ୍ୟକ୍ତିର ସ୍ୱାଧୀନତା

ମହାଶୟ,

ଦେଶ ଓ ଦେଶବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ମତପ୍ରକାଶ କରିବାର ସ୍ୱାଧୀନତା ପାଇଛନ୍ତି, ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଏହି ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପ୍ରତିବାଦ, ବିରୋଧ, ସମାଲୋଚନା ଓ ଭିନ୍ନମତ ପୋଷଣ କରାଯାଇପାରେ। ଏହାକୁ ଅଗଣତାନ୍ତ୍ରିକ ବା ଜାତୀୟତା ବିରୋଧୀ ବୋଲି ବିବେଚନା ନ କରିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ପ୍ରତିବାଦକୁ ଏପରି ବ୍ୟାଖ୍ୟା କରିବା ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ବିରୋଧାଚରଣ ଓ ଆକ୍ରମଣ। ଶୀର୍ଷ କୋର୍ଟଙ୍କ ମତ ଅନୁସାରେ ଗୋଟିଏ ଉଦାରପନ୍ଥୀ ଗଣତନ୍ତ୍ର ଏକଥା ନିଶ୍ଚିତ କରିବ ଯେ, ଜଣେ ପ୍ରତିବାଦ କରିବାର ସ୍ୱାଧୀନତା ପାଇଛି। ଏହାଛଡ଼ା ସମାଲୋଚନା ବା ଭିନ୍ନମତ ପୋଷଣ ଗଣତନ୍ତ୍ରର ବିଭବ। ରାଜତନ୍ତ୍ରରେ ସମାଲୋଚନାକୁ ଦେଶଦ୍ରୋହ ବୋଲି ଧରାଯାଏ। ମାତ୍ର ଗଣତନ୍ତ୍ରରେ ସମାଲୋଚନା ବା ଭିନ୍ନମତ ଅମ୍ଳଜାନ ପରି କାମ କରେ। ଏବେ ବିଭିନ୍ନ ଗୁରୁତ୍ୱ ପ୍ରସଙ୍ଗରେ ବୁଦ୍ଧିଜୀବୀମାନେ ନୀରବତା ଅବଲମ୍ବନ କରୁଥିବା ଚିନ୍ତାର ବିଷୟ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଚିରନ୍ତନୀ

ତୁଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର
ଛନ୍ଦ ଆଶେ କଷ୍ଟକରି ବସିଲେ ସଜାଇ
ଆସି କ୍ଷଣେ ଯାଏ ସେ ଉଭାଇ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୁଅ ମାଡ଼ରେ ବାପା ମୃତ

ବେଦବ୍ୟାସ, (ଡି.ଏନ୍.ଏ)-ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିକଟମାଟି ଗ୍ରାମରେ ଶୁକ୍ରବାର ରାତିରେ ପୁଅ ମାଡ଼ରେ ବାପା ମାନା ତିର୍କୀ (୬୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ସୁରେନ୍ଦ୍ର ତିର୍କୀ (୨୫)ଙ୍କୁ ଶନିବାର ଗିରଫ କରିଛି। ଶୁକ୍ରବାର ଝିଅ ଜନ୍ମଦିନ ପାଳନ କରିବାକୁ ଆସିଥିବାବେଳେ କୌଣସି କାରଣରୁ ମାନା ଏବଂ ସୁରେନ୍ଦ୍ରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁରେନ୍ଦ୍ର ଉତ୍କ୍ଷିପ୍ତ ହୋଇ ସୁରେନ୍ଦ୍ର ବାପାଙ୍କୁ ନିସ୍ତୁକ ପିଟିଥିଲେ। ଗୁରୁତର ଅବସ୍ଥାରେ ଶନିବାର ମାନାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଭଣଜା ମୃତଦେହ ଦେଖି ହୃଦ୍‌ଘାତରେ ମାମୁଙ୍କ ମୃତ୍ୟୁ

**ପାତ୍ରପୁର,୩।୭(ଡି.ଏନ୍.ଏ.):** ଆନ୍ଧ୍ରରେ ଏକ କନଷ୍ଟ୍ରକଶନ କମ୍ପାନୀର ମିକ୍ସର ମେଶିନରେ କଟି ଭଣଜାଙ୍କ ମୃତ୍ୟୁ ଘଟିଲା। ତାଙ୍କ ମୃତଦେହ ଦେଖିବାକୁ ଆସି ହୃଦଘାତରେ ମାମୁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ କନିରିଡା ଗ୍ରାମର ଶିବ ନାଇକ (୨୦) ଓ ତାଙ୍କ ମାମୁ ଷୋଳଭାଗପେଣ୍ଠ ଗ୍ରାମର ପର୍ଶୁରାମ ନାଇକ (୫୧)। ଉଭୟେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରେ ଏକ କନଷ୍ଟ୍ରକଶନ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଅପରାହ୍ନରେ ଭଣଜା ଶିବ କାମ କରିବାକୁ ଯାଇଥିଲେ। ବାଲି ସିମେଣ୍ଟ ଗୋଳାଇବା ମେଶିନରେ ସେ କାମ କରୁଥିଲେ। କୌଣସି ପ୍ରକାରେ ମେଶିନରେ ଟାଣି ହୋଇଯିବାରୁ ସେଥିରେ କଟି ଶିବଙ୍କର ମୃତ୍ୟୁ ଘଟିଥିଲା। ଏହି ଖବରଶୁଣି ଘରେ ଥିବା ତାଙ୍କ ମାମୁ ପର୍ଶୁରାମ ସେଠାରେ ପହଞ୍ଚିଥିଲେ। ଭଣଜାର ମୃତଦେହ ଦେଖି ସେ ହୃଦଘାତର ଶିକାର ହୋଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ମେଡିକାଲରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଗାଁକୁ ପଠାଇ ଦିଆଯାଇଥିଲା।

## ଭିଜିଲାନ୍ସ ଜାଲରେ ଭିଜିଲାନ୍ସ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର



**ଭବାନୀପାଟଣା,୩।୭(ସ୍ୱ.ପ୍ର./ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆଶୁତୋଷ ମିଶ୍ର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଭବାନୀପାଟଣା ସହର ରାଧାକୃଷ୍ଣ ନଗରରେ ଥିବା ନିଜ ବାସଭବନରେ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକରୁ ଆସିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ସୂଚନା ମୁତାବକ, ମହୁଲପାଟଣା ପୋଲିସ ଫାଣ୍ଡିର ପୂର୍ବତନ ଏଏସ୍ଆଇ ମଳୟ ରଣାଙ୍କ ଏକ ଭିଜିଲାନ୍ସ ମାମଲା ରହିଛି। ଯାହା ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ରହିଛି। ତେବେ ଏହି ମାମଲାକୁ ରଫାଦଫା କରିବା ପାଇଁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ମିଶ୍ର ୩ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଏକ ଲକ୍ଷ ଟଙ୍କାରେ ମୂଲଚାଲ ହୋଇଥିଲା। ଶନିବାର ସେ ଏଏସ୍ଆଇ ରଣାଙ୍କ ଠାରୁ ଉତ୍କୋଚ ଆକାରରେ ଟଙ୍କା ନେଇଥିଲେ। ତେବେ ସେଠାରେ ପୂର୍ବରୁ ଯୋଜନା ମୁତାବକ ଛପି ରହିଥିବା କଟକ ଭିଜିଲାନ୍ସ ସେଲ୍ ଡିଭିଜନର ଅଧିକାରୀମାନେ ମିଶ୍ରଙ୍କୁ କାବୁ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ମିଶ୍ରଙ୍କ ଘରେ ଖାନତଲାସୀ କରିଥିଲେ। ଏନେଇ ଭିଜିଲାନ୍ସରେ ଏକ ମାମଲା ( ନଂ.୨/୧-୭-୨୦୨୧) ରୁଜୁ ହୋଇଛି।

## ୭୭ବର୍ଷରେ ଓଡ଼ିଆରେ ପିଜି କଲେ ରମେଶ



**ସୋନପୁର, ୩।୭(ନି.ପ୍ର.):** ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିଥାଏ। ବୟସ ଏଥିରେ ପ୍ରତିବନ୍ଧକ ନୁହେଁ ଏହା ପ୍ରମାଣ କରି ଦେଖାଇଛନ୍ତି ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରସାଦ ନାୟକ(୭୭)। ଏହି ବୟସରେ ପାଠ ପଢ଼ି ଓଡ଼ିଆରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ସେ ହାସଲ କରିଛନ୍ତି। ତାଙ୍କର ପାଠ ପ୍ରତି ଆଗ୍ରହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି। ରମେଶଙ୍କ ଘର ବୌଦ୍ଧ ଜିଲା ପଦରପଡାରେ। ସେ କଣ୍ଟାମାଳ ବ୍ଲକ ବିଳାସପୁର ଜନତା ହାଇସ୍କୁଲରେ ଶିକ୍ଷକତା କରୁଥିଲେ। ୩୨ବର୍ଷ ଚାକିରି ପରେ ୨୦୦୨ରେ ସେ ଅବସର ଗ୍ରହଣ କରିଛନ୍ତି। ଏବେ ବି ସେ ଶିକ୍ଷା, କଳା ଓ ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ପରିବାର ସହ ସୋନପୁରରେ ରହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ଅଧିକ ପାଠ ପଢିବା ପାଇଁ ତାଙ୍କର ଆଗ୍ରହ ଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇ ତାଙ୍କୁ ଏହି ସଫଳତା ମିଳିଛି। ରମେଶ ପିଜିରେ ଉତ୍ତୀର୍ଣ୍ଣ ହୋଇଥିବା ଶନିବାର ଜଣାପଡିବା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ପାଠ ପଢିବା ଓ ପରୀକ୍ଷାରେ ସଫଳତା ପାଇଁ ବୟସ ପ୍ରତିବନ୍ଧକ ନୁହାଁ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା ଦେଇଥାଏ ବୋଲି ନାୟକ କହିଛନ୍ତି।

# ପ୍ଲାଣ୍ଟ ବନ୍ଦ ବେଳେ ତଦନ୍ତ

**ଯାଜପୁର ଅଫିସ,୩।୭**

ଜଳ ପ୍ରଦୂଷଣକୁ ନେଇ କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ୍ (ବିଆର୍‌ପିଏଲ୍) କାରଖାନାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ହୋଇଥିବା ତଦନ୍ତ ରିପୋର୍ଟ ଜୁଲାଇ ୧ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିକଟରେ ଦାଖଲ ହୋଇଛି। ଏହାସହ ଉକ୍ତ ରିପୋର୍ଟ ଉପରେ ଏସ୍‌ପିସିବିର ଆଇନ ଅଧିକାରୀ ସନ୍ତୋଷ କୁମାର କୁଅଁର ନୋଟାରି ନିକଟରେ ସତ୍ୟପାଠ କରିଛନ୍ତି। ରିପୋର୍ଟରେ 'ବି-୧' ପାରାରେ ପେଲେଟ ପ୍ଲାଣ୍ଟର କ୍ଷମତା ବାର୍ଷିକ ୪ ମେଟ୍ରିକ ଟନ(ଏମ୍‌ଟି) ଏବଂ ଏହା ତଦନ୍ତ ସମୟରେ ବନ୍ଦ ରହିଥିଲା ବୋଲି ଦର୍ଶାଯାଇଛି। ତେବେ ପ୍ଲାଣ୍ଟ ବନ୍ଦ ସମୟରେ ତଦନ୍ତ ଏବଂ ରିପୋର୍ଟ କିପରି ପ୍ରସ୍ତୁତ ହେଲା ବୋଲି ଅଭିଯୋଗକାରୀ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ପ୍ରଶ୍ନ କରାଯାଇଛି। ସାଧାରଣତଃ ରକ୍ଷଣାବେକ୍ଷଣ ପାଇଁ ପ୍ଲାଣ୍ଟ ବନ୍ଦ କରାଗଲେ କମ୍ପାନୀ କର୍ତ୍ତୃପକ୍ଷ ଏସ୍‌ପିସିବିର ଦୃଷ୍ଟିଆକର୍ଷଣ କରିଥାନ୍ତି। ପୁଣି ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ଏସ୍‌ପିସିବିର ଅନୁମତି ନେଇଥାନ୍ତି। ଏହିକ୍ରମରେ ଗତ ୨୦ ତାରିଖଠାରୁ ରକ୍ଷଣାବେକ୍ଷଣ ପାଇଁ କାରଖାନାକୁ ଅଚଳ କରିବାକୁ ଏସ୍‌ପିସିବିକୁ ସୂଚନା ଦିଆଯାଇଥିଲା। ହେଲେ ଶୁକ୍ରବାର କାରଖାନା ଚିମିନିରୁ ବିଷାକ୍ତ କଳାଧୂଆଁ ବାହାରୁଥିବା ନେଇ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରକ୍ଷଣାବେକ୍ଷଣ ପରେ ପୁଣି ପ୍ଲାଣ୍ଟ ଆରମ୍ଭ ହେଲେ କଳାଧୂଆଁ ବାହାରିଥାଏ ବୋଲି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ସୂଚନା ଦେଇଥିଲେ। ଏଥିରୁ ଏସ୍‌ପିସିବିର ବିଆର୍‌ପିଏଲ୍ ପ୍ରୀତି ଜଳଜଳ ହୋଇ ଦିଶୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ବିଆର୍‌ପିଏଲ୍ ତା'ର କାରଖାନାର ବର୍ଜ୍ୟଜଳ ବାହାରକୁ ଛାଡ଼ି ଗଣ୍ଡାନାଳକୁ ପ୍ରଦୂଷଣ କରୁଥିବା ନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନ୍‌ଜିଟିରେ (୧୪୯/୨୦୧୭/ଇଜେଡ୍) ମାମଲା ରୁଜୁ ହୋଇଥିଲା। ଆସନ୍ତା ୫ ତାରିଖ ଶୁଣାଣି ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଗତ ୧୫ ତାରିଖ ଶୁଣାଣିରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଗତ ଜୁନ ୨୪ରେ ଏସ୍‌ପିସିବି ପକ୍ଷରୁ ପରିବେଶ ଯନ୍ତ୍ରୀ ହିରଣ୍ୟ କୁମାର ନାୟକ ଓ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ରକ୍ଷଣାବେକ୍ଷଣ ପାଇଁ ଅଚଳ ଥିବା ବିଆର୍‌ପିଏଲ୍ ପ୍ଲାଣ୍ଟ ପରିସରକୁ ଯାଇ ନିରୀକ୍ଷଣ କରିଥିଲେ। ତେବେ ପ୍ଲାଣ୍ଟ ବନ୍ଦ ସମୟରେ ତଦନ୍ତ ପାଇଁ କାହିଁକି ତାରିଖ ଧାର୍ଯ୍ୟ ହୋଇଥିଲା ତାହା ଅଞ୍ଚଳବାସୀଙ୍କ ମନରେ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ସନ୍ଦେହ ଜାତ କରିଛି।

**ଏନ୍‌ଜିଟିରେ ବିଆର୍‌ପିଏଲ୍‌ର ପ୍ରଦୂଷଣ ମାମଲା**



ବିଆର୍‌ପିଏଲ୍ ଚିମିନିରୁ ବିଷାକ୍ତ କଳାଧୂଆଁ ବାହାରୁଛି।

ଅନ୍ୟପକ୍ଷରେ ଦାଖଲ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଆର୍‌ପିଏଲ୍ କାରଖାନା ଦୈନିକ ୨୫୦ କିଲୋଲିଟର(କେଏଲ୍) ଓ ୧୫୦ କେଏଲ୍ କ୍ଷମତା ବିଶିଷ୍ଟ ୨ଟି ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଡବ୍ଲ୍ୟୁଡବ୍ଲ୍ୟୁଟିପି) ପ୍ରତିଷ୍ଠା କରିଛି। ଏଥିରେ ଘଣ୍ଟାପ୍ରତି ୨୬୦ ଘନମିଟର ପାଣି ବିଶୋଧନ କରାଯାଉଛି। ତଦନ୍ତ ଦିନ କୌଣସି ବର୍ଜ୍ୟଜଳ କିମ୍ବା ବିଶୋଧିତ ଜଳ ବାହାରକୁ ଛଡ଼ାଯାଉ ନ ଥିଲା। ଏ ସଂକ୍ରାନ୍ତରେ ଅଧିକାରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, କାରଖାନା ଚାଲୁଥିବା କିମ୍ବା ଅଚଳ ବିଷୟ ଏସ୍‌ପିସିବିର ତଦନ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ବର୍ଜ୍ୟଜଳ ବିଶୋଧନ ପାଇଁ କାରଖାନା ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି କି ନାହିଁ ତାହା ମୁଖ୍ୟ କଥା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, କ୍ଷମତାଠାରୁ ଅଧିକ ପାଣି ଆସିଲେ ପ୍ରତିଷ୍ଠିତ ଯନ୍ତ୍ରାଂଶ ବାହାରେ ବର୍ଜ୍ୟଜଳ ଛାଡ଼ି ଦିଆଯାଉଥିବା ପୂର୍ବରୁ ନଜର ରହିଛି। ଗତ ନଭେମ୍ବରରୁ ଜାନୁୟାରୀ ପର୍ଯ୍ୟନ୍ତ ଓସ୍ତପାଳ କ୍ରୋମାଇଟ୍ ମାଇନ୍ସର ପ୍ରାୟ ୧୫୦୦ ଲକ୍ଷ ଘନମିଟର ପାଣିକୁ ବିଶୋଧନ ନ କରି ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ହ୍ୱାଟ୍ସଆପ୍‌ରେ ହୋଇଥିବା ବିଭାଗୀୟ ଚାଟ୍‌ରେ ମଧ୍ୟ ଜଣାପଡିଛି। ଏହାସହ ଇଟିପି ଏବଂ ଡବ୍ଲ୍ୟୁଡବ୍ଲ୍ୟୁଟିପିର ରକ୍ଷଣାବେକ୍ଷଣ ଖର୍ଚ୍ଚ କମାଇବାକୁ ଅଧିକାଂଶ ସମୟରେ ଏହାର ବାହାର ଦେଇ ପାଣି ନିଷ୍କାସନ ହୋଇଥାଏ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେଣୁ ବିଆର୍‌ପିଏଲ୍ କାରଖାନା ବନ୍ଦ ଥିବା ସମୟରେ ତାହାର ତଦନ୍ତ ରିପୋର୍ଟ କେତେଦୂର ଗ୍ରହଣୀୟ ହେବ ତାହା ଆଗକୁ ସ୍ପଷ୍ଟ ଜଣାପଡ଼ିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

## କୋଳରୁ ଡାକିନେଲା ମୃତ୍ୟୁ

**ସାପ କାମୁଡ଼ାରେ ଝିଅ ମୃତ, ମା' ଗୁରୁତର**

**ଅନୁଗୋଳ ଅଫିସ, ୩।୭**

ଗର୍ଭବତୀ ଥିବାବେଳେ ହରାଇଥିଲେ ସ୍ୱାମୀଙ୍କୁ। କୁନି ଝିଅର ମୁହଁକୁ ଚାହିଁ ଜୀବନର କଷ୍ଟକର ସମୟକୁ ଭୁଲିଯିବାକୁ ଚେଷ୍ଟା କରୁଥିଲେ। ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଶୋଇଥିବା ବେଳେ ସାପ କାମୁଡ଼ାର ଶିକାର ହେଲେ ଉଭୟ ମା' ଏବଂ ୪ ବର୍ଷର ଶିଶୁକନ୍ୟା। ଏଥିରେ ଝିଅ ଜେସିଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଶିବାନୀ ନାଥ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଅନୁଗୋଳ ସଦର ଥାନା ଅନ୍ତର୍ଗତ କାଙ୍ଗୁଲା ଗ୍ରାମରେ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମା' ଶିବାନୀ ଏବଂ ଜେସି ଶୋଇଥିଲେ। ଏହି ସମୟରେ ଏକ ସାପ ଘରେ ପଶି ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଜେସିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ସଦର ଥାନା ଘଟିପିରି ଅଞ୍ଚଳର ଯଶବନ୍ତ ନାଥଙ୍କୁ ଶିବାନୀ ବିବାହ କରିଥିଲେ। ତେବେ ଜେସି ଗର୍ଭରେ ଥିବାବେଳେ ଯଶୋବନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ମା', ଝିଅ କାଙ୍ଗୁଲାରେ ରହୁଥିଲେ।

## ବିଧାୟକଙ୍କ ବିବାହରେ କୋଭିଡ୍ ନିୟମ ଉଲ୍ଲଂଘନ

**ଭଦ୍ରକ ଅଫିସ, ୩।୭**

ଭଦ୍ରକ ଜିଲା ଚାନ୍ଦବାଲି ବିଧାୟକ ତଥା ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟଙ୍କ ବିବାହ ସମାରୋହରେ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। 'ଚିଲିକା ରିସର୍ଟ'ରେ ଅନୁଷ୍ଠିତ ବିବାହ ଉତ୍ସବର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି। ଏଥିରେ କୋଭିଡ୍ ନିୟମ ଉଲ୍ଲଂଘନ ହୋଇଥିବା ଦୃଶ୍ୟ ଦେଖି ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ଭିଡିଓରେ ବିଧାୟକ ରାଜନୈତିକ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ନାଚୁଥିବା ଦେଖିବାକୁ ମିଳିଛି। କାହାରି ମୁହଁରେ ମାସ୍କ ନ ଥିବା ବେଳେ ସାମାଜିକ ଦୂରତା ମଧ୍ୟ ନାହିଁ। ଉତ୍ସବରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇଥିବା କହି ଭାଜପା ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଏହା ଏକ ପୁରୁଣା ଭିଡିଓ ବୋଲି ବିଧାୟକ ପ୍ରତିକ୍ରିୟା ରଖିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ବାହାଘର ହୋଇଥିବା ସେ ପ୍ରକାଶ କରିଛନ୍ତି। ଯାଞ୍ଚ କରାଗଲେ ଭିଡିଓର ସତ୍ୟତା ଜଣାପଡ଼ିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ କହିଛନ୍ତି।

**ଭିଡିଓ ଭାଇରାଲ ପରେ ଚର୍ଚ୍ଚା**

# ୧୨ଶ୍ରମିକଙ୍କୁ ଅପହରଣ, ୧୦ଜଣଙ୍କୁ ଛାଡ଼ିଦେଲେ

**ମାଲକାନଗିରି,୩।୭(ଡି.ଏନ୍.ଏ.)**

ଛତିଶଗଡ଼ରେ ଲାଲବାହିନୀ ଶନିବାର ତୁମୁଳକାଣ୍ଡ ଘଟାଇଛନ୍ତି। ଏକ କାମରେ ନିୟୋଜିତ ଶ୍ରମିକମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଅପହରଣକରି ନେଇଛନ୍ତି। ଏପରି ଘଟଣା ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଛୋଟେଡଙ୍ଗର ଅଞ୍ଚଳରେ ଘଟିଛି।

ଖବରରୁ ଜଣାପଡ଼ିଛି ଛୋଟେଡଙ୍ଗର ଅଞ୍ଚଳରେ ଏକ ଖଣି କାର୍ଯ୍ୟରେ ଶ୍ରମିକମାନେ ନିୟୋଜିତ ଥିବା ବେଳେ ମାଓବାଦୀମାନେ ଅଚାନକ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ୬ଟି ଜେସିବି ମେଶିନ ପୋଡ଼ିଦେଇ ସେଠାରୁ ୧୨ ଜଣ ଶ୍ରମିକଙ୍କୁ ଅପହରଣ କରି ନେଇଥିଲେ। ତେବେ ପରେ ୧୦ ଶ୍ରମିକଙ୍କୁ ଛାଡ଼ି ଦେଇଥିବା ବେଳେ ୨ଜଣ ଶ୍ରମିକଙ୍କ ପତ୍ତା ମିଳୁନାହିଁ। ସେମାନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ନାରାୟଣପୁର ପୋଲିସ ୨ ନିଖୋଜ ଶ୍ରମିକଙ୍କ ସମ୍ପର୍କରେ କିଛି ସ୍ପଷ୍ଟ କରିନାହିଁ। ସମ୍ପୃକ୍ତ ଦୁଇ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଅଧିକ ଫୋର୍ସ ସେହି ଅଞ୍ଚଳକୁ ପଠାଯାଇଛି। କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ନାରାୟଣପୁର ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି।

**୬ ଗାଡ଼ି ପୋଡ଼ିଲେ ମାଓବାଦୀ**

### ଥାନା ଉପରେ ଗୁଳିମାଡ଼

ନାରାୟଣପୁର ଜିଲା ଛୋଟେଡଙ୍ଗର ଅଞ୍ଚଳର ଛୋଟେ ଡହଗର ଥାନା ଉପରେ ଶନିବାର ମାଓବାଦୀମାନେ ଆଖିବୁଜା ଗୁଳିମାଡ଼ କରିଛନ୍ତି। ତେବେ ଏଥିରେ କୌଣସି ସୁରକ୍ଷା କର୍ମୀ ମୃତାହତ ହୋଇ ନଥିବା ଆଇଜି ସୁନ୍ଦରରାଜ ପି. କହିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର

**ବାଲେଶ୍ୱର ଅଫିସ, ୩।୭**

ବାଲେଶ୍ୱର ଜିଲା ରେମୁଣା ତହସିଲ ଦୁର୍ଗାଦେବୀ ଅଞ୍ଚଳରେ ପ୍ରାଚୀନ ସହର ଓ ପ୍ରାକ୍ ଐତିହାସିକ ସଭ୍ୟତାର ସନ୍ଧାନ ମିଳିଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ପ୍ରାକ୍ ଐତିହାସିକ ସଭ୍ୟତାଠାରୁ ଆରମ୍ଭ କରି ବୌଦ୍ଧ, ଜୈନ ଓ ନୌବାଣିଜ୍ୟର ବହୁ ପ୍ରମାଣ ମିଳିଛି। ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶନିବାର ରେମୁଣା ତହସିଲଦାର ମନୋଜ କୁମାର ସେନାପତି ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲେ। ସେ କହିଛନ୍ତି, ପ୍ରାକ୍ ଐତିହାସିକ ଯୁଗ ଯାହାକି ତାମ୍ରପାଷାଣ ଯୁଗ ସମସାମୟିକ ଖ୍ରୀଷ୍ଟପୂର୍ବ ୨୧୦୦ରୁ ୧୦୦୦ ସମୟରେ ଏଠାକାର ଉନ୍ନତ କୃଷି ସଭ୍ୟତା, ଖ୍ରୀଷ୍ଟ ପୂର୍ବ ୧୫୦୦ରୁ ୬୦୦ ଲୌହ ଯୁଗ ସମୟରେ ଉନ୍ନତ ଲୌହ ସାମଗ୍ରୀର ବହୁଳ ବ୍ୟବହାର, ପରବର୍ତ୍ତୀ ଖ୍ରୀଷ୍ଟ ପୂର୍ବ ୪୦୦ ବେଳକୁ ସଭ୍ୟତାର ବିକାଶର ଚିତ୍ର ଓଡ଼ିଶା ତଥା ପୂର୍ବ ଭାରତରେ ଏକ ଦୃଷ୍ଟାନ୍ତ ଦୁର୍ଗାଦେବୀରୁ ପ୍ରାପ୍ତ ହୋଇଛି। ଏଠାକାର ବୈଜ୍ଞାନିକ ସମୟ ନିରୂପଣ ପାଇଁ ନୂଆଦିଲ୍ଲୀ ଯୁଜିସିର ପରୀକ୍ଷାଗାରକୁ ପରୀକ୍ଷଣ ପାଇଁ ଯୋଗାଯୋଗ କରାଯାଇଛି। କୋଭିଡ୍ ଯୋଗୁ ଉତ୍‌ଖନନ କାର୍ଯ୍ୟ ବନ୍ଦ ରହିଛି। ବାଲେଶ୍ୱର ଜିଲାରେ ଆଜକୁ ୪ହଜାର ବର୍ଷ ପୂର୍ବରୁ ଉନ୍ନତି କୃଷି ସଂସ୍କୃତି ସଙ୍ଗେ ସଙ୍ଗେ ସହରୀକରଣ ୨୪୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପ୍ରମାଣ ହସ୍ତଗତ ହୋଇଛି। ଏହା ଭାରତ ଇତିହାସକୁ ଋଦ୍ଧିମନ୍ତ କରିବାରେ ସାହାଯ୍ୟ କରିବ ବୋଲି ପ୍ରକାଶ କରିଛନ୍ତି।

ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ୨୦୧୯-୨୦ରେ ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକା ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସମୟରେ ରେମୁଣାର ଦୁର୍ଗାଦେବୀ ଓ ବାଲେଶ୍ୱର ସହର ସନ୍ନିକଟ ରଣସାହିଠାରେ ସହରୀ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଉପଲବ୍ଧ ହୋଇଥିଲା। ପ୍ରାୟ ୨୫ଶହ ବର୍ଷ ପୂର୍ବେ ଦୁର୍ଗାଦେବୀ ପ୍ରାଚୀନ ସହର ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକାର ମଧ୍ୟଭାଗରେ ୫କିଲୋମିଟର ପରିଧି ବିଶିଷ୍ଟ ମାଟି ନିର୍ମିତ ବିଭିନ୍ନ ପ୍ରକାର ସାମଗ୍ରୀ ଦ୍ୱାରା ପରିବେଷ୍ଟିତ ଥିଲା। ଏହାର ସବିଶେଷ ପ୍ରମାଣ ପାଇଁ ପ୍ରତ୍ନତାତ୍ତ୍ୱିକ ଅବଶେଷ ପର୍ଯ୍ୟାଲୋଚନା ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଠାରୁ ଉତ୍‌ଖନନ ନିମନ୍ତେ ସ୍ୱୀକୃତି ମିଳିଥିଲା। ୨୦୨୦-୨୧ରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅନୁମୋଦନ ପରେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ରଞ୍ଜନ ଦାସଙ୍କ ମାର୍ଗଦର୍ଶନ ଓ ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟ ଉତ୍‌ଖନନ କାର୍ଯ୍ୟ ଗତ ମାର୍ଚ୍ଚରୁ ଆରମ୍ଭ ହୋଇ ମେ ୫ରେ ଶେଷ ହୋଇଥିଲା। ଏହି ଉତ୍‌ଖନନ ସମୟରେ ବହୁ ପ୍ରାଚୀନ ସାମଗ୍ରୀର ସନ୍ଧାନ ମିଳିଛି।



ମାଟିତଳୁ ମିଳିଥିବା ବିଭିନ୍ନ ସାମଗ୍ରୀ ।



ରେମୁଣା ତହସିଲଦାର ମନୋଜ କୁମାର ସେନାପତି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଦୁର୍ଗାଦେବୀ ଅଞ୍ଚଳରେ ପ୍ରାଚୀନ ସହର**

# ପେଟ୍ରୋଲ ଟ୍ୟାଙ୍କରରେ ଗଞ୍ଜେଇ ଚାଲାଣ

**୩୭୦ କେଜି ଜବତ, ଜଣେ ଗିରଫ**

**ଗୋପାଳପୁର,୩।୭**

୧୬ନଂ. ଜାତୀୟ ରାଜପଥ ଦେଇ ଓଡ଼ିଶାରୁ ଦୈନିକ ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ହେଉଛି। ଶନିବାର ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଦେଇ ଯାଉଥିବା ଏକ ପେଟ୍ରୋଲ ଟ୍ୟାଙ୍କରରୁ ୩୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଗାଡ଼ି ଚାଳକ ଓ ହେଲପର ଫେରାର୍ ହୋଇଯାଇଥିବା ବେଳେ ଅନ୍ୟ ଜଣକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଗ୍ରାମର ଆର.ହରେକୃଷ୍ଣ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଗଜପତି ଜିଲା ମୋହନା ଅଞ୍ଚଳରୁ ଇଣ୍ଡିଆନ ଅଏଲ ଟ୍ୟାଙ୍କର (ନଂ ଏନଏଲ୦୪ଡ଼ି୧୬୨୪)ରେ ଗଞ୍ଜେଇ ଭର୍ତ୍ତି ହୋଇ କୋଲକାତା ଅଭିମୁଖେ ଯାଉଥିଲା। ଖବରପାଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଥାନା ସମ୍ମୁଖରେ ଉକ୍ତ ଟ୍ୟାଙ୍କରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ନଂ . ୧୭୯/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।




ଟ୍ୟାଙ୍କରରୁ ଗଞ୍ଜେଇ ଜବତ କରାଯାଇଛି।

### କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଜୟପୁର,୩।୭ (ନି.ପ୍ର.)**-ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଏହାକୁ ଧରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନନ୍ଦପୁରର ପ୍ରଦୀପ ପ୍ରଧାନ (୨୮) ଓ ଜୟପୁର ଜୟନଗର ଅଞ୍ଚଳର ଅବିନାଶ ମହାରଣା (୨୩) । କୋରାପୁଟ ଜିଲାର ଲମତାପୁଟଠାରୁ ଏକ ପିକ୍‌ଅପ୍ ଭ୍ୟାନ୍ ଗଞ୍ଜେଇ ଆଣି ବାମୁଣି ଗାଁ ନିକଟରେ ଟ୍ରକ୍‌କୁ ଅପେକ୍ଷା କରିଥିବା ବେଳେ ଜୟପୁର ସଦର ପୋଲିସ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଚଢ଼ାଉ କରିଥିଲେ। ଏହି ସମୟରେ ଭ୍ୟାନ୍‌ରୁ ୧୨ କୁଇଣ୍ଟାଲ ୪୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହାର ବଜାର ମୂଲ୍ୟ ୧ କୋଟି ୨୦ ଲକ୍ଷ ଟଙ୍କା ହେବ। ବାମୁଣିଗାଁ ନିକଟରେ ଅଭିଯୁକ୍ତମାନେ ହରିୟାଣା ଗଞ୍ଜେଇ ଚାଲାଣ କରିବାକୁ ଟ୍ରକ୍‌କୁ ଅପେକ୍ଷା କରିଥିଲେ। ତେବେ ଏଥିରେ ୧୦ ଜଣ ଯୁବକ ସମ୍ପୃକ୍ତ ଥିବା ବେଳେ ପୋଲିସକୁ ଦେଖି ୮ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍, ପିସ୍ତଲ, ୪ଟି ମୋବାଇଲ ଫୋନ ଜବତ ହୋଇଛି। ୧୨୦/୨୧ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

## ମୃତ ଶିକ୍ଷକଙ୍କୁ କୋଭିଡ୍ ଡ୍ୟୁଟି

**ନବରଙ୍ଗପୁର,୩।୭(ବି.ପ୍ର.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଶିକ୍ଷା ବିଭାଗର ଅଜବ ନୀତି। ମୃତ ଶିକ୍ଷକଙ୍କୁ ମିଳିଛି କୋଭିଡ୍ କଣ୍ଟ୍ରୋଲ ରୁମ୍ ଡ୍ୟୁଟି। ଜଣେ ମୃତ ଶିକ୍ଷକଙ୍କୁ କୋଭିଡ୍ କାର୍ଯ୍ୟ ପାଇଁ ଚିଠି ଜାରି ହୋଇଛି। ଚିଠି ଅନୁଯାୟୀ, ଚଳିତ ମାସ ୨୮ ତାରିଖ ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟରେ କୋଭିଡ୍ ସଂକ୍ରାନ୍ତ ଅଭିଯୋଗ ଗ୍ରହଣ କରିବା ନିମନ୍ତେ ଏକ କଣ୍ଟ୍ରୋଲ ରୁମ୍ ରହିଛି। ବ୍ଲକର ଶିକ୍ଷକମାନଙ୍କୁ ୪ ପର୍ଯ୍ୟାୟ ଯଥାକ୍ରମେ ସକାଳ ୭ରୁ ୧, ୧ରୁ ସନ୍ଧ୍ୟା ୬, ସନ୍ଧ୍ୟା ୬ରୁ ରାତ୍ରି ୧୦ ଓ ରାତି ୧୦ରୁ ସକାଳ ୭ଟା ପର୍ଯ୍ୟନ୍ତ ଡ୍ୟୁଟି କରିବାକୁ ଚିଠି ଜାରି ହୋଇଛି। ଜୁଲାଇ ମାସ ପାଇଁ ଡାବୁଗାଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକଙ୍କ ନାମ ଘୋଷଣା କରାଯାଇଛି। ଚିଠି ନଂ. ୧୮୬୩/୨୧ରେ ଶିକ୍ଷକମାନଙ୍କ ନାମ ଉଲ୍ଲେଖ ରହିଛି। ବ୍ଲକର ଜଣେ ମୃତ ଶିକ୍ଷକ ମେଦିନିକାନ୍ତ ମେହେରଙ୍କ ନାମ ମଧ୍ୟ ଏଥିରେ ରହିଛି। ଚିଠି ଅନୁଯାୟୀ, ଜୁଲାଇ ୨୮ ସନ୍ଧ୍ୟା ୬ରୁ ରାତ୍ର ୧୦ ପର୍ଯ୍ୟନ୍ତ ସେ କୋଭିଡ୍ କଣ୍ଟ୍ରୋଲ୍ ରୁମ୍‌ରେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ଏହି ମୃତ ଶିକ୍ଷକଙ୍କୁ ପୂର୍ବରୁ ମଧ୍ୟ କୋଭିଡ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟ କରିବା ନେଇ ଚିଠି ହୋଇଥିଲା। ତେବେ ଜଣା ପଡ଼ିବା ପରେ ତରବରିଆ ଭାବେ ମୃତ ଶିକ୍ଷକଙ୍କ ନାମ ଲିଷ୍ଟରୁ କଟାଯାଇଥିଲା। ଏ ନେଇ ଡାବୁଗାଁ ବିଇଓ ପ୍ରଶାନ୍ତ କୁମାର ହୋତାଙ୍କୁ ପଚାରିବାରୁ ତାଲିକାରୁ ନାଁ ହଟାଇ ଦିଆଯାଇଛି। ଅନ୍ୟ ଶିକ୍ଷକଙ୍କୁ ଉକ୍ତ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

**କଦମପଟଣା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍**

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ କଦମପଟଣାର ୧୧ ଓ୧୨ ନଂ ୱାର୍ଡରୁ ଶନିବାର ୧୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ନିର୍ଦ୍ଦେଶରେ କଦମପଟଣାର ୧୧ନମ୍ବର ୱାର୍ଡରୁ ୨୨ନମ୍ବର ୱାର୍ଡ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଶନିବାର ସକାଳ ୬ଟାରୁ ୯ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ସମୟ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ। ବାଙ୍କୀର ଏମ୍‌ଆଇ ସେଠାକାର ଲୋକଙ୍କୁ ଅତ୍ୟାବଶ୍ୟକ ଜିନିଷ ଯୋଗାଇବା ଦେବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

# ଇଞ୍ଜେକ୍ସନ ନେବା ପରେ ନବବଧୂଙ୍କ ମୃତ୍ୟୁ

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ପାଦରୁ ଅଳତା, ହାତରୁ ମେହେନ୍ଦି ଲିଭିନି। ବିବାହର ମାତ୍ର ୧୦ ଦିନରେ ଜଣେ ନବବଧୂଙ୍କ ଜୁଇ ଜଳିଛି। ଇଞ୍ଜେକ୍ସନ ନେବାର ମାତ୍ର କିଛି ସମୟ ଭିତରେ ନବବଧୂ ଜଣକ ଯନ୍ତ୍ରଣାରେ ଛଟପଟ ହୋଇ ଆଖିବୁଜି ଦେଇଛନ୍ତି। ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ନବବଧୂ ହେଲେ ବରମୁଣ୍ଡା ଅଞ୍ଚଳର ପ୍ରିୟଙ୍କା ପଟ୍ଟନାୟକ। ବେକରେ ଯନ୍ତ୍ରଣା ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ପ୍ରିୟଙ୍କାଙ୍କ ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଡାକ୍ତରଙ୍କ ଅବହେଳା ଓ ଭୁଲ୍ ଇଞ୍ଜେକ୍ସନ ପାଇଁ ପ୍ରିୟଙ୍କାଙ୍କ ମୃତ୍ୟୁ ଘଟିଥିବା ଶାଶୁଘର ଓ ବାପଘର ଲୋକେ ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ଫଳରେ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଉତ୍ୟକ୍ତ ଲୋକେ ଓ ହସ୍ପିଟାଲ ସୁରକ୍ଷା କର୍ମୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ପରେ

**ଘରୋଇ ହସ୍ପିଟାଲରେ ଉତ୍ତେଜନା**



ନବବଧୂଙ୍କ ମୃତ୍ୟୁକୁ ନେଇ ଘରୋଇ ହସ୍ପିଟାଲ ସମ୍ମୁଖରେ ଉତ୍ୟକ୍ତ ଲୋକେ ହୋ ହଲ୍ଲା କରୁଛନ୍ତି।

ଉତ୍ତେଜନା ହ୍ରାସ ପାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ୍ ପଠାଇଥିଲା। ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୬୨/୨୧) ରୁଜୁ କରିଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଲୋକେ ଆକ୍ରମଣ କରିଥିବା ନେଇ ହସ୍ପିଟାଲର ସିକ୍ୟୁରିଟି ଗାର୍ଡଙ୍କ ପକ୍ଷରୁ ଥାନାରେ ମଧ୍ୟ ପାଲଟା ଅଭିଯୋଗ କରାଯାଇଛି। ଥାନା ଅଧିକାରୀ ଶରତ ସାହୁ କହିଛନ୍ତି, ମୃତକଙ୍କ ପରିବାର ଲୋକଙ୍କ ପକ୍ଷରୁ ଡାକ୍ତରଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ପୋଲିସ ଗ୍ରହଣ କରିଛି। ତେବେ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ଏ ସଂକ୍ରାନ୍ତରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ଚିଠି ଲେଖିବ। ସିଡିଏମ୍‌ଓଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି।

ପରିବାର ଲୋକଙ୍କ କହିବା ମୁତାବକ, ପ୍ରିୟଙ୍କାଙ୍କ ଘର ମେଣ୍ଢାଶାଳରେ ହୋଇଥିବାବେଳେ ଗତ ୨୩ ତାରିଖରେ ବରମୁଣ୍ଡା ଅଞ୍ଚଳରେ ତାଙ୍କର ବାହାଘର ହୋଇଥିଲା। ଶୁକ୍ରବାର ବେକରେ ରକା ପଶିବାରୁ ସେ କଷ୍ଟ ଅନୁଭବ କରୁଥିଲେ। ଶନିବାର ଭୋର୍‌ରେ ଯନ୍ତ୍ରଣା ଅସହ୍ୟ ହେବାରୁ ଶାଶୁଘର ଲୋକେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ତାଙ୍କ ଭାଇ କହିଛନ୍ତି, ପ୍ରିୟଙ୍କାର ଅନ୍ୟ କୌଣସି ରୋଗ ନ ଥିଲା। ସେ ସୁସ୍ଥ ଥିଲେ। ଚାଲି ଚାଲି ହସ୍ପିଟାଲ ଭିତରକୁ ଯାଇଥିଲେ। ବେକରେ ଯନ୍ତ୍ରଣା ଭଲ କରିବା ପରିବର୍ତ୍ତେ ଡାକ୍ତର ମାରିଦେଲେ। ବିଳମ୍ବରେ ଚିକିତ୍ସା ଆରମ୍ଭ କଲେ। ଡାକ୍ତର ପାଖରେ ଠିଆ ହୋଇଥିବାବେଳେ ଅନ୍ୟ ଜଣେ କିଏ ଇଞ୍ଜେକ୍ସନ ଦେଇଥିଲେ ବୋଲି ସେ କହିଛନ୍ତି। ତେବେ ଚିକିତ୍ସା ଅବହେଳାକୁ ଅସ୍ୱୀକାର କରିଛନ୍ତି ମୃତକଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସଞ୍ଜୟ ପଣ୍ଡା। ମୃତକଙ୍କ ବେକରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ପେନ୍‌କିଲର ସହ ବାନ୍ତି ଓ ଗ୍ୟାସ୍ ପାଇଁ ଇଞ୍ଜେକ୍ସନ ଦିଆଯାଇଥିଲା। ଯନ୍ତ୍ରଣା କମିଥିଲେ ତାଙ୍କ ସ୍ପାଇନାଲ୍ କର୍ଡରେ ସିଟି ସ୍କାନ କରାଯାଇଥାନ୍ତା। ତେବେ ଇଞ୍ଜେସକ୍ସନ ନେବା ପରେ ହୃଦ୍‌ଘାତରେ ପ୍ରିୟଙ୍କାଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି।



କଟକ ଏସ୍‌ସିବି ମେଡ଼ିକାଲ ଟିକାକରଣ କେନ୍ଦ୍ରରେ ଶନିବାର ଟିକା ନେବା ପାଇଁ ଲୋକମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

## ସଂକ୍ଷେପରେ

### ସୁନାଚେନ୍, ମୋବାଇଲ ଜବତ: ୨ ଗିରଫ



**କଟକ ଅଫିସ,୩।୭:** ଚୋରି ଅଭିଯୋଗରେ ଜଗତ୍‌ପୁର ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଦିଲୀପ କୁମାର ଦାସ ଓରଫ ବାବା(୪୬) ଓ କଟକ ଜିଲା ମାହାଙ୍ଗା ଅଞ୍ଚଳର ଦୀପକ କୁମାର ଶତପଥୀ ଓରଫ ଦୀପୁ(୨୮)। ପୋଲିସ ସେମାନଙ୍କଠାରୁ ୩ ସୁନାଚେନ, ୭ ମୋବାଇଲ ଓ ଗୋଟିଏ ବାଇକ ଜବତ କରିଛି। ଉଭୟଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୪୮ଟି ମାମଲା ରହିଥିବା ଡିସିପି ପ୍ରତୀକ୍ ସିଂ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପିଙ୍କ ସୂଚନା ମୁତାବକ, ଗତ ଏପ୍ରିଲ ୧୨ ତାରିଖ ସକାଳେ ଫକୀରପୁର ପଣ୍ଡାସାହିର ଆଲୋକ ଚନ୍ଦ୍ର ଲେଙ୍କାଙ୍କ ମା' ଜଗତ୍‌ପୁର କୃଷ୍ଣେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଲୁଟ୍ କରି ପଳାଇ ଯାଇଥିଲେ। ଏନେଇ ସେ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୪୪/୨୧) ରୁଜୁ କରିଥିଲା। ନିକଟରେ ଥିବା ସିସିଟିଭି ଫୁଟେଜ ଆଧାରରେ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୧୦ ଲକ୍ଷ ଠକେଇ: ଜେଲ ଗଲେ ମଦ ଦୋକାନ ମ୍ୟାନେଜର

**ଭୁବନେଶ୍ୱର,୩।୭(ବ୍ୟୁରୋ):** ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ୧୦ଲକ୍ଷ ଟଙ୍କା ଚଳୁ କରିଥିବା ମଦ ଦୋକାନ ମ୍ୟାନେଜରଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅଞ୍ଚଳର ଉତ୍କଳ ପ୍ରିୟଦେବ ସିଂ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ରୋଡ୍‌ରେ ମୀନତି ନାୟକଙ୍କର ଏକ ବିଦେଶୀ ମଦ ଦୋକାନ ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତ ଉତ୍କଳ ସମସ୍ତ କାରବାର ବୁଝୁଥିଲେ। ଗତ ଏପ୍ରିଲରେ ଦେଢ ଲକ୍ଷ ଟଙ୍କା ବ୍ୟାଙ୍କରେ ଡିପୋଜିଟ କରିବା ବଦଳରେ ଆତ୍ମସାତ କରିଥିଲେ। ଏପରି ଏକାଧିକଥରରେ ସେ ୧୦ଲକ୍ଷ ଟଙ୍କା ସେ ଡିପୋଜିଟ୍ ନ କରି ଠକିନେଇଥିବା ଜାଣିବା ପରେ ମୀନତି ଥାନାରେ ୨ଟି ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୪୧, ୨୧୦/୨୧) ରୁଜୁ କରିଥିଲା। ଉତ୍କଳ ପ୍ରଥମ ମାମଲାରେ ହାଇକୋର୍ଟରୁ ଜାମିନ ଆଣିଥିବାବେଳେ ଦ୍ୱିତୀୟ ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

**ସାଲେପୁର,୩।୭(ଡି.ଏନ.ଏ.):** ଘରୋଇ ରାସ୍ତାରେ ପାଚେରି ନିର୍ମାଣ କରିବାକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୪୦/୨୧) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ପିକୋଳ ଗ୍ରାମର ବିଚିତ୍ର ସାହୁଙ୍କ ଘରୋଇ ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳର ଅଜୟ ସାହୁ, ପବିତ୍ର ସାହୁ, ତ୍ରିଲୋଚନ ସାହୁଙ୍କ ସମେତ ୫ଜଣ ବ୍ୟକ୍ତି ପାଚେରି ନିର୍ମାଣ କରୁଥିଲେ। ଏହି ସମୟରେ ବିଚିତ୍ର ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଆକ୍ରମଣ କରିବା ପାଇଁ ଗୋଡାଇଥିଲେ। ଫଳରେ ସେ ଚିତ୍କାର କରି ଘର ଭିତରକୁ ପଶିଯାଇଥିଲେ। ପାଟି ଶୁଣି ତାଙ୍କ ସ୍ତ୍ରୀ ଘରୁ ପଦାକୁ ଆସିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ କଟୁରି ଓ ଶାବଳରେ ଆକ୍ରମଣ କରିଥିଲେ। ସେ ଅଚେତ୍ ହୋଇଯିବା ପରେ ଆକ୍ରମଣକାରୀମାନେ ଖସି ପଳାଇ ଥିଲେ।

### ୪ ମୋବାଇଲ ଜବତ:୨ ଗିରଫ

**ଆଠଗଡ,୩।୭(ସ୍ୱ.ପ୍ର.):** ଚୋରି ମୋବାଇଲ ବିକ୍ରି ପାଇଁ ଉଦ୍ୟମବେଳେ ଆଠଗଡ଼ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମେଘାଦାସପୁର ଗ୍ରାମର ଅଦ୍ୱୈତ ବାଇ ଓ ମେଘା ଗ୍ରାମର ବଳରାମ ଦେହୁରୀ। ସେମାନଙ୍କଠାରୁ ୪ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଶୁକ୍ରବାର ବାଉଁଶଦଣ୍ଡା ଛକରେ ଅଭିଯୁକ୍ତ ଦ୍ୱୟ ଚୋରି ମୋବାଇଲ ବିକ୍ରି ପାଇଁ ଉଦ୍ୟମ କଲାବେଳେ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଗତ ୧୮ ତାରିଖରେ ଆଠଗଡ଼ ମହିଳା କଲେଜ ରୋଡ୍‌ରେ ବିଭୂତି ଭୂଷଣ ମିଶ୍ର ଓ ଚାନ୍ଦବାଲି ଛକଠାରେ ପ୍ରକାଶ କୁମାର ସାହୁ ଫୋନ୍‌ରେ କଥା ହୋଇ ଚାଲିଚାଲି ଆସୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ମୋବାଇଲ ଲୁଟି ନେଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ୧୬ ସୁଦ୍ଧା ଆତ୍ମସମର୍ପଣ କର: ହାଇକୋର୍ଟ

**ସାନଭାଇଙ୍କୁ ହତ୍ୟା ମାମଲା**
- ନିମ୍ନ ଅଦାଲତଙ୍କ ରାୟ କାଏମ, ଅଭିଯୁକ୍ତଙ୍କ ଆବେଦନ ଖାରଜ

**କଟକ ଅଫିସ,୩।୭**

ବାରିପଦାରେ ସାନଭାଇଙ୍କୁ ହତ୍ୟାକରି ଅନ୍ତରୀଣ ଜାମିନରେ ଆସିଥିବା ଅନୱର ଖାନ୍ ଆସନ୍ତା ୧୬ ତାରିଖ ସୁଦ୍ଧା ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍.କେ. ପାଣିଗ୍ରାହୀଙ୍କ ମିଳିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୨ ଏପ୍ରିଲ ୧୮ରେ ବାରିପଦା ପୌରାଞ୍ଚଳ ୧୪ ନଂ. ୱାର୍ଡର ଅନୱର ତାଙ୍କ ସାନଭାଇ ମନୁୱର ଖାନ୍‌ଙ୍କୁ କୌଣସି କାରଣକୁ ନେଇ ଭୁଜାଲିରେ ହାଣି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଅନୱରଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ବାରିପଦା ଅତିରିକ୍ତ ସେସନ ଜଜ୍‌ଙ୍କ କୋର୍ଟରେ ଏହାର ଶୁଣାଣି କରାଯାଇ ଅନୱରଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ପରେ ସେ ନିମ୍ନ ଅଦାଲତଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ମାର୍ଚ୍ଚ ୧୬ରେ ୪ମାସ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏବେ ହାଇକୋର୍ଟ ଶୁଣାଣି କରି ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିବା ସହ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏଥିସହ ଆସନ୍ତା ୧୬ ମଧ୍ୟରେ ଟ୍ରାଏଲ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ପୋଲିସ ତାଙ୍କୁ ଗିରଫ କରିପାରିବ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

## ପ୍ରସ୍ତାବିତ ଡ୍ରେନ୍ ନିର୍ମାଣ ସ୍ଥାନ ପରିଦର୍ଶନ କଲେ ଏମ୍‌ପି

**ଭୁବନେଶ୍ୱର,୩।୭**

ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ବର୍ଷା ଜଳ ନିଷ୍କାସନକୁ ନେଇ ନୟାପଲ୍ଲୀ ଓ ଶାସ୍ତ୍ରୀନଗରର ବାସିନ୍ଦାଙ୍କ ମଧ୍ୟରେ ଥିବା ସମସ୍ୟା ଖୁବ୍‌ଶୀଘ୍ର ଦୂର ହେବାକୁ ଯାଉଛି। ୧୨୦ ବାଟାଲିୟନ ପରିସରରେ ଡ୍ରେନ୍ ନିର୍ମାଣ ପାଇଁ ଅନୁମତି ମିଳିବା ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଏମ୍‌ସିର ୱାର୍ଡ ନମ୍ବର ୩୭,୩୮ ଓ ୩୯ ମଧ୍ୟରେ ଆସୁଥିବା ଏହି ଅଞ୍ଚଳ ଶନିବାର ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର ଡ୍ରେନ୍ ନିର୍ମାଣ କରାଯିବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉପରୋକ୍ତ ୩ ୱାର୍ଡରେ ପ୍ରାୟ ୩୦ହଜାର ଲୋକ ବାସ କରନ୍ତି। ଏହି ଅଞ୍ଚଳରେ ଡ୍ରେନ୍ ସମସ୍ୟା ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଏହାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଏମ୍‌ପି ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ବାଟାଲିୟନ ପରିସରରେ ଡ୍ରେନ୍ ନିର୍ମାଣ ଆବଶ୍ୟକ ଥିବାରୁ ଏମ୍‌ପି ଷଡ଼ଙ୍ଗୀ ଏନେଇ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଗତ ଏପ୍ରିଲରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବାଟାଲିୟନ ପରିସରରେ ଡ୍ରେନ୍ ନିର୍ମାଣ ପାଇଁ ଅନୁମତି ମିଳିଥିଲା। ଶନିବାର ଏମ୍‌ପି ଷଡ଼ଙ୍ଗୀ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ ପ୍ରମୁଖ ପ୍ରସ୍ତାବିତ ଡ୍ରେନ୍ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହ ଡ୍ରେନ୍ କାର୍ଯ୍ୟକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଉଭୟ ମୁଖ୍ୟଶାସନ ସଚିବ ଏବଂ ବିଏମ୍‌ସି କମିଶନରଙ୍କୁ ଏମ୍‌ପି ଷଡ଼ଙ୍ଗୀ ଅବଗତ କରିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଭାଗୀରଥି



@ ରାଜେଶ



@ ବିଜୟଲକ୍ଷ୍ମୀ



@ ସୁଜିତ



@ ବୁଦ୍ଧନାଥ



@ ବିଶ୍ୱଜିତ୍

# ସାପୁଆ ନଦୀ ପ୍ରଦୂଷଣ ମୁକ୍ତ ଦାବି

**ଆଠଗଡ,୩।୭(ସ୍ୱ.ପ୍ର.)**

ସାପୁଆ ନଦୀକୁ ପ୍ରଦୂଷଣ ମୁକ୍ତ ଓ ଗୋଡ଼ିଝରିଆ ଜଳ ଯୋଗାଣ ପ୍ରକଳ୍ପରୁ ପାନୀୟଜଳ ଯୋଗାଇବାକୁ ଆଠଗଡ କଂଗ୍ରେସ ପକ୍ଷରୁ ଶନିବାର ଦାବି କରାଯାଇଛି। ଏନେଇ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ସମେତ ଟିଗିରିଆ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସ, ସୁଦର୍ଶନ ସାହୁ ଓ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସାପୁଆ ନଦୀକୁ ପଣସପାଟଣା ଅଞ୍ଚଳର କେତେଜଣ ମଦ ବ୍ୟବସାୟୀ ରାସାୟନିକ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

ପଦାର୍ଥ ଛାଡି ଜଳକୁ ପ୍ରଦୂଷିତ କରୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି । ଏହି ବିଷାକ୍ତ ପାଣି ପିଇ ଗୋରୁ ମଧ୍ୟ ଅସୁସ୍ଥ ହେଉଛନ୍ତି। ଏହା ବ୍ୟତୀତ ଗୋଡିଝରିଆ ଅଞ୍ଚଳରେ ୩ ବର୍ଷ ହେବ ବସୁଧା ଯୋଜନାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ଏହାସତ୍ତ୍ୱେ ସ୍ଥାନୀୟ ଲୋକେ ଏହାର ସୁଫଳ ପାଉନାହାନ୍ତି। ତୁରନ୍ତ ସେମାନଙ୍କ ନିକଟରେ ପାନୀୟ ଜଳ ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଠାଯାଇଛି।

## ଧୂମାବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର,୩।୭(ଡି.ଏନ୍.ଏ.)**

ଚୌଦ୍ୱାର ନିକଟ ୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା' ଧୂମାବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ମନ୍ଦିର ପ୍ରତିଷ୍ଠା, ନବଶିଳା ସ୍ଥାପନ, ଧ୍ୱଜା ଉତ୍ତୋଳନ, ଅଷ୍ଟପ୍ରହର ନାମଯଜ୍ଞ, ନୂତନ ମନ୍ଦିରରେ ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ସାଙ୍ଗକୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପଣ୍ଡିତ ଓ ସାଧୁସନ୍ଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ସାଲେପୁର,୩।୭(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ପିକୋଳ ପଞ୍ଚାୟତ ଚାରିମାଣିଆଠାରେ ଥିବା ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଚାରିମାଣିଆ ଗ୍ରାମର ବିଜୟ ସାମଲ। ପୋଖରୀ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୭/୨୧) ରୁଜୁ ହୋଇଛି।

# ୫୦୦ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ବଣ୍ଟନ

**କଟକ ଅଫିସ, ୩।୭**

କରୋନା ମହାମାରୀ ପ୍ରଭାବରେ ସ୍ୱଳ୍ପ ବେତନଭୋଗୀ ଓ ଅସହାୟ ବ୍ୟକ୍ତିମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଭାରତ ମସଲା ପକ୍ଷରୁ ଶନିବାର ଏସ୍‌ସିବି ମେଡିକାଲରେ କାର୍ଯ୍ୟରତ ୫ ଶହ ସଫେଇ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂହ, ଡା. ଭୁବନାନନ୍ଦ ମହାରଣା, ପାରିତୋଷ ଏଜେନ୍ସିର ମୁଖ୍ୟ ବଳରାମ ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଶ୍ରୀଧର କୁମାର ସାହୁ, ସୂର୍ଯ୍ୟନାରାୟଣ ସାହୁ, ସାହି ପ୍ରସାଦ ମହାପାତ୍ର, ସୁଜିତ ବଙ୍ଗାରୀ, ସଞ୍ଜୀବ ବାରିକ ଏବଂ ଅନୁସୂୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭାରତ ମସଲା ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।

# ମହିଳାଙ୍କୁ ଗାଳି, ନାବାଳକଙ୍କୁ ମାଡ଼ ମାରିଲା ପୋଲିସ

**ପୋଲିସର ଅମାନୁଷିକ ବ୍ୟବହାର**
- ପୀଡ଼ିତ ପରିବାର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ
- ଘର ନିର୍ମାଣ କରିବାରୁ ଥାନାରେ ଅଟକ

**ନିଶ୍ଚିନ୍ତକୋଇଲି,୩।୭(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧିକାରୀ ଓ ଏସ୍‌ଆଇ ଜଣେ ମହିଳାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ନାବାଳକଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଛନ୍ତି। ଏନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଶାନ୍ତନୁ କୁମାର ମହାରଣା ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାଛଡ଼ା କଟକ ଜିଲାପାଳ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଓ ସାଲେପୁର ଏସ୍‌ଡିପିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଶାନ୍ତନୁଙ୍କ ଘର ନେମାଳ ଥାନା ମାଳିଗାଁ ଗ୍ରାମରେ। ସେ ଜଣେ ଗରିବଶ୍ରେଣୀର। ତାଙ୍କର ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏନେଇ ଶାନ୍ତନୁ ଧାର କରଜ କରି ଏକ ପକ୍କାଘର ନିର୍ମାଣ କରୁଥିଲେ। ଗତ ୨୮ ତାରିଖରେ ତାଙ୍କ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ନେମାଳ ଥାନା ଆଇଆଇସି ଉମେଶ କୁମାର ସାହୁ ଓ ଏସ୍‌ଆଇ ସୁନୀଲ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗୃହ ନିର୍ମାଣ ନିମନ୍ତେ ପ୍ରସ୍ତୁତ ହୋଇଥିବା ସିମେଣ୍ଟ, ଗୋଡ଼ି ଓ ବାଲିକୁ ନଷ୍ଟ କରିଦେଇଥିଲେ। କାର୍ଯ୍ୟ କରୁଥିବା ରାଜମିସ୍ତ୍ରି ଓ ଶ୍ରମିକମାନଙ୍କୁ ଥାନାକୁ ନେଇଯାଇଥିଲେ। ଏହି ସମୟରେ ଶାନ୍ତନୁଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ଆଇଆଇସି ସାହୁ ଗାଳିଗୁଲଜ କରିବା ସହ ପରିବାର ଲୋକଙ୍କୁ ରାତି ୧୦ ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲେ। ଏପରିକି ଏସ୍‌ଆଇ ପତି ନାବାଳକ ପୁତ୍ର କୈଳାସଙ୍କୁ ମାଡ଼ ମାରିଥିଲେ। କେଉଁ ଅଭିଯୋଗ ଓ ଆଦେଶ ବଳରେ ଗୃହ କାର୍ଯ୍ୟ ବନ୍ଦ କରୁଛନ୍ତି ବୋଲି ଶାନ୍ତନୁ ପଚାରିଥିଲେ। ବେଶି ପାଟି କଲେ ଚୋରି କେସ୍‌ରେ ଫସାଇ ପୁଅର ଜୀବନ ନଷ୍ଟ କରିଦେବେ ବୋଲି ଥାନା ଅଧିକାରୀ ଧମକ ଦେଇଥିଲେ।

ଏ ସମ୍ପର୍କରେ ଆଇଆଇସି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଶାନ୍ତନୁଙ୍କ ବିରୋଧରେ ପୂର୍ବରୁ କୋର୍ଟରେ ଜମିବାଡି ନେଇ ଏକ ମାମଲା ରୁଜୁ ହୋଇଥିଲା।

କୋର୍ଟ ନିର୍ଦ୍ଦେଶ ଅନୁସାରେ ସେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନାବାଳକଙ୍କୁ ମାଡ଼ମାରିବା ଓ ମହିଳାଙ୍କୁ ଗାଳିଗୁଲଜ କରିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ। ଏହି ଅଭିଯୋଗ କେତେଦୂର ସତ୍ୟ ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଆଜି ୨୭ ଜିଲାରେ ଟିକାକରଣ ବନ୍ଦ

**ଭୁବନେଶ୍ୱର:** ରାଜ୍ୟରେ ରବିବାର ୨୭ ଜିଲାରେ ଟିକାକରଣ ହେବ ନାହିଁ। କେବଳ କେନ୍ଦ୍ରାପଡ଼ା, ପୁରୀ ଓ ରାୟଗଡ଼ା ଜିଲାର ୧୬୩ କେନ୍ଦ୍ରରେ ଟିକାକରଣ ହେବ। କେନ୍ଦ୍ରାପଡ଼ାରେ ୮୦, ପୁରୀରେ ୬୭ ଏବଂ ରାୟଗଡ଼ାରେ ୧୬ଟି କେନ୍ଦ୍ରରେ ଟିକା ଦିଆଯିବ। ରାଜ୍ୟ ସରକାରଙ୍କ ପାଖରେ ଏବେ ୯,୮୧,୧୯୦ ଡୋଜ୍ କୋଭିଶିଲ୍ଡ ଏବଂ ୩,୯୧,୫୪୦ ଡୋଜ୍ କୋଭାକ୍ସିନ ଟିକା ଗଚ୍ଛିତ ରହିଛି। ଶନିବାର ୪୨୫ କେନ୍ଦ୍ରରେ ୧,୦୮,୧୫୦ଜଣ ହିତାଧିକାରୀଙ୍କୁ ଟିକା ଦିଆଯାଇଛି। ଫଳରେ ମୋଟ ୧,୨୦,୬୦,୩୯୧ ଡୋଜ୍ ଟିକାକରଣ ହୋଇଛି। ସେପଟେ ୫,୩୬,୮୮୮ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ଜଣାପଡ଼ିଛି। ଏଥିମଧ୍ୟରେ ୩,୨୧,୩୪୨ଜଣ ସ୍ୱାସ୍ଥ୍ୟକର୍ମୀ ଥିବାବେଳେ ୨,୧୫,୫୪୬ଜଣ ସମ୍ମୁଖ ଯୋଦ୍ଧା ରହିଛନ୍ତି।

# ମାସ୍କ ପିନ୍ଧିବା ଜୀବନଶୈଳୀର ଅଂଶ ହେଉ

**ରାଜ୍ୟରେ ଏବେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଜାରି ରହିଛି। ପ୍ରତିଦିନ ୩ ହଜାର ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ସଂକ୍ରମିତଙ୍କ ମୃତ୍ୟୁ ଘଟୁଛି। ସେପଟେ ତୃତୀୟ ଲହର ଆସିବ ବୋଲି ଆଶଙ୍କା କରାଯାଉଥିବାବେଳେ ଇତିମଧ୍ୟରେ ଲକ୍‌ଡାଉନ୍ କଟକଣା ବି କୋହଳ ହୋଇଛି। ଏ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ସବୁଠୁ ବଡ଼ ପ୍ରସଙ୍ଗ ହୋଇଛି। କରୋନା ଲଢ଼େଇରେ ସାମିଲ ହୋଇଥିବା ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ସମ୍ଭାବ୍ୟ ତୃତୀୟ ଲହରକୁ ନେଇ କିପରି ପ୍ରସ୍ତୁତ ରହିଛି, ସେ ସମ୍ପର୍କରେ ଏହାର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳୀ ବାଟମାନବେନନଙ୍କ ସହ ସ୍ୱତନ୍ତ୍ର ଆଳାପ।**


ଡା. ଗୀତାଞ୍ଜଳୀ ବାଟମାନବେନନ



■ **କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ଓଡ଼ିଶାକୁ କିପରି ପ୍ରଭାବିତ କରିଥିଲା?**

ଦ୍ୱିତୀୟ ଲହରରେ ବହୁ ଯୁବ ବର୍ଗର ରୋଗୀ ଦେଖିବାକୁ ମିଳିଥିଲେ। ବହୁ ବିଳମ୍ବରେ ଡାକ୍ତରୀ ସାହାଯ୍ୟ ନେବାକୁ ଆସିବାରୁ ଅଧିକାଂଶ ରୋଗୀଙ୍କୁ ଇଣ୍ଟେନସିଭ୍ ଚିକିତ୍ସାର ଆବଶ୍ୟକ ଥିଲା। ଏହା ବ୍ୟତୀତ ଆମେ ସଂକ୍ରମଣର କ୍ଲଷ୍ଟରିଂ ଦେଖିଲୁ, ଅର୍ଥାତ୍ ସମଗ୍ର ପରିବାର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

■ **ସଂକ୍ରମଣ ବଢ଼ିଯିବା ପରେ ଏମ୍ସ ଭୁବନେଶ୍ୱର କିପରି ମୁକାବିଲା କରିଥିଲା?**

ରାଜ୍ୟବାସୀଙ୍କ ଆଶା ପୂରଣ କରିବା ବଡ଼ ଆହ୍ୱାନ ଥିଲା। ବହୁ ସଂଖ୍ୟକ କୋଭିଡ୍ ଓ ଅଣକୋଭିଡ୍ ରୋଗୀ ଏମ୍ସ ଆସିଥିଲେ। ସେଥିପାଇଁ ଆମ ସେବାକୁ ଶୀଘ୍ର ସମ୍ପ୍ରସାରଣ କରିବାକୁ ପଡ଼ିଥିଲା। ଯେହେତୁ ଆମେ ଏକ ଶିକ୍ଷାନୁଷ୍ଠାନ, ଆମେ ଅନ୍‌ଲାଇନ୍ କ୍ଲାସ୍ ଜାରି ରଖିଥିଲୁ। ଏହା ବ୍ୟତୀତ ଆମେ ରାଜ୍ୟରେ କୋଭିଡ୍ ପରୀକ୍ଷଣ ଦକ୍ଷତା ବିକାଶରେ ମଧ୍ୟ ଜଡ଼ିତ ଥିଲୁ। ଓଡ଼ିଶା ଏବଂ ପଶ୍ଚିମବଙ୍ଗର ପ୍ରାୟ ୩୦ରୁ ୪୦ ମେଡିକାଲ କଲେଜକୁ ଆର୍‌ଟି-ପିସିଆର ପରୀକ୍ଷାରେ ସାହାଯ୍ୟ କରିଥିଲୁ। ଏହା ଆମ ପାଇଁ ଏକ ଶିକ୍ଷଣୀୟ ଅଭିଜ୍ଞତା ଥିଲା।

■ **ଦ୍ୱିତୀୟ ଲହରର ମୁଖ୍ୟ କାରଣ କ'ଣ ଥିଲା?**

ମୁଁ ଭାବୁଛି, ଲୋକଙ୍କ ମଧ୍ୟରେ ଉପଯୁକ୍ତ ଆଚରଣର ଅଭାବ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ। ପ୍ରଥମ ଲହର କମିବାପରେ ଲୋକେ ଆଉ କୋଭିଡ୍ ନିୟମ ମାନି ନ ଥିଲେ। ବାହାରେ ବୁଲିବା ସହିତ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖୁ ନ ଥିଲେ। ଯେପର୍ଯ୍ୟନ୍ତ ଆମେ ମାସ୍କ ପିନ୍ଧିବାକୁ ଆମ ଜୀବନଶୈଳୀର ଏକ ଅଂଶ ନ କରିବା, ସେପର୍ଯ୍ୟନ୍ତ ଏପରି ସଂକ୍ରମଣ ରହିଥିବ। ଏଥିସହିତ ଲୋକେ ନିଜକୁ ଟିକାକରଣ କରାଇବା ଜରୁରୀ। ଟିକା ମାଧ୍ୟମରେ ହିଁ ଏହି ମାରାତ୍ମକ ଭୂତାଣୁ ବିରୋଧରେ ସମୂହ ପ୍ରତିରୋଧକ ଶକ୍ତି ବା ହର୍ଡ ଇମ୍ୟୁନିଟି ବିକାଶ କରିପାରିବା।

■ **ଟିକାକରଣକୁ ନେଇ କ'ଣ କହିବେ?**

ଜାନୁଆରୀରେ ଟିକାକରଣ ଆରମ୍ଭ ସମୟରେ ଲୋକେ ଟିକା ନେବାକୁ ଦ୍ୱିଧା କରୁଥିଲେ। କିନ୍ତୁ ଏବେ ତାହା ଦେଖାଯାଉ ନାହିଁ। ଲୋକମାନେ ସାଧାରଣ ଜୀବନକୁ ଫେରିବାକୁ ଚାହାନ୍ତି ଏବଂ ସେମାନେ ବର୍ତ୍ତମାନ ହୃଦୟଙ୍ଗମ କରିଛନ୍ତି ଯେ, କରୋନାରୁ ନିଜକୁ ସୁରକ୍ଷା ଦେବାକୁ ଟିକା ନେବା ହେଉଛି ପ୍ରଥମ ପଦକ୍ଷେପ।

■ **ଆଉ ଏକ ଆତଙ୍କ ବ୍ଲାକ୍ ଫଙ୍ଗସ୍ ଓ ଏହାର ଚିକିତ୍ସା ସମ୍ପର୍କରେ କ'ଣ କହିବେ?**

ବର୍ତ୍ତମାନ ଆମ ପାଖରେ ପ୍ରାୟ ୪୦ଜଣ ମ୍ୟୁକୋରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ରୋଗୀ ଅଛନ୍ତି। ରାଜ୍ୟର ପ୍ରାୟ ୫୦% ଏହି ରୋଗୀ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଅଧିକାଂଶ ରୋଗୀ ରେଫର୍ ହୋଇ ଗୁରୁତର ଅବସ୍ଥାରେ ଆସୁଛନ୍ତି। ଏହା ବ୍ୟତୀତ ପଡ଼ୋଶୀ ରାଜ୍ୟରୁ ମଧ୍ୟ ରୋଗୀ ଆସୁଛନ୍ତି। ଏହି ରୋଗକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା ଜରୁରୀ।

■ **ଦ୍ୱିତୀୟ ଲହର କେବେ ଯିବ, ତୃତୀୟ ଲହର କେବେ ଆସିବ?**

ଲୋକଙ୍କ ବ୍ୟବହାର, ନିୟମ ପାଳନ ଓ ଟିକାକରଣ ଉପରେ ଦ୍ୱିତୀୟ ଲହରର ସକ୍ରିୟତା ନିର୍ଭର କରେ। ତୃତୀୟ ଲହର କେବେ ଆସିବ ତାହା କହିବା କଷ୍ଟକର। ଏହାକୁ ଅନୁମାନ କରିବା ପାଇଁ ଅନେକ ମଡେଲ ରହିଛି। ମୁଁ ପ୍ରାର୍ଥନା କରିବି ଏହା କେବେ ନ ଆସୁ।

■ **ଆଗାମୀ ସ୍ଥିତିକୁ ମୁକାବିଲା ପାଇଁ ଏମ୍ସରେ କିପରି ଭିତ୍ତିଭୂମି ରହିଛି?**

ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା କରିବାକୁ ଏମ୍ସରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। କର୍ମଚାରୀଙ୍କୁ ଆବଶ୍ୟକ ତାଲିମ, ପର୍ଯ୍ୟାପ୍ତ ସହାୟକ କର୍ମଚାରୀ, ଯନ୍ତ୍ରପାତି ଆଦିର ବ୍ୟବସ୍ଥା କରିଛୁ।

■ **ଏକ୍‌ମୋ ମେଶିନ ପାଇଁ ରୋଗୀଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏମ୍ସ ଏ ଦିଗରେ କ'ଣ ପଦକ୍ଷେପ ନେଉଛି?**

ଏମ୍ସ ଗତ ବୁଧବାର ଏକ ଏକ୍‌ମୋ ମେଶିନ ଗ୍ରହଣ କରିସାରିଛି। ଆମେ ଦ୍ୱିତୀୟ ମେଶିନ ପାଇଁ ଅର୍ଡର କରିଛୁ, ଯାହା ଶୀଘ୍ର ଆସିବାର ରହିଛି। ତେବେ ଏକ୍‌ମୋ ମେଶିନକୁ କିପରି ଚିକିତ୍ସା ସେବାରେ ଲଗାଇବୁ ସେନେଇ ବ୍ୟବସ୍ଥା କରାଯାଉଛି।

**– ସାକ୍ଷାତ: ଅସମାପିକା ସାହୁ, ଭୁବନେଶ୍ୱର**

# ଶୁଭିଲାଣି ଦେଶୀୟ ପକ୍ଷୀଙ୍କ କଳରବ

■ ଭିତରକନିକାରେ ୬୦ ହଜାର ପକ୍ଷୀଙ୍କ ଭିଡ଼
■ ଜୈବ ବିବିଧତା ପ୍ରଭାବିତ ଯୋଗୁ ସ୍ଥାନ ପରିବର୍ତ୍ତନ


ଗଛ ଉପରେ ଦେଶୀ ପକ୍ଷୀଙ୍କ ଭିଡ଼।

**ରାଜନଗର,୩।୭(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଏବେ ଦେଶୀୟ ପକ୍ଷୀଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରେ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାର ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଏବେ ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଭିଡ଼ ଜମାଇ ସାରିଲେଣି। ଦେଶୀୟ ପକ୍ଷୀଙ୍କ କାକଳିରେ ଭିତରକନିକା ଏବେ କୋଳାହଳମୟ ହୋଇ ଉଠିଛି।

ଭିତରକନିକାକୁ ଜୁନ୍ ଶେଷ ଭାଗରୁ ଦେଶୀୟ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡାଦେଇ ଛୁଆ ଫୁଟାଇବା ପରେ ଛୁଆଙ୍କୁ ସାଥିରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରି ଯାଇଥାନ୍ତି। ମୌସୁମୀର ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶବିସ୍ତାର ଓ ଭିତରକନିକାରେ ରହିଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଏଠାକୁ ଛୁଟି ଆସନ୍ତି। ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱତାପନର ପ୍ରଭାବ ଯୋଗୁ ଭିତରକନିକାର ଜୈବବିବିଧତା ପ୍ରଭାବିତ ହୋଇଛି। ଫଳରେ କ୍ରମାଗତ ଭାବେ ଭିତରକନିକାରେ ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ପୂର୍ବରୁ ବଗଗହନରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଥିଲେ। ଗତ ୫ ବର୍ଷ ହେଲା ବଗଗହନଠାରୁ ୩ କିମି ଦୂର ମଠଆଡିଆରେ ଦେଶୀୟ ପକ୍ଷୀଙ୍କ କଳରବ ଶୁଭୁଛି।

୨୦୧୯ରୁ ମଠଆଡିଆ ସହିତ ଲକ୍ଷ୍ମୀପ୍ରସାଦଡିଆ ଓ ଦୁର୍ଗାପ୍ରସାଦଡିଆରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଛନ୍ତି। ଗତବର୍ଷ ୧୦ ପ୍ରକାରର ୯୭,୮୬୬ ଦେଶୀୟ ପକ୍ଷୀ ଭିତରକନିକାରେ ଗଣନା କରାଯାଇଥିଲା। ଚଳିତବର୍ଷ ମୌସୁମୀ ଆରମ୍ଭରୁ ଅଧିକ ସଂଖ୍ୟାରେ ପକ୍ଷୀ ଭିତରକନିକାକୁ ଆସିବାରେ ଲାଗିଛନ୍ତି। ଭିତରକନିକାର ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ଗେଣ୍ଡାଳିଆ, ପାଣିକୁଆ, ଖଇରା, ଅଞ୍ଜନା, ରାଣୀବଗ, ମଝିଆ ବଗ, ବଡବଗ, କାପରଖାଇ, ଅନ୍ଧାରିଆବଗ, ମାଛରଙ୍କା ପ୍ରଭୃତି ୧୦ ପ୍ରକାରର ଦେଶୀୟ ପକ୍ଷୀ ଭିଡ ଜମାଇଛନ୍ତି।

# ଘରୁ ବାହାରିଲା ୨୧ ନାଗ ଛୁଆ

**ନୂଆପଡା ଅଫିସ, ୩।୭**

ନୂଆପଡା ସଦର ଗଡତୋଲ ଗାଁର ଜଣଙ୍କ ଘରୁ ଶୁକ୍ରବାର ୨୧ ନାଗ ସାପ ଛୁଆ ବାହାରିଛି। ତେବେ ଭୟରେ ପରିବାର ଲୋକେ ସବୁ ସାପକୁ ମାରି ଦେଇଛନ୍ତି।

ଶୁକ୍ରବାର ରାତିରେ ଗଡତୋଲ ଗାଁର ମନିରାମ ପଟେଲଙ୍କ ଘର ପାଖରେ ଏକ ନାଗସାପ ବୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଭୟଭୀତ ହୋଇ ତାକୁ ମାରି ପୋଡ଼ି ଦେଇଥିଲେ। ଘରେ କାଳେ ଆଉ ସାପ ରହିଥିବ ଭାବି ଖୋଜାଖୋଜି କରିବା ସମୟରେ ଏକ ଗାତରୁ ନାଗ ସାପର ୧୬ଟି ଅଣ୍ଡା ଓ ୨୧ଟି ଛୁଆ ବାହାରିଥିଲେ। ପରେ ସବୁ ସାପକୁ ପରିବାର ଲୋକେ ମାରି ଦେଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ନୂଆପଡା ବନ ବିଭାଗ ରେଞ୍ଜରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।


ମୃତ ନାଗ ଛୁଆ।

# ୧୨ରେ ଲଘୁଚାପ

■ ୧୦ରୁ ବଢ଼ିବ ବର୍ଷା
■ ୧୨ ଜିଲାରେ ନିଅଣ୍ଟିଆ

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ଆସନ୍ତା ୧୨ ତାରିଖରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟରେ ୧୦ ତାରିଖରୁ ବର୍ଷାର ପରିମାଣ ବୃଦ୍ଧିପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୧ ତାରିଖରେ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଜୁଲାଇ ୩ ସୁଦ୍ଧା ସ୍ୱାଭାବିକଠାରୁ ୧୬% କମ୍ ବର୍ଷା ହୋଇଛି। ୧୨ ଜିଲାରେ କମ୍ ବର୍ଷା ହୋଇଥିବା ବେଳେ ୧୭ ଜିଲାରେ ସ୍ୱାଭାବିକ ବର୍ଷା ଏବଂ କେବଳ କୋରାପୁଟରେ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଖେଳ ଖବର

# ବ୍ରାଜିଲ- ପେରୁ ସେମି ମୁକାବିଲା

**ରିଓ ଡି ଜେନିରୋ,୩।୭**

**କୋପା ଆମେରିକା ଫୁଟ୍‌ବଲ**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ବ୍ରାଜିଲ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଅଲିମ୍ପିକ୍ସ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବ୍ରାଜିଲ ୧-୦ ଗୋଲରେ ଚିଲିକୁ ପରାସ୍ତ କରି ଅଗ୍ରଗତି କରିଛି। ୬ ତାରିଖ ମଙ୍ଗଳବାର ବ୍ରାଜିଲ ଓ ପେରୁ ସେମିଫାଇନାଲରେ ପରସ୍ପରକୁ ଅଲିମ୍ପିକ୍ ଷ୍ଟାଡିୟମରେ ଭେଟିବେ। ଗ୍ରୁପ୍ ପର୍ଯ୍ୟାୟରେ ପେରୁ ୦-୪ ଗୋଲରେ ବ୍ରାଜିଲଠାରୁ ପରାସ୍ତ ହୋଇଥିଲା।

ପ୍ରଥମାର୍ଦ୍ଧର ୪୬ତମ ମିନିଟ୍‌ରେ ବଦଳ ଖେଳାଳି ଲୁକାସି ପାକ୍ୱେଟା ଗୋଲ ଦେଇ ବ୍ରାଜିଲକୁ ଅଗ୍ରଣୀ କରାଇଥିଲେ। ଏହାର ଦୁଇ ମିନିଟ ପରେ ବ୍ରାଜିଲ ଷ୍ଟ୍ରାଇକର ଗାବ୍ରିଏଲ ଜେସସ ଚିଲିର ୟୁଜେନିଓ ମେନାଙ୍କୁ ଧକ୍କା ଦେଇ ରେଡ୍ କାର୍ଡ ପାଇଥିଲେ। ଫଳରେ ୧୦ ଜଣ ଖେଳାଳିଙ୍କୁ ନେଇ ବ୍ରାଜିଲ ଖେଳିଥିଲା ଓ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲା। କିନ୍ତୁ ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଚିଲି ଆଗରେ ରହିଥିଲା। ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲେ ମଧ୍ୟ ଚିଲି ବ୍ରାଜିଲକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଦଳ ବିଜୟରେ ଥିଆଗୋ ସିଲଭା ବେଶ୍ ଖୁସି ଜାହିର କରିଛନ୍ତି। ଗର୍ବ ସହିତ ଆମେ ଟୁର୍ନାମେଣ୍ଟରୁ ବିଦାୟ ନେଉଛୁ ବୋଲି ଚିଲି ଖେଳାଳି ଅର୍ଟୁରୋ ଭାଇଡାଲ କହିଛନ୍ତି। ଆମେ ଏକ ଶକ୍ତିଶାଳୀ ତଥା ମହାନ୍ ଦଳ ଆୟୋଜକ ବ୍ରାଜିଲଠାରୁ ମାତ୍ର ଗୋଟିଏ ଗୋଲ ବ୍ୟବଧାନରେ ପରାସ୍ତ ହୋଇଛୁ।


ଚିଲି ବିପକ୍ଷରେ ଗୋଲ ସ୍କୋର କରିବା ପରେ ଖୁସି ମୁହୂର୍ତ୍ତରେ ବ୍ରାଜିଲର ଲୁକାସ ପାକ୍ୱୋଟା (ବାମ), ନେମାର (ମଝି) ଓ ରିଚାର୍ଲିସନ।

### ପାରାଗୁଏ ଆଉଟ୍

ଶୁକ୍ରବାର ଗୋଇଆନିଆର ଇଷ୍ଟାଡିଓ ଅଲିମ୍ପିକୋରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପେରୁ ପେନାଲ୍ଟି ଜରିଆରେ ୪-୩ ଗୋଲରେ ପାରାଗୁଏକୁ ହରାଇ ସେମିରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଶେଷ ବେଳକୁ ମ୍ୟାଚ୍ ୩-୩ ଗୋଲ ସମାନସ୍ତରରେ ଥିଲା। ଫଳରେ ପେନାଲ୍ଟିର ସହାୟତା ନିଆଯାଇଥିଲା। ପାରାଗୁଏ ତରଫରୁ ଗୁଷ୍ଟାଭୋ ଗୋମେଜ ୧୧, ଜୁନିୟର ଆଲୋନ୍ସୋ ୫୪ ଓ ଗାବ୍ରିଏଲ ଆଭୋଲୋସ ୯୦ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ପେରୁ ତରଫରୁ ଜିଆନଲୁକା ଲାପାଡୁଲା ୪୦ ଓ ୟୋସିମାର ୟୋଟୁନ ୮୭ତମ ମିନିଟ୍‌ରେ ଗୋଲ ଦେଇଥିଲେ। ତେବେ ୨୧ତମ ମିନିଟ୍‌ରେ ପାରାଗୁଏର ଗୁସ୍ତାଭୋ ଗୋମେଜଙ୍କ ଆତ୍ମଘାତୀ ଗୋଲ ବଳରେ ପେରୁ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲା। ୮୫ତମ ମିନିଟ୍‌ରେ ପେରୁର ଆନ୍ଦ୍ରେ କାରିଲୋ ଓ ପରାଗୁଏର ଗୁସ୍ତାଭୋ ଗୋମେଜ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମରେ ରେଡ୍‌କାର୍ଡ ପାଇ ପଡିଆ ବାହାରକୁ ଯାଇଥିଲେ।

ପୂର୍ବରୁ ୨୦୧୯ରେ ବ୍ରାଜିଲ ଓ ପେରୁ କୋପା ଆମେରିକା ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ଆୟୋଜକ ବ୍ରାଜିଲ ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଦଳର ସଂଘର୍ଷପୂର୍ଣ୍ଣ ବିଜୟରେ ବ୍ରାଜିଲ କୋଚ୍ ଟେଟେ ଖୁସି ଜାହିର କରିଛନ୍ତି। କୋପା ଆମେରିକା ଫାଇନାଲ ରିଓ ଡି ଜେନିରୋର ଐତିହାସିକ ମାରାକାନା ଷ୍ଟାଡିୟମରେ ଖେଳାଯିବ।

# ପଡ଼ିଆରେ ୱେଷ୍ଟଇଣ୍ଡିଜର ଦୁଇ ମହିଳା କ୍ରିକେଟର ବେହୋସ


ଚିନେଲି ହେନ୍‌ରୀଙ୍କୁ ଷ୍ଟ୍ରେଚରରେ ନିଆଯାଉଛି।

**ଆଣ୍ଟିଗୁଆ, ୩।୭(ପି.ଟି.)**

ଏଠାରେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ବେଳେ ଦୁଇଟି ଅଲଗା ଅଲଗା ଘଟଣାରେ ପାକିସ୍ତାନର ଦୁଇ ଜଣ ମହିଳା କ୍ରିକେଟର ଚିନେଲି ହେନ୍‌ରୀ (ସିମ୍ ବୋଲର) ଓ ଚେଡିନ୍ ନେଶନ (ବ୍ୟାଟ୍ସଓମ୍ୟାନ) ବେହୋସ ହୋଇ ଯାଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶୁକ୍ରବାର ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚରେ ପାକିସ୍ତାନର ରନ୍ ଚେଜ୍ ବେଳେ ଉଭୟ ଘଟଣା ଘଟିଥିବା କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) କହିଛି। ପାକିସ୍ତାନ ଅଧିନାୟକ ଜାଭେରିଆ ଖାଁ ୱେଷ୍ଟଇଣ୍ଡିଜର ଏହି ଦୁଇ କ୍ରିକେଟରଙ୍କ ଶୀଘ୍ର ସୁସ୍ଥ କାମନା କରିଛନ୍ତି। ଚିନେଲି ଓ ଚେଡିନ୍‌ଙ୍କ ସ୍ଥାନରେ ୱେଷ୍ଟଇଣ୍ଡିଜର ଅନ୍ୟ ଦୁଇ ଖେଳାଳି ଖେଳିଥିଲେ। ବର୍ଷାରେ ବାଧାପ୍ରାପ୍ତ ଖେଳରେ ଡକ୍‌ୱର୍ଥ ଲୁଇସ୍ ଷ୍ଟର୍ନ ପଦ୍ଧତିରେ ଘରୋଇ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା।

# ମର୍ସିଡିଜ୍ ସହ ଆଉ ୨ ବର୍ଷ ରହିବେ ହାମିଲ୍‌ଟନ

**ସ୍ପିଲବର୍ଗ, ୩।୭(ଏପି)**

ଫର୍ମୁଲା ୱାନ ଚାମ୍ପିୟନ ଲୁଇସ୍ ହାମିଲଟନ ମର୍ସିଡିଜ ସହ ତାଙ୍କ ଚୁକ୍ତିନାମାକୁ ଆହୁରି ୨ ବର୍ଷ ବୃଦ୍ଧି କରିଛନ୍ତି। ଫଳରେ ଏହି ଟିମ୍ ସହ ସେ ୨୦୨୩ ସିଜନ ପର୍ଯ୍ୟନ୍ତ ରହିବେ। ୭ଥର ଚାମ୍ପିୟନ ହାମିଲଟନଙ୍କ ମର୍ସିଡିଜ୍ ସହ ଏକ ୯ମ ସିଜନ ଚାଲିଛି। ୮ମ ଥର ଚାମ୍ପିୟନ ହୋଇପାରିଲେ ହାମିଲଟନ ମାଇଲେକ ସୁମାକରଙ୍କ ସର୍ବକାଳୀନ ରେକର୍ଡକୁ ଅତିକ୍ରମ କରିବେ। ଚଳିତବର୍ଷ ୮ମ ରେସ୍ ପରେ ହାମିଲଟନ ବର୍ତ୍ତମାନ ଚାମ୍ପିୟନଶିପ୍ ଟେବୁଲରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ପଛକୁ ୧୮ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭର୍ଷ୍ଟାପେନ୍ ଚଳିତବର୍ଷ ହାମିଲଟନଙ୍କ ତୁଳନାରେ ୪-୩ ବିଜୟ ଏବଂ ପୋଲ୍ ପୋଜିଶନରେ ୩-୨ରେ ଅଗ୍ରଣୀ ରହିଛନ୍ତି।


ଲୁଇସ୍ ହାମିଲଟନ

# ନଭେମ୍ବର ୧୬ରୁ ରଣଜୀ ଟ୍ରଫି

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରଣଜୀ ଟ୍ରଫିସମେତ ଏହାର ସମସ୍ତ ଘରୋଇ ଟୁର୍ନାମେଣ୍ଟ ଆୟୋଜନ କରିବ। ୨୦୨୧-୨୨ ସିଜନରେ ମୋଟ ୨୧୨୭ ମ୍ୟାଚ ଖେଳାଯିବ। ରଣଜୀ ଟ୍ରଫି ନଭେମ୍ବର ୧୬ରୁ ଆରମ୍ଭ ହେବ। କୋଭିଡ୍ ମହାମାରୀ ଯୋଗୁ ବିସିସିଆଇ ଗତବର୍ଷ କୌଣସି ବୟସ ଗ୍ରୁପ୍‌ର ଟୁର୍ନାମେଣ୍ଟ ଆୟୋଜନ କରିପାରି ନ ଥିଲା। ରଣଜୀ ଟ୍ରଫିକୁ ବାଧ୍ୟତାମୂଳକ ବାତିଲ କରିଥିଲା। କିନ୍ତୁ ଚଳିତବର୍ଷ ପୂରାମାତ୍ରାରେ ଘରୋଇ ଟୁର୍ନାମେଣ୍ଟ ହେବ। ସୟଦ ମୁସ୍ତାକ ଅଲୀ ଟି୨୦ ଅକ୍ଟୋବର ୨୦ରୁ ଏବଂ ଜାତୀୟ ଦିନିକିଆ ଚାମ୍ପିୟନଶିପ୍ ବିଜୟ ହଜାରେ ଟ୍ରଫି ୨୦୨୨ ଫେବୃୟାରୀ ୨୩ରୁ ଖେଳାଯିବ। ମହିଳା ସିନିୟର ଦିନିକିଆ ଲିଗ୍ ସହ ୨୦୨୧ ସେପ୍ଟେମ୍ବର ୨୧ରୁ ସିଜନ ଆରମ୍ଭ ହେବ। ଏହାପଛକୁ ମହିଳା ସିନିୟର ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ୨୦୨୧ ଅକ୍ଟୋବର ୨୭ରୁ ଖେଳାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ଗଣମାଧ୍ୟମକୁ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଜଣାଇଛନ୍ତି। ସୟଦ ମୁସ୍ତାକ ଅଲୀ ଟ୍ରଫିର ଫାଇନାଲ ୨୦୨୧ ନଭେମ୍ବର ୧୨ରେ ଅନୁଷ୍ଠିତ ହେବ। ମର୍ଯ୍ୟାଦାପୂର୍ଣ୍ଣ ରଣଜୀ ଟ୍ରଫି ପାଇଁ ୩ ସପ୍ତାହ ସମୟ ରଖାଯାଇଛି। ଏହା ୨୦୨୧ ନଭେମ୍ବର ୧୬ରୁ ୨୦୨୨ ଫେବୃୟାରୀ ୧୯ ପର୍ଯ୍ୟନ୍ତ ଚାଲିବ। ବିଜୟ ହଜାରେ ଟ୍ରଫି ଫାଇନାଲ ୨୦୨୨ ମାର୍ଚ୍ଚ ୨୬ରେ ହେବ। ଖେଳାଳି ଏବଂ ଟୁର୍ନାମେଣ୍ଟ ସହ ସମ୍ପୃକ୍ତ ଲୋକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଅଗ୍ରାଧିକାର ପ୍ରଦାନ ସହିତ ଘରୋଇ ସିଜନ ଆୟୋଜନ ହେବ ବୋଲି ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

**ସମସ୍ତ ଘରୋଇ ଟୁର୍ନାମେଣ୍ଟ ଆୟୋଜନ କରିବ ବିସିସିଆଇ**



## ସଂକ୍ଷେପରେ

### ଏଫ୍‌ଡି ଉପରେ ନିୟମ ବଦଳାଇଲେ ଆର୍‌ବିଆଇ

**ନୂଆଦିଲ୍ଲୀ,୩।୭:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ନିୟମାବଳୀ ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବ୍ୟାଙ୍କରେ ବିଭିନ୍ନ କାରଣ ଯୋଗୁ ଠିକ୍ ସମୟରେ ଅଭିଯୋଗ ନ ହୋଇପାରିବାରୁ ଅନେକ ସମସ୍ୟା ଉପୁଜିଥିବା ଲକ୍ଷ୍ୟ କରାଯାଇଛି। ଏହାକୁ ନଜରରେ ରଖି ଆର୍‌ବିଆଇ ଅବଧି ଜମା (ଏଫ୍‌ଡି) ନିୟମରେ କିଛିଟା ପରିବର୍ତ୍ତନ କରିଛନ୍ତି। ଏଥିରେ ଅବଧି ପୂରା ହେବା ପରେ ଜମା ଥିବା ଟଙ୍କା ଲାଗି ପୂର୍ବର ସୁଧ ନିୟମ ବଦଳିଯାଇଛି। ନୂଆ ନିୟମ ଅନୁସାରେ ମାଚୁରିଟି ପୂରଣ ହେବା ପରେ ଯଦି ଜମା ରାଶି ଉପରେ ଦାବି ନ କରାଯାଏ ତେବେ ତା' ଉପରେ କମ୍ ସୁଧ ପ୍ରଦାନ କରାଯିବ। ପୂର୍ବରୁ ଏପରି ରାଶି ଉପରେ ସଞ୍ଚୟ ଜମାଖାତାରେ ମିଳୁଥିବା ସୁଧ ଧାର୍ଯ୍ୟ କରି ଦିଆଯାଉଥିଲା। ହେଲେ ଏବେ ଆଉ ସେପରି ହେବ ନାହିଁ ବୋଲି ଆର୍‌ବିଆଇ ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଥିରେ ଜମା ଅବଧି ପୂରଣ ହେବା ପରେ ପଡ଼ି ରହିଥିବା ଅନ୍‌କ୍ଲେମଡ ଫଣ୍ଡ ଉପରେ ସଞ୍ଚୟ ଜମା ରାଶି ମିଳିବାକୁ ଥିବା ସୁଧହାର ଯାହା କମ୍ ହେବ ବୋଲି ଉଲ୍ଲେଖ ରହିଛି। ଆର୍‌ବିଆଇ ପକ୍ଷରୁ ଦିଆଯାଇଥିବା ଏଫ୍‌ଡି ସମ୍ପର୍କିତ ଏହି ନିୟମାବଳୀକୁ ଦେଶର ସମସ୍ତ ବାଣିଜ୍ୟିକ ବ୍ୟାଙ୍କ ସମେତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, କୋଅପରେଟିଭ ବ୍ୟାଙ୍କ ଓ ସ୍ଥାନୀୟ ଆଞ୍ଚଳିକ ବ୍ୟାଙ୍କ ଲାଗି ମଧ୍ୟ ପ୍ରଯୁଜ୍ୟ ହେବ ବୋଲି କୁହାଯାଇଛି।

### ଜିଓ ପକ୍ଷରୁ ବଡ଼ ଅଫର

**ନୂଆଦିଲ୍ଲୀ,୩।୭:** କୋଭିଡ୍ ସଂକ୍ରମଣ ସମୟରେ ରିଲାଏନ୍ସ ଜିଓ ତା'ର ଗ୍ରାହକଙ୍କ ପାଇଁ ଆଣିଛି ବଡ଼ ଉପହାର। ଏବେ ଗ୍ରାହକଙ୍କ ଡାଟା ପ୍ୟାକ୍ ଶେଷ ହୋଇଯିବା ପରେ ଆଉ ଚିନ୍ତା କରିବାର ନାହିଁ। ରିଲାଏନ୍ସ ଜିଓ 'ଏମରଜେନ୍ସି ଡାଟା ଲୋନ୍' ପ୍ଲାନ୍ ଜରିଆରେ ଗ୍ରାହକଙ୍କୁ ପୂର୍ବ ସୁବିଧା ପ୍ରଦାନ କରିବ। ଏ ସମ୍ପର୍କରେ ରିଲାଏନ୍ସ ଜିଓର ମୁଖ୍ୟ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି। ଜିଓ ନିଜର ଗ୍ରାହକଙ୍କ ପାଇଁ ସର୍ବଦା ନୂଆ କିଛି ଆଣିଥାଏ।

# ପ୍ରଥମ ଦଫାରେ ୩ କୋଟି ପୋଷ୍ଟ ଡିଲିଟ୍

## ସ୍ୱଚ୍ଛତା ଆଡ଼କୁ ଯାଉଛି ସୋସିଆଲ ମିଡିଆ-ମନ୍ତ୍ରୀ

ନୂଆଦିଲ୍ଲୀ,୩।୭

ଦେଶର ଗରିମା ଓ ସଭ୍ୟତା ସହ ସଂସ୍କୃତିକୁ ସୁରକ୍ଷା ଦେବା ହେଉଛି ସରକାରଙ୍କ କାମ। ଭାରତର ଗରିମାକୁ ନଷ୍ଟ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ। ଗତ କିଛି ବର୍ଷ ହେବ ବିଭିନ୍ନ ସୋସିଆଲ ମିଡିଆ କମ୍ପାନୀ ନିଜ ସ୍ୱାର୍ଥ ପୂରଣ ପାଇଁ ଭାରତୀୟ ସଭ୍ୟତାକୁ କଦର୍ଥ କରି ଚାଲିଥିଲେ। ଏହାକୁ କେନ୍ଦ୍ର ସରକାର ଗୁରୁତ୍ୱର ସହ ନେଇ ନିକଟରେ ନୂଆ ଆଇଟି ନିୟମ ଲାଗୁ କରିବା ସହ ଦେଶର ଆଇନକୁ ସମସ୍ତ ସଂସ୍ଥା ଓ କମ୍ପାନୀ ମାନିବାକୁ ବାଧ୍ୟ ବୋଲି କୁହାଯାଇଥିଲା। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରର କମ୍ପାନୀଗୁଡ଼ିକ ସହ କେନ୍ଦ୍ର ସରକାର ମଧ୍ୟରେ ଏକ ଛକାପଞ୍ଝା ଲାଗି ରହିଥିଲା। ସରକାରଙ୍କ ଏକା ଜିଦ୍ ଯେ ଦେଶରେ ବ୍ୟବସାୟ କରିବାକୁ ଇଚ୍ଛା ଥିଲେ ଭାରତର ଆଇନକୁ ମାନିବାକୁ ପଡ଼ିବ ବୋଲି ରବିଶଙ୍କର କହିଥିଲେ। ବହୁ ବାଦବିବାଦ ପରେ ଡିଜିଟାଲ ପ୍ଲାଟ୍‌ଫର୍ମରେ କାମ କରୁଥିବା ଅଗ୍ରଣୀ କମ୍ପାନୀଗୁଡ଼ିକ ମାନିବାକୁ ରାଜି ହୋଇଥିବା ସୂଚନା ମିଳିଥିଲା।

ଶନିବାର ଆଇଟି ମନ୍ତ୍ରୀ ନୂତନ ଆଇନ ଲାଗୁର ପ୍ରଥମ ସମୀକ୍ଷା ବୈଠକରେ ବିଭିନ୍ନ କମ୍ପାନୀର ପଦକ୍ଷେପ ଓ ଯୋଜନା ସମ୍ପର୍କିତ ଏକ ରିପୋର୍ଟ ଯାଞ୍ଚ କରିଥିଲେ। ରିପୋର୍ଟ ଅନୁସାରେ ଗୁଗଲ, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ କମ୍ପାନୀ ଦେଶର ଗରିମା ରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ପ୍ରଥମ ଦଫାରେ କମ୍ପାନୀଗୁଡ଼ିକ ଏକ ବଡ଼ ପଦକ୍ଷେପ ନେଇଥିବା ରବିଶଙ୍କର କହିଛନ୍ତି। ଭାରତ ସରକାରଙ୍କ ନୂଆ ଡିଜିଟାଲ ଆଇନ ଆଧାରରେ ୧୦ ପ୍ରମୁଖ ସୋସିଆଲ ମିଡିଆ ସାଇଟ୍‌ରୁ ୩ କୋଟିରୁ ଊର୍ଦ୍ଧ୍ୱ ଉତ୍ତେଜନାପୂର୍ଣ୍ଣକ ପୋଷ୍ଟ ହଟାଇଦିଆଯାଇଛି। ସେଥିମଧ୍ୟରୁ ଫେସ୍‌ବୁକ୍ ୩୦ ନିୟୁତ (୩କୋଟି)ରୁ ଅଧିକ ପୋଷ୍ଟ, ଇନ୍‌ଷ୍ଟାଗ୍ରାମ ୨ ନିୟୁତ ପୋଷ୍ଟ ଓ ଗୁଗଲ ୫୯,୩୫୦ ଲିଙ୍କ୍ ନିଜ ନିଜ ପ୍ଲାଟ୍‌ଫର୍ମରୁ ହଟାଇଦେଇଛି। ଏହି ପୋଷ୍ଟଗୁଡ଼ିକ ମେ'୧୫ ରୁ ଜୁନ୍ ୧୫ ମଧ୍ୟରେ ହୋଇଥିବା ଜଣାପଡ଼ିଛି। ଏହିସବୁ କାରଣରୁ ଉକ୍ତ ୩ ସଂସ୍ଥା ବର୍ତ୍ତମାନ ସ୍ୱଚ୍ଛତା ଆଡ଼କୁ ଯାଉଥିବା ଏବଂ ଦେଶର ଗରିମାକୁ ନଷ୍ଟ ନ କରିବା ଦିଗରେ ନେଇଥିବା ପଦକ୍ଷେପକୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହି ୩ ସଂସ୍ଥା ବ୍ୟତୀତ ସ୍ୱଦେଶୀ ଆପ୍‌କୁ ମଧ୍ୟ ୫୫୦୨ଟି ଅଭିଯୋଗ ଆଧାରରେ ୧୨୫୩ଟି ଆକାଉଣ୍ଟ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଗୁଗଲ, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସଂସ୍ଥା ନୂଆ ଡିଜିଟାଲ ଆଇନକୁ ପାଳନ କରୁଥିବାରୁ ଏହା ଆମ ପାଇଁ ବେଶ୍ ଭଲ ଖବର। ନୂଆ ଆଇଟି ନିୟମ ଅନୁସାରେ ସେମାନେ ନିଜ ଆଡୁ ବିଭିନ୍ନ ଆପତ୍ତିଜନକ ଓ ଅଶ୍ଳୀଳ ପୋଷ୍ଟ ଗୁଡ଼ିକ ସୋସିଆଲ ମିଡିଆରୁ ହଟାଇ ନିଜର ସ୍ୱଚ୍ଛତା ସହ ଏକ ଦେଶର ସଂସ୍କୃତିର ସମ୍ମାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସୋସିଆଲ ମିଡିଆରୁ ବିଭିନ୍ନ ଅନାବଶ୍ୟକ ଲିଙ୍କ୍ ଓ ପୋଷ୍ଟ ହଟାଇବା ସମ୍ପର୍କରେ ପ୍ରକାଶ ପାଇଥିବା ଖବରଗୁଡ଼ିକ ମଧ୍ୟ ମନ୍ତ୍ରୀ ଉକ୍ତ ଟୁଇଟରେ ଲିଙ୍କ୍ କରିଛନ୍ତି। ଅନ୍ୟପକ୍ଷରେ ଟୁଇଟ୍‌ର ସମ୍ପର୍କରେ ମନ୍ତ୍ରୀ କିଛି ବି କହିନାହାନ୍ତି। ନୂଆ ଡିଜିଟାଲ ଆଇନକୁ ନେଇ ଟୁଇଟର ଓ ଭାରତ ସରକାରଙ୍କ ମଧ୍ୟରେ ତିକ୍ତତା ଜାରି ରହିଛି। ଏହି କାରଣରୁ କେନ୍ଦ୍ରମନ୍ତ୍ରୀ ଟୁଇଟର ସମ୍ପର୍କରେ କିଛି ବି କହିନାହାନ୍ତି ବୋଲି କୁହାଯାଇଛି। ନୂଆ ଡିଜିଟାଲ ଆଇନ ଅନୁଯାୟୀ ଭାରତରେ କାର୍ଯ୍ୟ କରୁଥିବା ବିଭିନ୍ନ ସୋସିଆଲ ମିଡିଆ କମ୍ପାନୀ ମାସିକ କ'ଣ ସବୁ ପଦକ୍ଷେପ ନେଇଛନ୍ତି, ତା'ର ଏକ ବିସ୍ତୃତ ବିବରଣୀ ସାର୍ବଜନୀନ କରିବେ ବୋଲି ମନ୍ତ୍ରୀ ଉକ୍ତ ବୈଠକରେ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ବୈଠକରେ ବିଭିନ୍ନ ସଂସ୍ଥା ପ୍ରାୟ ୨.୫ ଘୃଣା ମନୋଭାବ ସୃଷ୍ଟି କରୁଥିବା ପୋଷ୍ଟ, ୧.୮ ମିଲିୟନ ବିଭିନ୍ନ ବର୍ଗର ଯୌନ ଉତ୍ପୀଡ଼ନ ପୋଷ୍ଟ,୩,୧୧,୦୦୦ ଟି ଅଶ୍ରାବ୍ୟ ମନ୍ତବ୍ୟ ରହିଥିବା ପୋଷ୍ଟକୁ ହଟାଯାଇଛି। ସେହିଭଳି ୧,୧୮,୦୦୦ ହାରସମେଣ୍ଟ ପୋଷ୍ଟ, ୫,୮୯,୦୦୦ ସୁସାଇଡ ସମ୍ପର୍କିତ ପୋଷ୍ଟ, ୧,୦୬,୦୦୦ ଦେଶ ବିରୋଧୀ ପୋଷ୍ଟ ଏବଂ ୭୫,୦୦୦ ସଂଗଠନର ପୋଷ୍ଟକୁ ହଟାଇଥିବା ସୂଚନା ମିଳିଛି।



# ଏଲ୍‌ଆଇସିର ସରଳ ପେନ୍‌ସନ୍ ଯୋଜନା




ନୂଆଦିଲ୍ଲୀ,୩।୭

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ଏଲ୍‌ଆଇସି ସରଳ ପେନ୍‌ସନ (ଆନ୍ୟୁଇଟି) ଯୋଜନା ଜୁଲାଇ ୧ରୁ ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ନନ୍-ଲିଙ୍କଡ୍, ଅଣ ଅଂଶଗ୍ରହଣକାରୀ, ଏକକ ପ୍ରିମିୟମ,ଇଣ୍ଡିଭିଜୁଆଲ ଇମିଡିଏଟ୍ ଆନ୍ୟୁଇଟି ବିକଳ୍ପ ମଧ୍ୟରୁ ଗୋଟିଏକୁ ବାଛିପାରିବେ । ଗୋଟିଏ ହେଉଛି କ୍ରୟ ମୂଲ୍ୟର ୧୦୦% ଫେରସ୍ତ ସହ ଲାଇଫ ଆନ୍ୟୁଇଟି ଏବଂ ଅନ୍ୟଟି ହେଉଛି ଶେଷ ଜୀବିତ ଥିବା ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ କ୍ରୟ ମୂଲ୍ୟର ୧୦୦% ଫେରସ୍ତ ସହିତ ଜଏଣ୍ଟ ଲାଇଫ ଲାଷ୍ଟ ସର୍ଭାଇଭର ଆନ୍ୟୁଇଟି। ଏହି ପଲିସି ଆରମ୍ଭରୁ ଆନ୍ୟୁଇଟି ହାରରେ ଗ୍ୟାରେଣ୍ଟି ଦିଆଯାଉଛି। ଏହି ପ୍ଲାନ୍‌କୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ଜରିଆରେ କ୍ରୟ କରିପାରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ବାର୍ଷିକ ସର୍ବନିମ୍ନ ଆନ୍ୟୁଇଟି ୧୨,୦୦୦ ଟଙ୍କା ଏବଂ ଆନ୍ୟୁଇଟି ଦେୟ ଅବଧି ଉପରେ ସର୍ବନିମ୍ନ କ୍ରୟ ମୂଲ୍ୟ ନିର୍ଭର କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହାର ସର୍ବାଧିକ କ୍ରୟ ମୂଲ୍ୟ କ୍ଷେତ୍ରରେ କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ। ଏହାକୁ ୪୦ରୁ ୮୦ ବର୍ଷ ବୟସ୍କ ବ୍ୟକ୍ତି ନେଇପାରିବେ ବୋଲି ସୂଚନା ଦିଆଯାଇଛି। ଏହି ଯୋଜନା ସମ୍ପର୍କରେ ଅଧିକ ସୂଚନା ପାଇଁ ନିକଟସ୍ଥ ଏଲ୍‌ଆଇସି କାର୍ଯ୍ୟାଳୟ ସହ ଯୋଗାଯୋଗ କରି ବିସ୍ତୃତ ସୂଚନା ପାଇପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ସଂକ୍ରମଣରେ ବଢ଼ିଛି ଡିଜିଟାଲ କାରବାର

ନୂଆଦିଲ୍ଲୀ,୩।୭

କୋଭିଡ୍-୧୯ ଯୋଗୁ ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇଛି। ମନରେ ସଂକ୍ରମଣର ଭୟ ରହିଥିବାରୁ ଲୋକମାନେ ଘରୁ କମ୍ ବାହାରିବା ସହ ସିଧାସଳଖ ଆଗ ଭଳି କୌଣସି କାରବାର କରୁନାହାନ୍ତି। ଫଳରେ ଲୋକମାନେ ଅଧିକାଂଶ କାର୍ଯ୍ୟ ଡିଜିଟାଲରେ କରୁଥିବାରୁ ସେସବୁ କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ଡିଜିଟାଲ ପେମେଣ୍ଟ ଜରିଆରେ କରୁଛନ୍ତି। ଏହାଦ୍ୱାରା ନିଜକୁ ଅଧିକ ସୁରକ୍ଷିତ ମନେକରୁଛନ୍ତି। ଏ ସମ୍ପର୍କରେ ନିକଟରେ ଏନ୍‌ପିସିଆଇ (ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ବିଭିନ୍ନ ଡିଜିଟାଲ ପେମେଣ୍ଟ ଆପ୍ ଜରିଆରେ ଦେଶରେ ୟୁପିଆଇ ପେମେଣ୍ଟର ପରିମାଣ ବଢ଼ିଚାଲିଛି ବୋଲି କୁହାଯାଇଛି।




ଏନ୍‌ପିସିଆଇ ତଥ୍ୟ ଅନୁସାରେ ଜୁନ୍‌ରେ ଦେଶର ୟୁପିଆଇ କାରବାର ୨.୮ ବିଲିୟନ ଯଥା ୫,୪୭,୩୭୩ କୋଟି ଟଙ୍କାର ହୋଇଛି। ଏହା ଗତ ୩ ମାସର କାରବାରଠାରୁ ପ୍ରାୟ ୧୧% ଅଧିକ ବୋଲି ଜଣାପଡିଛି। ସେହିଭଳି ମେ'ରେ ୨.୫୩ ବିଲିୟନ ଏବଂ ମାର୍ଚ୍ଚରେ ୨.୭୩ ବିଲିୟନ ଡଲାର କାରବାର ହୋଇଥିବା ଜଣାପଡ଼ିଛି। ଏନ୍‌ପିସିଆଇ ରିଜର୍ଭ ବ୍ୟାଙ୍କ ଓ ଭାରତୀୟ ବ୍ୟାଙ୍କ ସଂଘ ପକ୍ଷରୁ ମିଳିତ ଭାବେ ପରିଚାଳିତ ଏକ ରିଟେଲ ପେମେଣ୍ଟ ଓ ସେଟଲମେଣ୍ଟ କରୁଥିବା ଏକ ସଂସ୍ଥା। ଏନ୍‌ପିସିଆଇ ଦ୍ୱାରା ପରିଚାଳିତ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ମାଧ୍ୟମରେ ଗୋଟିଏ ମୋବାଇଲ ଆପ୍ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଖାତା ମଧ୍ୟରେ ଅର୍ଥ ନେଣଦେଣ ସମ୍ଭବ ହୋଇଥାଏ।

# ୨୦ଦିନରେ ହ୍ରାସ ପାଇଛି ୧୯ ବିଲିୟନ ଡଲାର

## ଟପ୍-୨୦ ଧନୀ ତାଲିକାରୁ ଆଦାନୀ ବାଦ୍

**ନୂଆଦିଲ୍ଲୀ,୩।୭:** ଶିଳ୍ପପତି ଗୌତମ ଆଦାନୀଙ୍କର ପ୍ରାୟ ୧୯ ବିଲିୟନ ଡଲାର (୧୮.୮) ସମ୍ପତ୍ତି ବିଭିନ୍ନ କାରଣ ଯୋଗୁ ହ୍ରାସ ପାଇଛି। ଫଳରେ ସେ ବିଶ୍ୱ ଧନୀ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଫୋର୍ବସ୍ ପକ୍ଷରୁ ପ୍ରକାଶିତ ରିଅଲ ଟାଇମ ବିଲିୟନେୟାର୍ସରେ ସେ ୨୨ ତମ ସ୍ଥାନକୁ ଖସିଆସିଛନ୍ତି। ଚାଇନାର ଶିଳ୍ପପତି ତଥା ଟେନ୍‌ସେଣ୍ଟର ମୁଖ୍ୟ ମା ହୁଆଟେଙ୍ଗ୍ ଗୌତମ ଆଦାନୀଙ୍କୁ ହଟାଇ ୨୦ତମ ସ୍ଥାନ ଅଧିକାର କରିଛନ୍ତି। ଇତିମଧ୍ୟରେ ୭୪.୯ ବିଲିୟନ ଡଲାରରୁ ଖସି ବର୍ତ୍ତମାନ ୫୬.୧ ବିଲିୟନ ଡଲାରରେ ପହଞ୍ଚିଛି।

# ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲରେ ଟିକାଦାନ

ନୂଆଦିଲ୍ଲୀ,୩।୭

ଦେଶର ଅଗ୍ରଣୀ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ମୁଥୁଟ୍ ଫାଇନାନ୍ସ ଦ୍ୱାରା ପରିଚାଳିତ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ପରିସରରେ ୨ ଦିନିଆ ସ୍ୱତନ୍ତ୍ର ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଉଥ ଦିଲ୍ଲୀର ଅଳକାନନ୍ଦା ଅଞ୍ଚଳରେ ରହିଥିବା ଏହି ସ୍କୁଲ ପରିସରର ସ୍ଥାନୀୟ ନାଗରିକଙ୍କ ପାଇଁ ଦେଶର ସର୍ବବୃହତ୍ ଟିକା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏହି ଟିକାଦାନ କାର୍ଯ୍ୟକ୍ରମ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ସ୍କୁଲର ବୃହତ୍ କ୍ୟାମ୍ପସ ପରିସରରେ ଚାଲିଥିଲା। ଟିକାଦାନ ପାଇଁ ଆସିଥିବା ହିତାଧିକାରୀମାନେ ଏକ ସୁସ୍ଥ ଓ ସବୁଜ ପରିବେଶରେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ପାଳନକରି ଟିକା ନେବାର ବ୍ୟବସ୍ଥା କରାଯାଇଥିଲା।

ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ତଥା ଉପ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, ମୁଥୁଟ୍ ଗ୍ରୁପ୍ ଦ୍ୱାରା ପରିଚାଳିତ ଉକ୍ତ ସ୍କୁଲ ଶିକ୍ଷାଦାନ ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗ କରିପାରୁଛି । ସଂସ୍ଥାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଏହା କରାଯାଉଛି। ସ୍ଥାନୀୟ ବାସିନ୍ଦା ଉପକୃତ ହେବା ସହ ସଂସ୍ଥାର ଅଧ୍ୟକ୍ଷ ସ୍ୱର୍ଗତ ଏମ୍.ଜି. ଜର୍ଜଙ୍କ ଆଶା ଓ ଆକାଂକ୍ଷର ପ୍ରତିଫଳନ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

## ଫୁରସତ୍

# ବିନା ପୁରୋହିତରେ ବାହାଘର

**ପାଟ୍ନା:** ଏମିତି ଏକ ବାହାଘର, ଯେଉଁଠି ନା ଅଛି କୌଣସି ପୁରୋହିତଙ୍କର ମନ୍ତ୍ରୋଚାରଣ ନା ବେଦି ନା ହୋମ ନିଆଁ। ବରକନ୍ୟା ଅଗ୍ନିକୁ ସାକ୍ଷୀ ରଖି ଜନ୍ମ ଜନ୍ମର ଶପଥ ବି ନେବାର ଆବଶ୍ୟକତା ନାହିଁ। ବରଂ ଜନ୍ମଜନ୍ମର ସାଥୀ ହେବା ପାଇଁ ସାକ୍ଷୀମାନଙ୍କ ଗହଣରେ ଲିଖିତଭାବେ ଶପଥ ନେଇଛନ୍ତି। ହିନ୍ଦୁ ପରମ୍ପରାରେ ଏଭଳି ଶୈଳୀରେ ଏକ ବିବାହ ହୁଏତ କେହି ଦେଖି ନ ଥିବେ। କିନ୍ତୁ ଏମିତି ଏକ ଭିନ୍ନ ଢଙ୍ଗରେ ବିବାହ କରିଛନ୍ତି ବିହାରର ଏକ ଯୋଡ଼ି।

ବିହାରର ଗୟା ଜିଲାରେ ଥିବା ବ୍ରଜିରଗଞ୍ଜ ନିବାସୀ ରବି କୁମାର ଏକ ଭିନ୍ନ ଢଙ୍ଗରେ ବିବାହ କରି ତାଙ୍କ ଜୀବନ ସାଥୀ ଚୟନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ଅର୍ଜକ ସଂଘ ସାଂସ୍କୃତିକ ସମିତି ମାଧ୍ୟମରେ ସେ ବିବାହ କରିଛନ୍ତି। ଯେଉଁଠାରେ କୌଣସି ବ୍ରାହ୍ମଣଙ୍କର ଉପସ୍ଥିତି ଆବଶ୍ୟକ ନ ଥାଏ କିମ୍ବା କୌଣସି ଆଡ଼ମ୍ବର ନ ଥାଏ। କିନ୍ତୁ ସୁନ୍ଦର ବୈବାହିକ ଜୀବନ ଧାରଣ ନିମନ୍ତେ ଏହି ବିବାହରେ ଉଭୟ ବରକନ୍ୟା ମିଳିତଭାବେ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଉଭୟ ବରକନ୍ୟା ସମିତିର ସଦସ୍ୟଙ୍କ ସମ୍ମୁଖରେ ଏଭଳି ଏକ ଶପଥ ନେଇଛନ୍ତି। ସୁନ୍ଦର ଓ ସୁଖମୟ ଦାମ୍ପତ୍ୟ ଜୀବନ ନିର୍ବାହ ନିମନ୍ତେ ଉଭୟ ସମସ୍ତ ପ୍ରକାରର ବିଶ୍ୱାସପୂର୍ଣ୍ଣ କାର୍ଯ୍ୟ ଏବଂ ସବୁ ପ୍ରକାରର ତ୍ୟାଗ କରିବା ନିମନ୍ତେ ଶପଥ ନେଇଛନ୍ତି। ଏଥିପାଇଁ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ଚୁକ୍ତିପତ୍ର ମଧ୍ୟ ପ୍ରସ୍ତୁତ କରାଯାଇଥାଏ, ଯେଉଁଥିରେ ଉଭୟ ବରକନ୍ୟା ଦସ୍ତଖତ କରିଥା'ନ୍ତି। ଏହା ସହିତ ଉଭୟଙ୍କ ପକ୍ଷରୁ ଦୁଇ ଜଣ ଲେଖାଏଁ ସାକ୍ଷୀ ଭଳି ଏଥିରେ ଦସ୍ତଖତ ମଧ୍ୟ କରିଥା'ନ୍ତି। ଏହି ବିବାହ ସମାରୋହରେ କମ୍ ଖର୍ଚ୍ଚ ଏବଂ କମ୍ ସମୟ ଲାଗିଥାଏ। ପୁରୁଣା ସମୟରୁ ପ୍ରଚଳିତ ବୈଦିକ ନୀତି ନିୟମକୁ ବାଦ୍ ଦେଇ ମାନବବାଦୀ ପଦ୍ଧତିରେ ଏହି ସଂଘରେ ବିବାହ କରାଯାଉଛି।




# ପେପର ବ୍ୟାଗ୍‌ରେ ମିଳିବ ପାଣି

**ହାଇଦ୍ରାବାଦ:** ସାରା ବିଶ୍ୱରେ ବଢ଼ି ଚାଲିଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହାକୁ ନିୟନ୍ତ୍ରଣ କରିବାକୁ ଏବେ ପ୍ରାୟ ସବୁଠି ପ୍ରୟାସ ଜାରି ରହିଛି । ଏହି କ୍ରମରେ ହାଇଦ୍ରାବାଦରେ ଥିବା ଏକ ଷ୍ଟାର୍ଟ ଅପ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିଛି । ପ୍ଲାଷ୍ଟିକ ଦ୍ୱାରା ବଢ଼ୁଥିବା ଆବର୍ଜନାକୁ ଦୂରେଇ ଦେବାକୁ ଓ ନିଜକୁ ସୁରକ୍ଷିତ ରଖିବାକୁ ଏକ ଇକୋ ଫ୍ରେଣ୍ଡଲି ବୋତଲ ତିଆରି କରିଥିବା କହିଛନ୍ତି ଆଇଟି ବିଶେଷଜ୍ଞ ସୁନିଥ ତାତିନେନି ଓ ଅୟିନପୁଡି । ତେଣୁ ଏବେ ପ୍ଲାଷ୍ଟିକ ବଦଳରେ ପେପର ବ୍ୟାଗରେ ପାଣି ନେଇ ହେବ ବୋଲି ସେମାନେ ଦାବି କରିଛନ୍ତି । ଆଇଟି ବିଶେଷଜ୍ଞ ସୁନିଥ ତାତିନେନି ଓ ଅୟିନପୁଡି ପ୍ଲାଷ୍ଟିକ ବ୍ୟବହାର କମ କରିବା ଉଦ୍ଦେଶ୍ୟରେ ଷ୍ଟାଟ ଅପ 'କେରୋ ୱାଟର' ଆରମ୍ଭ କରିଛନ୍ତି । ଏହି କାମ ପାଇଁ ଉଭୟ ଚାକିରି ଛାଡ଼ି ଦେଇଛନ୍ତି । ଏହାକୁ ନେଇ ସୁନିତ କୁହନ୍ତି ଯେତେବେଳେ ଜଣେ ବ୍ୟକ୍ତି କୌଣସି ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି ସେତେବେଳେ ସେ ୪-୫ ବୋତଲ ପାଣି ନେଇ ଯାଆନ୍ତି । ଏଥିରୁ ୧୦ ପ୍ରତିଶତରୁ କମ ରିସାଇକ୍ଲିଂ ହେଉଥିବା ବେଳେ ଅନ୍ୟ ଗୁଡିକ ପରିବେଶ ଉପରେ କୁପ୍ରଭାବ ପକାଉଛି, ଯାହା ଏବେ ଏକ ବଡ ସମସ୍ୟା ହୋଇ ମୁଣ୍ଡ ଟେକିଛି । ଏହାର ସମାଧାନ ଖୋଜି ଆମେ କାର୍ଡବୋର୍ଡରେ ପାଣି ପ୍ୟାକ କରିବା ଆରମ୍ଭ କରିଛୁ ବୋଲି କହିଛନ୍ତି ସୁନିତ । ଏବେ ଏହା ୫ ଲିଟର ଓ ୨୦ ଲିଟର ପ୍ୟାକରେ ମିଳୁଛି ବୋଲି ସେ ପ୍ରକାଶ କରିଛନ୍ତି । ୫ ଲିଟରର ଦାମ ୭୫ ଟଙ୍କା ଥିବା ବେଳେ ୨୦ ଲିଟରର ଦାମ ରହିଛି ୧୨୦ ଟଙ୍କା ।






ଆଲିଆ ଭଟ୍ଟ

# ନାୟିକାରୁ ପ୍ରଯୋଜିକା ହେଲେ ଆଲିଆ

**ମୁମ୍ବାଇ:** ବଲିଉଡ୍‌ର ଆଗ ଧାଡିର ନାୟିକା ଆଲିଆ ଭଟ୍ଟ ଏବେ ପ୍ରଯୋଜନା କ୍ଷେତ୍ରରେ ପାଦ ରଖିଛନ୍ତି । ନିଜ ପ୍ରଡକ୍ସନ ହାଉସ୍ ବ୍ୟାନର୍‌ରେ ମୁଭି ଡାର୍ଲିଂସ୍ ଶୁଟିଂ ଆରମ୍ଭ କରିଛନ୍ତି ଆଲିଆ। ଏହା ମାଧ୍ୟମରେ ଆଲିଆ ପ୍ରଯୋଜିକା ଭାବେ ଡେବ୍ୟୁ କରିଛନ୍ତି । ତାଙ୍କ ସହ ଶାହାରୁଖ ଖାନ୍‌ଙ୍କ ରେଡ୍ ଚିଲି ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା କରୁଛି। ଶନିବାର ସୋସିଆଲ ମିଡିଆରେ ଫଟୋ ଶେୟାର କରି ଆଲିଆ ଏହି ସୂଚନା ଦେଇଛନ୍ତି। ଏକ ବ୍ଲାକ ଆଣ୍ଡ ହ୍ୱାଇଟ ଫଟୋରେ ଅଭିନେତ୍ରୀ ସ୍କ୍ରିପ୍ଟ ପଢୁଥିବାର ଦେଖାଯାଇଛି। ଡାର୍ଲିଂସ୍‌ର ପ୍ରଥମ ଦିନ। ମୋ ପ୍ରଯୋଜନାରେ ପ୍ରଥମ ଫିଲ୍ମ। ପ୍ରଥମେ ମୁଁ ଜଣେ ଅଭିନେତ୍ରୀ ପରେ ପ୍ରଯୋଜକ ବୋଲି ସେ ଫଟୋରେ କ୍ୟାପସନ୍ ଲେଖିଛନ୍ତି। ହେଲେ ଏହି କ୍ଷେତ୍ରରେ ସେ ଜଣେ ଅତି ନର୍ଭସ୍ ଆକ୍ଟର ବୋଲି କହିଛନ୍ତି। ଶୁଟିଂ ପୂର୍ବ ଦିନ ସେ ଏକ ପ୍ରକାର ଅନିଶ୍ଚିତତା ଅନୁଭବ କରିଥିବା କହିଛନ୍ତି। ଏହା ସ୍ୱାଭାବିକ ଏବଂ ଆପଣ ପ୍ରକୃତରେ ନିଜ କାମ ପାଇଁ ଯତ୍ନବାନ ବୋଲି ଏଥିରୁ ଜଣାପଡ଼େ ବୋଲି କହିଛନ୍ତି। ଏହାସହ ପ୍ରଯୋଜିକା ଭାବେ ସେ ସମସ୍ତଙ୍କ ଶୁଭକାମନା ଆଶା କରିଛନ୍ତି। ଆଲିଆଙ୍କ ଏହି ପୋଷ୍ଟ ଦେଖିବା ପରେ ବହୁ ସେଲିବ୍ରିଟି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଫିଲ୍ମରେ ବିଜୟ ବର୍ମା, ଶେଫାଳି ଶାହା ପ୍ରମୁଖ ରହିଛନ୍ତି।

# ଗେମ୍‌ରେ ସାରିଦେଲେ ୧.୩୩ ଲକ୍ଷ

**ଲଣ୍ଡନ:** ଜଣେ ଡାକ୍ତରଙ୍କ ପୁଅ ତାଙ୍କ ଆଇଫୋନ୍‌ରେ ଅନେକ ଗେମ କିଣିଦେଇଥିଲେ। ଏହାର ବିଲ ପୈଠ କରିବା ଲାଗି ଡାକ୍ତର ନିଜର କାର୍ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ବ୍ରିଟେନର ନର୍ଥ ୱେଲ୍ସରେ ରହୁଥିବା ୭ ବର୍ଷ ବାଳକ ଆଶାଜ ବାପାଙ୍କ ଆଇଫୋନ୍‌ରୁ 'ଡ୍ରାଗନ୍ସ: ରାଇଜ ଅଫ ୱାର୍କ'କୁ ଘଣ୍ଟାଏ ଯାଏ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୧.୯୯ ଡଲାରରୁ ଆରମ୍ଭ କରି ୯୯.୯୯ ଡଲାର ଦେଇ ଅନେକ ଇନ-ଆପ କିଣିଥିଲେ। ଏପରି କରି ସେ ମୋଟ ୧,୨୮୯.୭୦ ଡଲାର(୧.୩୩ଲକ୍ଷ) ଟଙ୍କା ଖର୍ଚ୍ଚ କରିଥିଲେ। ପରେ ତାଙ୍କ ବାପା ମହମ୍ମଦ ମୁତାଜାଙ୍କୁ ଏ ବିଷୟରେ ଜଣାପଡ଼ିଥିଲା। ସେ ଏହା ଦେଖି ଚକିତ ହୋଇଯାଇଥିଲେ। ପ୍ରଥମେ ମହମ୍ମଦ ଠକେଇର ଶିକାର ହୋଇଥିବା ସେ ଅନୁଭବ କରିଥିଲେ। କାରଣ ତାଙ୍କୁ ଆସିଥିବା ଇମେଲ୍‌ରେ କିଣାବିକା ଅନୁପାତ ଅଧିକ ଥିଲା। ଏନେଇ ସେ ଆପଲ୍ କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ। ପରେ କମ୍ପାନୀ ତାଙ୍କୁ ୨୦୭ ଡଲାର ଫେରସ୍ତ କରିଥିଲା। ତେବେ ସେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ମାଗଣା ଖେଳ କଦାପି ଏତେ ପରିମାଣର ଅସୀମିତ କାରବାରକୁ ଅନୁମତି ଦେବା ଉଚିତ ନୁହେଁ ବୋଲି ସେ କହିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



୰ଅମରେନ୍ଦ୍ର ଆଚାର୍ଯ୍ୟ
ଆର୍ଯ୍ୟ ମେଡିକାଲ ଷ୍ଟୋର
ତିରୋଧାନ: ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ୨୪।୦୬।୨୦୨୧
ହୃଦ ଥିଲା ତୁମ ସରଳ , ନିର୍ମଳ
କର୍ମେ ଧର୍ମବନ୍ତ ଥିଲ,
ଆଦର ଶ୍ରଦ୍ଧାରେ ମନ ଜିଣୁଥିଲ
ସତ୍ୟ ମାର୍ଗେ ଚାଲୁଥିଲ ।
କର୍ତ୍ତବ୍ୟ ପଥର ଅକ୍ଲାନ୍ତ ପଥିକ
ଜାଣିତ ନଥିଲ ଛନ୍ଦ,
କେଉଁ ଅଫେରା ରାଇଜେ ଚାଲିଗଲ
ତୁମେ ନାମ ବହି ଅମରେନ୍ଦ୍ର ।
ଝୁରୁଛନ୍ତି ଆଜି ପ୍ରିୟ ପରିଜନ
ବହେ ଅଶ୍ରୁରୁ ଅବାରିତ,
ପ୍ରଭୁପୟରରେ ଏତିକି ମିନତି
ଚିର ଶାନ୍ତି ଆଉ ସଦ୍‌ଗତି ଲାଭ କରୁ
ଦିବଂଗତ ଆତ୍ମା ତବ ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୯୯୯

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ବିନୋଦିନୀ ରାଉତରାୟ
ସ୍ୱା: ଅନାମ ଚରଣ ରାଉତରାୟ
ନିରାକାରପୁର, ରସୁଲଗଡ଼
ଆବିର୍ଭାବ: ୩୦ ଜୁନ ୧୯୪୪
ତିରୋଧାନ: ୧୦ ଜୁଲାଇ ୨୦୧୫
ତୁମେ ଛାଡ଼ି ଚାଲିଯିବା ଇତି ମଧ୍ୟରେ ୬ବର୍ଷ ହୋଇଗଲା। ଏହା ଯୁଗ ପରି ଲାଗୁଛି। ତୁମ୍ଭ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଏକ ଅପୂରଣୀୟ ଶୂନ୍ୟସ୍ଥାନ ହୋଇ ଯାଇଛି। ତାହା ଭାବି ଆଉ ଲାଭ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ତୋର ସ୍ୱାମୀ: ଅନାମ ଚରଣ ରାଉତରାୟଙ୍କ ସହିତ ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୨୧୦୦୪

**୩୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ
ଆମେ ଆଜିର ୩୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
*Director and Staff*
*"X" Security Service (P)Ltd.*
ଧ-୨୧୦୦୯

# ରେନି ଡେ' ଫ୍ୟାଶନ

**ଫ୍ୟାଶନ୍ ଦୁନିଆରେ ଅପ୍‌ଡେଟ୍ ରହିବାକୁ ଯୁବପିଢ଼ିଙ୍କ କ୍ରେଜ୍ କେତେ ତାହା କହିବା ବାହୁଲ୍ୟ। କିନ୍ତୁ ବର୍ଷା ଆସିଗଲେ ପାଣି କାଦୁଅରେ ଯେପରି ଆଉଟ୍‌ଫିଟ୍ ଖରାପ ନ ହୋଇଯାଏ, ସେଥିପାଇଁ ବଢ଼ିଯାଏ ସେମାନଙ୍କ ଟେନ୍‌ସନ୍। ହେଲେ ବର୍ତ୍ତମାନ ମିଳୁଥିବା ୱାଟରପ୍ରୁଫ୍ ପୋଷାକଠାରୁ ଆସେସରିଜ୍ ପର୍ଯ୍ୟନ୍ତ ସବୁକିଛି ପାଲଟିଛି ସେମାନଙ୍କ ରେନି ଡେ' ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**





**ମନ୍‌ସୁନ୍ ଡ୍ରେସ୍‌ର ବଦଳିଛି ଟ୍ରେଣ୍ଡ:** ବର୍ଷା ଆସିଲେ ଡ୍ରେସ୍‌କୁ ନେଇ ଯୁବପିଢ଼ିଙ୍କ ଚିନ୍ତା ବଢ଼ିଯାଏ। କେଉଁ ଡ୍ରେସ୍ ବର୍ଷା ସମୟରେ ପିନ୍ଧିଲେ ଫ୍ୟାଶନେବଲ୍ ଲାଗିବା ସହ ପାଣି କାଦୁଅ ସଂସ୍ପର୍ଶରେ ଆସିଲେ ଖରାପ ନ ହେବ, ସେଥିପାଇଁ ସେମାନେ ମାର୍କେଟ୍‌କୁ ଆସୁଥିବା ବିଭିନ୍ନ ମନ୍‌ସୁନ୍ ଡ୍ରେସ୍ କଲେକ୍ସନ ଖୋଜିଥା'ନ୍ତି। ତେବେ ବର୍ଷା ସମୟରେ ପାଣି ସଂସ୍ପର୍ଶରେ ଆସିଲେ ସହଜରେ ଶୁଖିପାରୁଥିବା ନିୟନ୍, ସିଫନ୍, ଜର୍‌ଜେଟ୍, ଲାଇଟ୍ କଟନ୍, ନାଇଲନ୍ ଭଳି ଫେବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ଅଧିକ ବ୍ୟବହାର କରୁଛନ୍ତି। ଏହା ସହ ରେନି ଡେ ଲାଗି ଉଭୟ ପୁଅ ଏବଂ ଝିଅମାନଙ୍କ ଲାଗି ବିଭିନ୍ନ ଫେବ୍ରିକ କମ୍ପାନୀ ପକ୍ଷରୁ ସ୍ପେଶାଲ ଆଉଟ୍‌ଫିଟ୍ ମଧ୍ୟ ପ୍ରସ୍ତୁତ କରାଯାଉଛି। ଏଦିନେ ବ୍ରାଇଟ୍ ଏବଂ ବୋଲ୍ଡ କଲର ଡ୍ରେସ୍‌ର ଡିମାଣ୍ଡ ବେଶି ରହୁଥିବା ଦେଖିବାକୁ ମିଳୁଛି। ଯୁବତୀମାନଙ୍କ ମନ୍‌ସୁନ୍ ଫ୍ୟାଶନ୍‌ରେ କ୍ୟାପ୍ରି, ସ୍କର୍ଟ, ମିଡି, ୱାନ୍‌ପିସ୍, ର୍‌ୟାପ୍ ଆରାଉଣ୍ଡ, ଶର୍ଟ ପ୍ୟାଣ୍ଟ, ଫ୍ରକ୍ ଭଳି ପୋଷାକ ଅଧିକ ପସନ୍ଦ କରୁଥିବା ବେଳେ ଯୁବକମାନେ ଜିନ୍ସ ପରିବର୍ତ୍ତେ ସହଜରେ ଶୁଖିପାରୁଥିବା ୱାଟର ରେପେଲେଣ୍ଟ ଜିନ୍ସ ବ୍ୟବହାର କରୁଛନ୍ତି। ସେମାନଙ୍କ ଲାଗି ବିଭିନ୍ନ ଶର୍ଟ ପ୍ୟାଣ୍ଟ, ବରମୁଡା ପ୍ୟାଣ୍ଟ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ବହୁଳ ବ୍ୟବହାର କରିପାରବେ।

**ୱାଟରପ୍ରୁଫ୍ ଆସେସରିଜ୍ ଏବେ ଲାଟେଷ୍ଟ ଫ୍ୟାଶନ୍:** ବିଭିନ୍ନ ମ୍ୟାଚିଂ ଆସେସରିଜ୍ ବିନା ଯୁବପିଢ଼ିଙ୍କ ଆଉଟ୍‌ଫିଟ୍ ଯେମିତି ଅସମ୍ପୂର୍ଣ୍ଣ। ତେଣୁ ପ୍ରତିଟି ସିଜନ୍‌କୁ ନେଇ ସେମାନଙ୍କ ଆସେସରିଜ୍ ବି ବଦଳିଥାଏ। ଆଉ ସେମାନଙ୍କ ଡିମାଣ୍ଡକୁ ଆଖିଆଗରେ ରଖି ବିଭିନ୍ନ ନାମୀଦାମୀ କମ୍ପାନୀ ପକ୍ଷରୁ ବିଭିନ୍ନ ୱାଟରପ୍ରୁଫ୍ ଆସେସରିଜ୍ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ବର୍ଷା ଲାଗି ବିଭିନ୍ନ ପ୍ରକାର କଲରର ୱାଟରପ୍ରୁଫ୍ ହ୍ୟାଣ୍ଡ ବ୍ୟାଗ୍, ଭ୍ୟାନିଟି ବ୍ୟାଗ୍, କ୍ୟାରି ବ୍ୟାଗ୍, ବ୍ୟାଗ୍ ପ୍ୟାକ୍, ଲ୍ୟାପଟପ୍ ବ୍ୟାଗ୍‌ର ବ୍ୟବହାର ବଢ଼ିଛି। ବିଶେଷକରି ପାଣିରେ ଖରାପ ନ ହେବା ଲାଗି ନାଇଲନ୍ ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଆକର୍ଷଣୀୟ ଡିଜାଇନ୍ ବ୍ୟାଗ୍‌ର ଚାହିଦା ବେଶି ରହୁଛି। ଯୁବକମାନେ ମଧ୍ୟ ୱାଟରପ୍ରୁଫ୍ ପର୍ସ, ବ୍ୟାଗ୍, ଲ୍ୟାପ୍‌ଟପ୍, ବ୍ୟାଗ୍‌ପ୍ୟାକ୍ ଆଦିକୁ ବ୍ୟବହାର କରୁଛନ୍ତି। ସେହିପରି ବର୍ଷାଦିନ ପାଇଁ ସ୍ପେଶାଲ ଡିଜାଇନ କରାଯାଇଥିବା ଲାଟେଷ୍ଟ ରିଷ୍ଟୱାଚ୍ ମଧ୍ୟ ଯୁବପିଢ଼ିଙ୍କ ମନ୍‌ସୁନ୍ ଫ୍ୟାଶନରେ ଖୁବ୍ ଡିମାଣ୍ଡରେ ରହିଛି। ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଲାଗି ବିଭିନ୍ନ ଆକର୍ଷଣୀୟ ୱାଟରପ୍ରୁଫ୍ ଲାଇଟ୍‌ୱେଟ୍ ନନ୍‌ମେଟାଲିକ୍ ଜୁଏଲେରି ବିଶେଷକରି ଡ୍ରେସ୍ ସହିତ ମ୍ୟାଚିଂ କଲରଫୁଲ୍ ବିଡ୍ ଜୁଏଲେରି ଏହିଦିନେ ବେଶି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ମୋବାଇଲକୁ ପ୍ରୋଟେକ୍ସନ୍ ସାଙ୍ଗକୁ ଷ୍ଟାଇଲିଶ୍ ଲୁକ୍ ଦେବା ଲାଗି ଏବେ ବିଭିନ୍ନ ପ୍ରକାରର କଭର ମିଳୁଛି। ବିଶେଷକରି ଜିପ୍ ପାଉଚ୍ ମୋବାଇଲ କଭରର ଚାହିଦା ସର୍ବାଧିକ। ତେବେ ବିଭିନ୍ନ ପ୍ରକାରର ବ୍ରାଣ୍ଡ ତଥା ଦାମ୍‌ରେ ଏଭଳି ୱାଟରପ୍ରୁଫ୍ ଆସେସରିଜ୍ ଅନ୍‌ଲାଇନ ଖୁବ୍ ସହଜରେ ମିଳିପାରୁଥିବାରୁ କରୋନା ସମୟରେ ବି ଯୁବପିଢ଼ିଙ୍କ ରେନି ଡେ' ଫ୍ୟାଶନ୍ ଅପ୍‌ଡେଟ୍ ରହିପାରୁଛି।

**ୱାଟରପ୍ରୁଫ୍ ଫୁଟ୍‌ୱେର ଦେଉଛି ଆଇକ୍ୟାଚି ଲୁକ୍:** ଷ୍ଟାଇଲିଶ୍ ଲୁକ୍ ପାଇଁ ଡ୍ରେସ୍ ସହିତ ମ୍ୟାଚିଂ ଜୋତା ପିନ୍ଧିବା ଯୁବପିଢ଼ିଙ୍କର ଏକ ସଉକ। ଯେଉଁଥିପାଇଁ ଅନେକଙ୍କ ପାଖେ ଥାଏ ବିଭିନ୍ନ ପ୍ରକାରର ସୁଜ୍ କଲେକ୍ସନ। ହେଲେ ବର୍ଷାଦିନେ ବିଭିନ୍ନ ଡିଜାଇନର ଚପଲ, ଲେଦର କିମ୍ବା କାନ୍‌ଭାସ୍ ଫୁଲ୍‌ଶୁ ଆଦି ପିନ୍ଧିବା ହୋଇଯାଏ ମୁସ୍କିଲ। ତେବେ ଏମିତିରେ ବର୍ଷାଦିନ ଲାଗି ମାର୍କେଟ୍‌ରେ ମିଳୁଥିବା ଅନେକ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଛି ସେମାନଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ଯୁବତୀମାନେ କଲରଫୁଲ୍ ଫ୍ଲିପ୍ ଫ୍ଲପ୍, ଷ୍ଟାଇଲିଶ୍ ରେନି ଶୁ, ଫଙ୍କି ଗନ୍ ବୁଟ୍ ଏବଂ ଜେଲି ପ୍ଲେଟ୍ସ ଆଦି ଟ୍ରାଏ କରିପାରିବେ। ସେହି ଭଳି ଯୁବକମାନେ ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।





**ଛତା ଓ ରେନ୍‌କୋଟ୍‌ର ବି ବଦଳିଛି ଡିଜାଇନ୍:** ବର୍ଷାଦିନେ ବାହାରକୁ ଯାଉଥିଲେ ଓଦା ନ ହେବା ଲାଗି ଛତା ଏବଂ ରେନ୍‌କୋଟ୍ ଆବଶ୍ୟକ ହୋଇଥାଏ। ହେଲେ ଆଜିର ମଡର୍ନ ଦୁନିଆର ଯୁବପିଢ଼ିଙ୍କ ଚାହିଦା ଅନୁଯାୟୀ ବର୍ଷାରୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ଛତା ଏବଂ ରେନ୍‌କୋଟ୍‌ର ବି ବଦଳିଯାଇଛି ରୂପ। ତେଣୁ ଏବେ ସେମାନେ ପୁରୁଣା ଦିନର କଳାଛତା କିମ୍ବା ରେନ୍‌କୋଟ୍‌କୁ ଆଉ ପସନ୍ଦ ନ କରି କଲରଫୁଲ୍ ଏବଂ ଭିନ୍ନ ଭିନ୍ନ ପ୍ରିଣ୍ଟ ତଥା ଡିଜାଇନ୍‌ର ଛତା ଓ ରେନ୍‌କୋଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହାସହ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ରେନ୍ ପୋଞ୍ଚୋ ସାଜିଛି ଲାଟେଷ୍ଟ ଟ୍ରେଣ୍ଡ। ଏହା ରେନ୍‌କୋଟ୍‌ଠାରୁ ଅପେକ୍ଷାକୃତ ସୁନ୍ଦର ଏବଂ ଷ୍ଟାଇଲିଶ୍ ମଧ୍ୟ ଲାଗୁଛି। ନିଜର ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ରେନ୍‌କୋଟ୍ ଭିତରେ ଲୁଚି ନ ଯିବା ଲାଗି ଅନେକେ ଟ୍ରାନ୍ସପରେଣ୍ଟ ରେନ୍‌କୋଟ୍ ପିନ୍ଧୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଯୁବତୀମାନେ ସ୍କୁଟି ଚଲାଇବା ବେଳେ ଅସୁବିଧା ନ ହେବା ଲାଗି ୱାନ୍ ପିସ୍ ବଦଳରେ ଆଟ୍ରାକ୍ଟିଭ୍ ଡିଜାଇନ୍‌ର ପ୍ୟାଣ୍ଟ ଶାର୍ଟ କିମ୍ବା ସ୍କର୍ଟ ଟପ୍ସ ଭଳି ଟୁ ପିସ୍ ରେନ୍ କୋଟ୍ ବି ମିଳୁଛି, ଯାହାର ଡିମାଣ୍ଡ ବଢ଼ୁଥିବାର ଦେଖିବାକୁ ମିଳୁଛି।

### କ'ଣ କରନ୍ତି ଏମାନେ...



ତୁଳସୀ



କଣ୍ଟିତ କୁମାର

**କଣ୍ଟିତ କୁମାର ବାରିକ** (କର୍ମଜୀବୀ, ଫୁଲନଖରା, କଟକ)– ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସହ ନିଜକୁ ଅପ୍‌ଡେଟ୍ ରଖିବା ଲାଗି ପ୍ରତି ସିଜନ୍‌ରେ ମାର୍କେଟକୁ ଆସୁଥିବା ନୂଆ ନୂଆ କଲେକ୍ସନ ବାଛି କିଣିଥାଏ। ହେଲେ ବର୍ଷାଦିନେ ନିଜ ଆଉଟ୍‌ଫିଟ୍‌କୁ ନେଇ ଅଧିକ ସଜାଗ ରହିଥାଏ। କଟନ୍ ଜିନ୍ସ ଭଳି ହେଭି ଡ୍ରେସ୍ ବଦଳରେ ଶୀଘ୍ର ଶୁଖିପାରୁଥିବା ଭଳି ଲାଇଟ୍‌ୱେଟ୍ ଡ୍ରେସ୍ ପିନ୍ଧେ। ସେହିପରି ପାଣି ସଂସ୍ପର୍ଶରେ ଆସି ଶୀଘ୍ର ଖରାପ ନ ହେବା ଲାଗି ଫୁଲ୍ ସୁଜ୍ ବଦଳରେ ଷ୍ଟାଇଲିଶ୍ ଲୁକ୍ ଦେବା ଭଳି ଟ୍ରେଣ୍ଡି ସ୍ଲିପର ବ୍ୟବହାର କରେ। ଲାଟେଷ୍ଟ ୱାଟରପ୍ରୁଫ୍ ବ୍ୟାକ୍‌ପ୍ୟାକ୍ ବି ଏଦିନେ ମୋ ରେନିଡେ କଲେକ୍ସନ୍‌ରେ ସାମିଲ କରିବାକୁ ଆଦୌ ଭୁଲେନି।

**ତୁଳସୀ ସାହୁ** (ଛାତ୍ରୀ, ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ, ପଟିଆ, ଭୁବନେଶ୍ୱର)– ବର୍ଷାଦିନେ କ'ଣ ପିନ୍ଧିଲେ ଷ୍ଟାଇଲିଶ୍ ଲାଗିବା ସହ ପାଣିରେ ଖରାପ ନ ହେବ, ତା'କୁ ନେଇ ସମସ୍ତଙ୍କର ଚିନ୍ତା ବଢ଼ିଯାଏ। ବିଶେଷକରି ଡ୍ରେସ୍, ଜୋତା ଆଦି ଯେତେ ସୁନ୍ଦର କିମ୍ବା ଆକର୍ଷଣୀୟ ହୋଇଥାଉନା କାହିଁକି ତା' ସହିତ ମ୍ୟାଚିଂ ଆସେସରିଜ୍ ନ ହେଲେ ଆଉଟଫିଟ୍ ଇନ୍‌କମ୍ପ୍ଲିଟ୍ ଲାଗିଥାଏ। ତେଣୁ ଏଦିନେ ସିଫନ୍, ଜର୍‌ଜେଟ୍, ନାଇଲନ ଭଳି ଫେବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ସହ ବିଭିନ୍ନ ୱାଟରପ୍ରୁଫ୍ ଚପଲ, ବ୍ୟାଗ୍ ଏବଂ ମ୍ୟାଚିଂ ଜୁଏଲେରି ଆଦି ବ୍ୟବହାର କରିଥାଏ। ତେବେ କରୋନା ଲାଗି ଦୁଇବର୍ଷ ହେବ ଅନ୍‌ଲାଇନ୍‌ରେ ଏସବୁ ମଗାଉଛି।

---

## ୟୁଥ୍ ଆଲର୍ଟ

# ନିଦ ନ ଆସିଲେ

**ଶରୀରକୁ ସୁସ୍ଥ ରଖିବାରେ ପର୍ଯ୍ୟାପ୍ତ ନିଦ୍ରା ଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ କ୍ଷେତ୍ରରେ ଠିକ୍ ଭାବେ ନିଦ ନ ଆସିବା ବା ନିଦ୍ରାହୀନତାର ଅଭିଯୋଗ ଦେଖିବାକୁ ମିଳୁଛି, ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେବେ ଏଥିପାଇଁ କେଉଁ ସବୁ କାରଣ ଦାୟୀ ଏବଂ କିପରି ଏହାର ସମାଧାନ କରିପାରିବେ, ଜାଣିରଖନ୍ତୁ ସେ ସମ୍ପର୍କରେ...**

- ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଅବ୍ୟବସ୍ଥିତ ଜୀବନଶୈଳୀ ନିଦ୍ରାହୀନତାର ଏକ ମୁଖ୍ୟ କାରଣ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଏଭଳି ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ। ସମସ୍ତ କାର୍ଯ୍ୟ ବାଦ୍ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।
- ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ କେତେକଙ୍କଠାରେ ନିଦ ଠିକ୍ ଭାବେ ନ ହେବାର ମୂଳ କାରଣ। ତେଣୁ ଏସବୁ କାର୍ଯ୍ୟ ଲାଗି ଏକ ସମୟ ନିର୍ଦ୍ଧାରଣ କରନ୍ତୁ ଏବଂ ଭଲ ଭାବେ ଶୁଅନ୍ତୁ।
- ଏବର ଯୁବପିଢ଼ି ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ଅଧିକ ଖାଉଛନ୍ତି, ଯାହା ନିଦ୍ରାହୀନତାର ଅନ୍ୟତମ କାରଣ। ତେଣୁ ଏଭଳି ଖାଦ୍ୟ ବଦଳରେ ସୁଷମ ଖାଦ୍ୟ ଖାଆନ୍ତୁ। ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ଯୁକ୍ତ ଖାଦ୍ୟକୁ ସାମିଲ କଲେ ମେଲାଟୋନିନ୍ ହର୍‌ମୋନ୍‌ର କ୍ଷରଣକୁ ବୃଦ୍ଧି ହେବା ସହ ନିଦ୍ରାହୀନତା ଦୂର ହେବ।





- ନିଶାଦ୍ରବ୍ୟ ସେବନ ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହତ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ। ତେଣୁ ଏହାଠାରୁ ନିଜକୁ ଦୂରେଇ ରଖନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦ କରିବାରେ ସାହାଯ୍ୟ କରିବ।
- ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ ମାନସିକ ଚାପ ଥିଲେ ଏହାକୁ ହାଲୁକା କରିବାକୁ ଚେଷ୍ଟା କରନ୍ତୁ ଏବଂ ଆଦୌ ଅବସାଦଗ୍ରସ୍ତ ରୁହନ୍ତୁ ନାହିଁ। କାରଣ ମନ ହାଲୁକା ରହିଲେ ହିଁ ଭଲ ନିଦ ହେବ। ମନେରଖନ୍ତୁ, ଏସବୁ ସତ୍ତ୍ୱେ ସମସ୍ୟା ନ ସୁଧୁରିଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

---

## ଏ ସପ୍ତାହର ପ୍ରଶ୍ନ

୧– ଜଙ୍ଗସଙ୍ଗ୍ ପିକ୍.......... ରାଜ୍ୟରେ ଅବସ୍ଥିତ ?
୨– ରେସିଆଲ୍ ଜଷ୍ଟିସ୍ ଆଣ୍ଡ ଇନ୍‌ଇକ୍ୱାଲିଟି ଗ୍ଲୋବାଲ୍ ରିପୋର୍ଟ.........ର ମୁଖ୍ୟ ଆରମ୍ଭ କରିଥିଲେ ?
୩– ମୁଖ୍ୟମନ୍ତ୍ରୀ ଦଳିତ ସଶକ୍ତୀକରଣ ଯୋଜନା.......... ରାଜ୍ୟ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି।
୪– ଭାରତର ଗଭୀରତମ ବନ୍ଦର................. ?
୫– ଡିଏସ୍‌ଏଲ୍‌ଆର୍‌ର ଫୁଲ୍‌ଫର୍ମ........... ?

## ଗତ ଥରର ଉତ୍ତର

୧ ଓ୍ୱଜା ଉଡ୍‌ସ୍ୟାଟ୍, ନ୍ୟୁଜିଲାଣ୍ଡ
୨ କର୍ଣ୍ଣାଟକ
୩ ତରଭୁଜ
୪ ଚାର୍ଜିଂ ପ୍ଲାଜା
୫ ବିଭୂତିଭୂଷଣ ବନ୍ଦୋପାଧ୍ୟାୟ

## ଉତ୍ତରଦାତା



ରବୀନ୍ଦ୍ର କୁମାର ସ୍ୱାଇଁ, ଜଗତ୍‌ସିଂହପୁର



ସୁନୀଲ କୁମାର ବେହେରା ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୁନ୍ଦର ଜଳପ୍ରପାତ

୧– ଭିକ୍ଟୋରିଆ ୱାଟରଫଲ୍................................ ଜାମ୍ବିଆ, ଜିମ୍ବାୱେ
୨– ଇଗୁଆଜୁ ଫଲ୍ସ................................ ଆର୍ଜେଣ୍ଟିନା ଏବଂ ବ୍ରାଜିଲ୍
୩– ଆଞ୍ଜେଲ୍ ଫଲ୍ସ................................ ଭେନେଜୁଆଲା
୪– ନାଇଗ୍ରା ଫଲ୍ସ................................ ନ୍ୟୁୟର୍କ ଏବଂ ଅଣ୍ଟାରିଓ
୫– ୟୋସେମାଇଟ୍ ଫଲ୍ସ........................ କାଲିଫର୍ନିଆ ଏବଂ ଆମେରିକା
୬– ପ୍ଲିଭାଇସ୍ ଫଲ୍ସ ...... .... କ୍ରୋଏସିଆ
୭– କାଇଟ୍ୟୁର୍ ଫଲ୍ସ ...... ........ ଗୁଆନା
୮– ଗଲ୍‌ଫସ୍ ଫଲ୍ସ ...... .... ଆଇଲାଣ୍ଡ
୯– ସୁଥରଲାଣ୍ଡ ଫଲ୍ସ..... ..... ନ୍ୟୁଜିଲାଣ୍ଡ
୧୦– ଜଗ୍ ଫଲ୍ସ......................... ଭାରତ



---

## କଲେଜ ଅନୁଭୂତି

# ସାଙ୍ଗମାନଙ୍କ ପ୍ରଶଂସା ଆନନ୍ଦିତ କରିଥିଲା

କଲେଜ ଜୀବନରେ ପ୍ରାୟ ସମସ୍ତଙ୍କ ଅନେକ ଅନୁଭୂତି ରହିଥାଏ। ଆଉ ତା' ଭିତରେ ଏମିତି ବି କିଛି ସ୍ମୃତି ସାଇତା ହୋଇ ରହିଥାଏ, ଯାହା ଜୀବନର ଶେଷ ପର୍ଯ୍ୟନ୍ତ ଭୁଲି ହୁଏ ନାହିଁ। ମନେପଡୁଛି, ମାଟ୍ରିକ୍ ପାସ୍ କରିବା ପରେ ଢେଙ୍କାନାଳ ମହିମାଗାଦି ଯୋରନ୍ଦା ମହାବିଦ୍ୟାଳୟରେ ଆଡ୍‌ମିଶନ୍ ହେଲା। କଲେଜର ବିଶାଳ ପରିବେଶ ମନକୁ ଯେତିକି ଆକର୍ଷିତ କରୁଥିଲା, ନୂଆ ନୂଆ ସହପାଠୀ ଏବଂ ପରିବେଶରେ ନିଜକୁ ସାମିଲ କରି ଚଳିବାକୁ ନେଇ ମନରେ ଛନକା ବି ରହିଥିଲା। ଘରଠାରୁ କଲେଜ ପର୍ଯ୍ୟନ୍ତ ବସ୍‌ରେ ଯିବାକୁ ପଡୁଥିଲା। କିଛିଦିନ ମଧ୍ୟରେ ଆମ କ୍ଲାସ୍‌ର ୫ ଜଣ ପୁଅ ଏବଂ ୫ ଜଣ ଝିଅ ମିଶି ଷ୍ଟାର୍ କ୍ଲବ୍ ନାମରେ ଏକ ଗ୍ରୁପ୍ ଗଢ଼ିଲୁ। ପ୍ରତିଦିନ କ୍ଲାସ୍ ପରେ ଲିଜର ପିରିୟଡ୍‌ରେ କଲେଜ ପାଖ ହୋଟେଲରେ ଦେଖା ହୋଇ ଖୁବ୍ ମଜାମସ୍ତି କରୁ। ଦିନେ ଆମେମାନେ ଏକ ପିକ୍‌ନିକ୍ କରିବାକୁ ମନସ୍ଥ କଲୁ ଏବଂ କ୍ଲାସ୍‌ରେ ସମସ୍ତଙ୍କୁ ଜଣାଇଲୁ। ହେଲେ ସେ କଲେଜରେ ପୂର୍ବରୁ କେବେ ପିକ୍‌ନିକ୍ ହୋଇ ନ ଥିଲା। ତଥାପି ସଭିଙ୍କ ସହମତିକ୍ରମେ ଡେଟ୍ ଏବଂ ଘଟଗାଁ ତାରିଣୀ ଓ ସାନଘାଗରା ପିକ୍‌ନିକ୍ ସ୍ପଟ୍ ଫାଇନାଲ ହେଲା। ପ୍ରାୟ ୬୦ ଜଣ ଝିଅପୁଅ ଏକାଠି ପିକ୍‌ନିକ୍‌ରେ ଗଲୁ। ସାଙ୍ଗରେ ୨ ଜଣ ସାର୍ ଏବଂ ୨ ଜଣ ମ୍ୟାଡାମ୍ ବି ଯାଇଥିଲେ। ସମସ୍ତଙ୍କ ମନରେ ପ୍ରବଳ ଉତ୍କଣ୍ଠା ଥିଲା। ଗୀତ, ନାଚ ସହ ଖୁବ୍ ମଜା ମସ୍ତିରେ ଗାଡ଼ି ଚାଲିଥିଲା। ବାଟ ସାଙ୍ଗକୁ ସମୟ କେତେବେଳେ ସରୁଥିଲା କାହାରି ଖିଆଲରେ ନ ଥିଲା। କଲେଜର ପ୍ରଥମ ପିକ୍‌ନିକ୍‌କୁ ସମସ୍ତେ ଖୁବ୍ ଏଞ୍ଜୟ କରୁଥିଲେ। ସେ ସମୟରେ ମୋର ଗୋଟେ ପଂକ୍ତି ମନେପଡ଼ିଲା–
'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯା'ର ପ୍ରାପତି ବଳେ ଦେବତା ନର।'

ସତରେ ଏହି ବନ୍ଧୁତା କେତେ ସୁନ୍ଦର! ଏହି ବନ୍ଧୁତ୍ୱର ପ୍ରେମ ଟିକକ ପାଇଁ ଭଗବାନ୍ ବି ଧରାବତରଣ ହୁଅନ୍ତି ବୋଲି କଥାରେ ଅଛି। ଉକ୍ତ ପିକ୍‌ନିକ୍ ନେତୃତ୍ୱର ଅଂଶୀଦାର ଥିବାରୁ ସଭିଙ୍କ ମୁହଁରୁ ବାରମ୍ବାର ମୋ ନାମ ଉଚ୍ଚାରଣ ମୋତେ ଆହୁରି ଆନନ୍ଦିତ କରୁଥିଲା। ସେଦିନ ଆମେ ଖୁବ୍ ଭଲରେ ବୁଲାବୁଲି କରି ମା'ଙ୍କ ଦର୍ଶନ କରି ଫେରିଲୁ। ଆଉ ପିକ୍‌ନିକ୍ ସଫଳ ହୋଇଥିବାରୁ ସାର୍ ମ୍ୟାଡାମ୍ ଏବଂ ସାଙ୍ଗମାନେ ଯେବେ ମୋତେ ଖୁସିରେ ପ୍ରଶଂସା ଜଣାଇଥିଲେ ମନରେ ଏକ ଅପୂର୍ବ ଆନନ୍ଦ ଖେଳି ଯାଉଥିଲା। ସେହିଠାରେ ହିଁ ମୋର ପ୍ରଥମ ଥର ଅନୁଭବ ହେଲା ଯେ, ନେତୃତ୍ୱ ନେବା ପାଇଁ ହେଲେ ନିଷ୍ଠାର ସହ କାର୍ଯ୍ୟ କରିବା ସହ ତା'କୁ ସଫଳ କରିବା ଲାଗି ଶ୍ରଦ୍ଧା ରହିବା ଆବଶ୍ୟକ।



ବୋଧହୁଏ ସେହି ଅନୁଭବ ଆଜି ମୋତେ ରାଜ୍ୟ ଲୋକ କଳାକାରମାନଙ୍କ ନେତୃତ୍ୱ ନେବାକୁ ସକ୍ଷମ କରାଇପାରିଛି। ଆଜିବି ସେଦିନର ସେହି ଅନୁଭୂତି ମୋ ମନରେ ସତେଜ ହୋଇ ରହିଛି।

*–ଅବନୀ କୁମାର ମିଶ୍ର*
*ଉପସଭାପତି, ରାଜ୍ୟ କଳା ସଂସ୍କୃତି ସଂଘ*

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୪ ଜୁଲାଇ, ୨୦୨୧ Bhubaneswar, Sunday, July 4/2021

# ଇଟାଲୀ-ସ୍ପେନ୍ ସେମିଫାଇନାଲ

**ମ୍ୟୁନିକ, ୩।୭**

ୟୁରୋକପ୍ ଫୁଟବଲ ଟୁର୍ନାମେଣ୍ଟରେ ପୂର୍ବରୁ ୪ ଥର ଟାଇଟଲ ଜିତିଥିବା ଇଟାଲୀ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସ୍ଥାନୀୟ ଆଲିଆଞ୍ଜ ଏରିନାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଇଟାଲୀ ୨-୧ ଗୋଲରେ ବେଲ୍‌ଜିୟମକୁ ହରାଇ ଅଗ୍ରଗତି କରିଛି। ଏଥିସହ ବିଶ୍ୱର ୧ ନମ୍ବର ଦଳ ବେଲ୍‌ଜିୟମର ବିପର୍ଯ୍ୟୟ ଘଟିଛି କହିଲେ ଭୁଲ ହେବନାହିଁ। ଏବେ ୭ ତାରିଖ ବୁଧବାର ସେମିଫାଇନାଲରେ ଇଟାଲୀ ଓ ତିନିଥର ୟୁରୋକପ୍ ଚାମ୍ପିୟନ ହୋଇଥିବା

## ୟୁରୋକପ୍‌ରୁ ବେଲ୍‌ଜିୟମ ଆଉଟ୍

ସ୍ପେନ୍ ମଧ୍ୟରେ ମୁକାବିଲା ହେବ। ଏଥିସହ କ୍ୱାଲିଫାୟର୍ସ ଓ ମୁଖ୍ୟ ଇଭେଣ୍ଟରେ ଇଟାଲୀ କ୍ରମାଗତ ୧୫ତମ ବିଜୟ ହାସଲ କରି ନୂଆ ରେକର୍ଡ ସୃଷ୍ଟି କରିଛି। ସ୍ପେନ୍ ପୂର୍ବରୁ ୧୯୬୪, ୨୦୦୮ ଓ ୨୦୧୨ରେ ୟୁରୋକପ୍ ଟାଇଟଲ ହାସଲ କରିଥିଲା। ଚଳିତବର୍ଷ ୟୁରୋକପ୍ ମୁଖ୍ୟ ଇଭେଣ୍ଟରେ କ୍ରମାଗତ ୫ଟି ବିଜୟ ହାସଲ କରି ଇଟାଲୀ ଏକ ବିରଳ ସଫଳତା ପାଇଛି।

ମ୍ୟାଚ୍ ଆରମ୍ଭରୁ ବେଲ୍‌ଜିୟମ କାଉଣ୍ଟର ଆଟାକ କରିଥିଲା। ୩୧ତମ ମିନିଟ୍‌ରେ ନିକୋଲୋ ବାରେଲା ଗୋଲ ଦେଇ ଇଟାଲୀକୁ ଅଗ୍ରଣୀ କରାଇଥିଲେ। ଏହାପରେ ଫରୱାର୍ଡ ଲୋରେଞ୍ଜୋ ଇନ୍‌ସାଇଗ୍ନେ ୪୪ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇଥିଲେ। ଫଳରେ ଇଟାଲୀ ପ୍ରଥମାର୍ଦ୍ଧରେ ହିଁ ୨-୦ରେ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଥିଲା। ଏହାର ୩ ମିନିଟ୍ ପରେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ଦ୍ୱିତୀୟ ଅର୍ଥାତ୍ ୪୫+୨ ମିନିଟ୍‌ରେ ବେଲ୍‌ଜିୟମ ତରଫରୁ ତାରକା ଷ୍ଟ୍ରାଇକର ରୋମେଲୁ ଲୁକାକୁ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ୨-୧ ଗୋଲରେ ପଛରେ ପଡିଥିଲେ ମଧ୍ୟ ବେଲ୍‌ଜିୟମ ପ୍ରତ୍ୟାବର୍ତ୍ତନ କରିଥିଲା। ଏକ ସୁନ୍ଦର ଗୋଲ ଦେଇଥିବାରୁ ଇନ୍‌ସାଇଗ୍ନେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବା ଫଳରେ ଇଟାଲୀ ବିଜୟୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ତରଫରୁ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ଇଟାଲୀ ଗୋଲକିପର ଜିଆନଲୁଇଗି ଡୋନାରୁମା ବେଲ୍‌ଜିୟମର ସବୁ ଆକ୍ରମଣକୁ ପ୍ରତିହତ କରିଥିଲେ। ବେଲ୍‌ଜିୟମ ଅବଶ୍ୟ କେତୋଟି ସୁଯୋଗ ହରାଇଥିଲା। ଫଳରେ ଶେଷରେ ଇଟାଲୀ ବିଜୟୀ ହୋଇଥିଲା। ସାରା ମ୍ୟାଚ୍‌ରେ ଇଟାଲୀ ଡିଫେଣ୍ଡରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ।


ବିଜୟ ହାସଲ ପରେ ଖୁସିରେ ଉଲ୍ଲସିତ ଇଟାଲୀ ଖେଳାଳିମାନେ।

### ସେମିରେ ଡେନ୍‌ମାର୍କ

ଶନିବାର ବାକୁ ଅଲିମ୍ପିକ୍ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡେନ୍‌ମାର୍କ ୨-୧ ଗୋଲରେ ଚେକ୍ ଗଣରାଜ୍ୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଥୋମାସ ଡେଲାନୀ ଓ କାସ୍ପର ଡୋଲବର୍ଗ ଯଥାକ୍ରମେ ପଞ୍ଚମ ଓ ୪୨ତମ ମିନିଟ୍‌ରେ ଗୋଲ ଦେଇ ଡେନ୍‌ମାର୍କକୁ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ଚେକ୍ ଗଣରାଜ୍ୟ ତରଫରୁ ପ୍ୟାଟ୍ରିକ ସିକ୍ ୪୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହାପରେ କଡ଼ା ସଂଘର୍ଷ ହୋଇଥିଲେ ମଧ୍ୟ ଗୋଲ ନ ହେବାରୁ ଡେନ୍‌ମାର୍କ ବିଜୟୀ ହୋଇଥିଲା ଓ ଚେକ ଗଣରାଜ୍ୟ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛି। ଶୁକ୍ରବାର ସ୍ପେନ୍ ପେନାଲ୍ଟି ଶୁଟ୍ ଆଉଟରେ ୩-୧ ଗୋଲରେ ସୁଇଜରଲାଣ୍ଡକୁ ହରାଇ ପ୍ରଥମ ଦଳ ଭାବେ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲା।

# ଚତୁର୍ଥ ରାଉଣ୍ଡରେ କର୍ବର

## ୱିମ୍ବଲଡନ ଟେନିସ୍

**ଲଣ୍ଡନ,୩।୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ଟୁର୍ନାମେଣ୍ଟ ଶନିବାର ଷଷ୍ଠ ଦିବସରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ପୂର୍ବତନ ଚାମ୍ପିୟନ ଜର୍ମାନୀର ଆଞ୍ଜେଲିକ କର୍ବର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ କର୍ବର ୨-୬, ୬-୦, ୬-୧ ସେଟ୍‌ରେ ଅଣସିଡ୍ ବେଲାରୁଷର ଅଲିଆକସାଣ୍ଡ୍ରା ସାସନୋଭିଚ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କର୍ବର ଚତୁର୍ଥ ରାଉଣ୍ଡରେ ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଗଫ୍ ୬-୩, ୬-୩ ସେଟ୍‌ରେ ସ୍ଲୋଭେନିଆର କାଜା ଜୁଭାନଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଅଣସିଡ୍ ୧୮ ବର୍ଷୀୟା ବ୍ରିଟିଶ୍ ଖେଳାଳି ତଥା ବିଶ୍ୱର ୩୩୮ ନମ୍ବର ଖେଳାଳି ଇମା ରାଡୁକାନୁ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଅଂଶଗ୍ରହଣ କରି ୬-୩, ୭-୫ ସେଟ୍‌ରେ ୪୫ ନମ୍ବର ଖେଳାଳି ରୋମାନିଆର ସୋରାନା ସିର୍ଷ୍ଟିଆଙ୍କୁ ପରାସ୍ତ କରିଛନ୍ତି। ରାଡୁକାନୁ ଏବେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ ଭେଟିବେ। ଅଜଲା ୪-୬, ୬-୪, ୬-୨ ସେଟ୍‌ରେ ଲାଟଭିଆର ଜେଲେନା ଓଷ୍ଟପେଙ୍କୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

### ଫେଡରରଙ୍କ ଅଗ୍ରଗତି

ୱିମ୍ବଲଡନ ପୁରୁଷ ସିଙ୍ଗଲ୍ସରେ ଷଷ୍ଠ ସିଡ୍ ତଥା ୮ଥର ଟାଇଟଲ ଜିତିଥିବା ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡରର ୬-୪, ୬-୪, ୫-୭, ୬-୪ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସପ୍ତମ ସିଡ୍ ଖେଳାଳି ଇଟାଲୀର ମାଟେଓ ବେରେଟିନି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ମହିଳା ଡବଲ୍ସରୁ ସାନିଆଙ୍କ ବିଦାୟ

ସାନିଆ ମିର୍ଜା ମହିଳା ଡବଲ୍ସରୁ ବିଦାୟ ନେଇଛନ୍ତି। ଭାରତର ଏହି ଷ୍ଟାର ଖେଳାଳି ଓ ତାଙ୍କ ଆମେରିକାନ୍ ପାର୍ଟନର ବେଥାନି ମାଟେକ୍-ସ୍ୟାଣ୍ଡ୍ସ ୪-୬, ୩-୬ ସେଟ୍‌ରେ ରୁଷୀୟ ଯୋଡ଼ି ଏଲିନା ଭେସ୍‌ନିନା ଓ ଭେରୋନିକା କୁଦରମେତୋଭାଙ୍କଠାରୁ ହାରିଯାଇଛନ୍ତି।


ତୃତୀୟ ରାଉଣ୍ଡ ମୁକାବିଲାରେ ରିଟର୍ନ ଶଟ୍ ଖେଳୁଛନ୍ତି ଆଞ୍ଜେଲିକ୍ କର୍ବର।

# ୮ମ ଷ୍ଟେଜ୍ ଜିତିଲେ ଡାଇଲାନ୍

**ପ୍ୟାରିସ, ୩।୭**

ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୮ମ ଷ୍ଟେଜ୍ ବିଜେତା ହୋଇଛନ୍ତି ବେଲଜିୟମର ଡାଇଲାନ ଟେଅନ୍ସ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଟାଡେଜ ପୋଗାକାର ୟେଲୋ ଜର୍ସି ହାସଲ କରିଛନ୍ତି। ଡାଇଲାନଙ୍କଠାରୁ ୪୪ ସେକେଣ୍ଡ ପଛରେ ଇଅନ୍ ଇଜିଗିରେ ଏବଂ ମାଇକେଲ ଉଡ୍ସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୪୯ ସେକେଣ୍ଡ ପଛରେ ଥାଇ ପୋଗାକାର ଚତୁର୍ଥ ହୋଇଥିଲେ। ୨୦୧୮ ବିଜେତା ବ୍ରିଟେନର ଜରେଣ୍ଟ ଥୋମାସ ଷ୍ଟେଜ୍‌ର ପ୍ରଥମ ଭାଗରେ ବାଦ୍ ପଡ଼ିଥିଲେ। ବାହାରିନ ଭିକ୍ଟୋରିଅସ ଟିମ୍‌ର ଡାଇଲାନ୍ ୧୫୦.୮ କିଲୋମିଟର ବିଶିଷ୍ଟ ଏହି ରେସ୍‌କୁ ୩ ଘଣ୍ଟା ୫୪ ମିନିଟ୍ ୪୧ ସେକେଣ୍ଡରେ ଶେଷ କରିଥିଲେ।


ଡାଇଲାନ୍ ଟେଅନ୍ସ

# ମିଥାଲିଙ୍କ ବିଶ୍ୱ ରେକର୍ଡ: ଭାରତର ସାନ୍ତ୍ୱନାମୂଳକ ବିଜୟ

**ଓରସେଷ୍ଟର,୩।୭:** ଭାରତୀୟ ଅଧିନାୟିକା ମିଥାଲି ରାଜ ଶନିବାର ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିବା ଅବସରରେ ଅନ୍ତର୍ଜାତୀୟ କ୍ରିକେଟର ୩ଟି ଫର୍ମାଟରେ ସର୍ବାଧିକ ରନ ସ୍କୋର କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଏହି କ୍ରମରେ ସେ ପୂର୍ବତନ ଇଂଲଣ୍ଡ ଅଧିନାୟିକା ଚାର୍ଲୋଟ ଏଡୱାର୍ଡ୍ସ (୧୦,୨୭୩)ଙ୍କୁ ପଛରେ ପକାଇଛନ୍ତି। ମିଥାଲି ୭୫ ରନ କରି ଅପରାଜିତ ରହିବା ସହ ଭାରତକୁ ୪ ଉଇକେଟରେ ଜିତାଇଛନ୍ତି। ଚଳିତ ସିରିଜରେ କ୍ରମାଗତ ତୃତୀୟ ଅର୍ଦ୍ଧଶତକ ହାସଲ କରି ମିଥାଲି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ହାରି ନିର୍ଦ୍ଧାରିତ ୪୭ ଓଭରରେ ୨୧୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୪୬.୩ ଓଭରରେ ୬ ଉଇକେଟ ହରାଇ ୨୨୦ ରନ କରି ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ସ୍ମୃତି ମାନ୍ଧନା ୪୯, ସ୍ନେହ ରାଣା ୨୪, ଶେଫାଳୀ ବର୍ମା ୧୯ ରନ ସଂଗ୍ରହ କରିଥିବା ବେଳେ ଅଫ୍ ସ୍ପିନର ଦିପ୍ତୀ ଶର୍ମା ସର୍ବାଧିକ ୩ ଉଇକେଟ ନେଇଥିଲେ।

# ଭାରତୀୟ ଆଥ୍‌ଲେଟ ଦଳର ଗସ୍ତ ୧୪ରେ

**ମାଡ୍ରାସ, ୩।୭(ପି.ଟି.)**




ଅଲିମ୍ପିକ୍ସରେ ଭାଗ ନେବା ଲାଗି ଭାରତର ପ୍ରଥମ ବ୍ୟାଚ୍ ଆଥ୍‌ଲେଟ ଦଳ ଜୁଲାଇ ୧୪ରେ ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଟୋକିଓ ଗସ୍ତ କରିବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସାଧାରଣ ସମ୍ପାଦକ ରାଜୀବ ମେହେଟା ଶନିବାର ଏହି ସୂଚନା ଦେଇଛନ୍ତି। ଅବଶିଷ୍ଟ ଭାରତୀୟ ଆଥ୍‌ଲେଟ ଜୁଲାଇ ୧୬ରୁ ୧୯ ମଧ୍ୟରେ ଗସ୍ତ କରିବେ। ଟୋକିଓରେ ପହଞ୍ଚିବା ପରେ ସମସ୍ତ ଆଥ୍‌ଲେଟ ଓ ଅଫିସିଆଲ ୩ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ୧୮ଟି ଖେଳ ପାଇଁ ଭାରତର ୧୧୫ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ୟୁ ଥିଙ୍କ୍ ଫାଉଣ୍ଡେଶନ ଆଣ୍ଡ୍ ସନ୍ ସାଇନ୍ ସିନିୟର ସେକେଣ୍ଡାରୀ ସ୍କୁଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ ଅବସରରେ ମେହେଟା ଏହି ସୂଚନା ଦେଇଛନ୍ତି। ଆଇଓଏ ଅଫିସିଆଲ ଏହି ଅବସରରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କେତେଜଣ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଫେନ୍‌ସିଂରେ ଭାରତ ପ୍ରଥମ ଥର ଭାଗ ନେବ। ତାମିଲନାଡୁର ସି.ଏ. ଭବାନୀ ଦେବୀ ଭାରତର ପ୍ରଥମ ଫେନ୍‌ସର ଭାବେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ପ୍ରଥମ ଥର ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଏହି ଇଭେଣ୍ଟରେ ବିଶିଷ୍ଟ ଟେବୁଲ ଟେନିସ ଖେଳାଳି ଏ. ଶରଥ କମଲ ଏବଂ ସ୍ପିଣ୍ଟର ଦୂତୀ ଚାନ୍ଦ ମଧ୍ୟ ଯୋଗ ଦେଇଥିଲେ।

# କେବଳ ମହିଳା ଡବଲ୍ସ ଯୋଡ଼ି ଖେଳିବେ

**ନୂଆଦିଲ୍ଲୀ,୩।୭:** ଟୋକିଓ ଅଲିମ୍ପିକ୍ସରେ ଏଥର କେବଳ ଭାରତୀୟ ମହିଳା ଡବଲ୍ସ ଯୋଡ଼ି ଅଂଶଗ୍ରହଣ କରିବା ସ୍ପଷ୍ଟ ହୋଇଛି। ୧୯୮୮ରେ ଟେନିସ ଅଲିମ୍ପିକ୍ସରେ ସାମିଲ ହେବାପରଠାରୁ ପ୍ରଥମଥର ପାଇଁ କୌଣସି ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ। ମହିଳା ଡବଲ୍ସରେ ଅଭିଜ୍ଞ ସାନିଆ ମିର୍ଜା ଓ ନବାଗତ ଅଙ୍କିତା ରାଇନା ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବେ। ସାନିଆ ଚତୁର୍ଥଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବେ। ସର୍ବାଧିକ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ମହିଳା ଭାବେ ସେ ରେକର୍ଡ କରିବେ। ଅନ୍ୟପଟେ ଅଙ୍କିତା ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତର ଦୁଇ ପୁରୁଷ ଡବଲ୍ସ ସ୍ପେଶାଲିଷ୍ଟ ରୋହନ ବୋପାନ୍ନା ଓ ଦିଭିଜ ଶରଣ ମିଳିତ ଭାବେ ୧୧୩ତମ ର୍ୟାଙ୍କରେ ରହୁଥିବାରୁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ସେହିପରି ମିକ୍ସ ଡବଲ୍ସ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ନାହିଁ।

# ଅଲିମ୍ପିକ୍ସ ପାଇଁ ରିଚାର୍ଲିସନଙ୍କୁ ଡାକରା

**ରିଓ ଡି' ଜେନିରୋ, ୩।୭ (ଏପି)**

ଗତଥରର ଚାମ୍ପିୟନ ବ୍ରାଜିଲ ଅଲିମ୍ପିକ ଫୁଟ୍‌ବଲ ଦଳରେ ଷ୍ଟ୍ରାଇକର ରିଚାର୍ଲିସନଙ୍କୁ ସାମିଲ କରାଯାଇଛି। ଏହି ୨୪ବର୍ଷୀୟ ଫୁଟ୍‌ବଲର ବର୍ତ୍ତମାନ କୋପା ଆମେରିକାରେ ସିନିୟର ଦଳ ସହ ଖେଳୁଛନ୍ତି। ରିଚାର୍ଲିସନ କହିଛନ୍ତି ଚିଲି ବିପକ୍ଷ କୋପା ଆମେରିକା କ୍ୱାର୍ଟରଫାଇନାଲରେ ବ୍ରାଜିଲ ୧-୦ ଗୋଲରେ ବିଜୟ ପରେ ତାଙ୍କ କ୍ଲବ ଏଭରଟନ ତାଙ୍କୁ ଜାପାନରେ ଖେଳିବା ଲାଗି ଅନୁମତି ଦେଇଛି। ବିଶ୍ୱକପ୍ ପୂର୍ବରୁ ସେ ଅଧିକ ଅଭିଜ୍ଞ ଓ ପରିପକ୍ୱ ହେବାକୁ ଚାହୁଁଥିବା ରିଚାର୍ଲିସନ କହିଛନ୍ତି। ଟୋକିଓ ଗେମ୍ସ ପାଇଁ କୋଚ୍ ଆନ୍ଦ୍ରେ ଜାର୍ଡିନ ଜୁନ୍ ୧୭ରେ ବ୍ରାଜିଲ ଦଳ ଘୋଷଣା କରିଥିଲେ। ଶୁକ୍ରବାର ଏଥିରେ ୩ ପରିବର୍ତ୍ତନ କରାଯାଇଛି। ମିଡ୍‌ଫିଲ୍ଡର ଜେର୍ସନ, ୱିଙ୍ଗର ମାଲ୍‌କମ ଏବଂ ଷ୍ଟ୍ରାଇକର ପେଡ୍ରୋଙ୍କ ସ୍ଥାନରେ ଡଗ୍ଲାସ ଅଗଷ୍ଟୋ, ଗାବ୍ରିଏଲ୍ ମାର୍ଟିନେଲି ଏବଂ ରିଚାର୍ଲିସନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଜେର୍ସନ, ମାଲକମ୍ ଓ ପେଡ୍ରୋ ଯେଉଁ କ୍ଲବଗୁଡ଼ିକ ତରଫରୁ ଖେଳୁଛନ୍ତି ସେମାନେ ଅଲିମ୍ପିକ୍ସ ପାଇଁ ରିଲିଜ କରିବା ଲାଗି ରାଜି ହୋଇନାହାନ୍ତି। କାରଣ ଏହି ଟୁର୍ନାମେଣ୍ଟ ଫିଫାର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ କ୍ୟାଲେଣ୍ଡରରେ ସ୍ଥାନ ପାଇ ନାହିଁ। ପ୍ୟାରିସ ସେଣ୍ଟ ଜର୍ମେନ ସୁପରଷ୍ଟାର ନେମାରଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିଛି। ସେ ଚାପରେ ଖେଳିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ଅନୁମତି ମିଳିଲା ନାହିଁ। ରିଓ ଡି'ଜେନିରୋ ୨୦୧୬ ଅଲିମ୍ପିକ୍ସରେ ନେମାରଙ୍କ ନେତୃତ୍ୱରେ ବ୍ରାଜିଲ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଫିଫାର ଅନୁମତି ପରେ ବ୍ରାଜିଲ ଅନ୍ୟ ୪ ଖେଳାଳିଙ୍କୁ ଦଳରେ ସାମିଲ କରିଛି। ସେମାନେ ହେଲେ ଗୋଲକିପର ଲୁକାକୋ, ଡିଫେଣ୍ଡର ବ୍ରୁନୋ ଫଟସ, ଆବନର ଓ ଷ୍ଟ୍ରାଇକର ରେନିଅର। ଜୁଲାଇ ୨୩ରେ ଟୋକିଓ ଗେମ୍ସ ଉଦ୍‌ଘାଟନୀ ପୂର୍ବରୁ ପୁରୁଷ ଫୁଟ୍‌ବଲ ଆରମ୍ଭ ହେବ। ଜୁଲାଇ ୨୨ରେ ୟୋକୋହାମାରେ ବ୍ରାଜିଲ ଏହାର ପ୍ରଥମ ମ୍ୟାଚ ଜର୍ମାନୀ ବିପକ୍ଷରେ ଖେଳିବ।


ବ୍ରାଜିଲ ଷ୍ଟ୍ରାଇକର ରିଚାର୍ଲିସନ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୦୩।୦୭।୨୦୨୧

୯୮୯ ଟଙ୍କା

## ସଂକ୍ଷେପରେ

### ଜଳିଗଲା ୨ ଦୋକାନ

ଗୋପ,୩।୭(ଡି.ଏନ୍.ଏ.)- ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ବଜାରରେ ଥିବା ଗୋଟିଏ ଚପଲ ଦୋକାନ ଓ ଗୋଟିଏ ଚୁଡି ଦୋକାନ ଶୁକ୍ରବାର ବିଳମ୍ବିତ ରାତିରେ ଜଳିଯାଇଛି। ଜଳି ଯାଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ନୟାହାଟ ଫାଣ୍ଡିରେ ହୋଇ ଥିବା ଅଭିଯୋଗ ପତ୍ରରୁ ଜଣାପଡିଛି। ସବୁ ଦିନ ଭଳି ୨ଟି ଦୋକାନର ମାଲିକ ସାନଉଲ୍ଲା ଖାଁ ଓ ପ୍ରଦୀପ ନାୟକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତ୍ର ଗୋଟାଏ ବେଳେ ଏହି ୨ ଦୋକାନ ନିଆଁ ଲାଗି ଜଳୁଥିବା ସ୍ଥାନୀୟ ଲୋକ ଦେଖି ମାଲିକଙ୍କୁ ଖବର ଦେଇଥିଲେ। ଖବରପାଇ କାକଟପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ବିଳମ୍ବ ହୋଇଯାଇଥିଲା। ରବିବାର ଫାଣ୍ଡିରେ ଅଭିଯୋଗ ହୋଇଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ ହୋଇଛି। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନ ତଦନ୍ତ ଆରମ୍ଭ କରିଛନ୍ତି ।

### ମାଡ଼, ଦୁର୍ବ୍ୟବହାର କରି ୩ ଯୁବକ ଗିରଫ

ଡେଲାଙ୍ଗ,୩।୭(ଡି.ଏନ୍.ଏ.)- ଡେଲାଙ୍ଗ ପୋଲିସ ଶନିବାର ଜଣେ ବ୍ୟକ୍ତିଙ୍କୁ ଲୁହାପାଇପ ଓ ଠେଙ୍ଗାରେ ଆକ୍ରମଣ କରିବା ଏବଂ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହୁମର ଗ୍ରାମର ତପନ ସ୍ୱାଇଁ(୨୧), ତନ୍ମୟ ବିଶ୍ୱାଳ(୨୪) ଓ ମନୋଜ ସ୍ୱାଇଁ(୧୯)। ସୂଚନା ଅନୁଯାୟୀ, ହୁମର ଗ୍ରାମର ୪/୫ ଜଣ ଯୁବକ ଇନ୍ଦିପୁର ଅଞ୍ଚଳକୁ ବରଯାତ୍ରୀରେ ଯାଇଥିଲେ। ସେଠାରୁ ନିଶାସକ୍ତ ଅବସ୍ଥାରେ ଉଁପୁର ଗ୍ରାମ ଦେଇ ଘରକୁ ଫେରିବା ବାଟରେ ଉକ୍ତ ଗ୍ରାମର ମହିଳା ଓ ପୁରୁଷଙ୍କୁ ଦୁର୍ବ୍ୟବହାର କରିଥିଲେ। ଗ୍ରାମବାସୀ ଏହାକୁ ବାରଣ କରିବାରୁ ସେମାନେ ୩ ଜଣଙ୍କୁ ଲୁହା ପାଇପରେ ଆକ୍ରମଣ କରିଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣ ଯୁବକଙ୍କୁ କାବୁ କରିଥିଲା। ଏ ନେଇ ପ୍ରତିମା ବରାଳ ଥାନାରେ ଅଭିଯୋଗ କରିଥିବା ବେଳେ ପରମାନନ୍ଦ ବରାଳ ଓ ପ୍ରହ୍ଲାଦ ଦଲେଇ ଆହତ ହୋଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୫୯/୨୧ ମାମଲା ରୁଜୁ କରିଥିବା ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

# ରତ୍ନସିଂହାସନର ହେବ ଡକ୍ୟୁମେଣ୍ଟେଶନ

ପୁରୀ ଅଫିସ,୩।୭:

ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ସମୟରେ ଶ୍ରୀମନ୍ଦିର ରତ୍ନସିଂହାସନର ଅବସ୍ଥା କିପରି ରହିଛିସେନେଇ ଲେଜର ସ୍କାନିଂ ହେବ ବୋଲି ଏଏସ୍ଆଇ ପକ୍ଷରୁ ସୂଚନା ମିଳିଛି। ଏପରି କି ରଥଯାତ୍ରା ବେଳେ ଶ୍ରୀମନ୍ଦିରର ମରାମତି ସହ ରତ୍ନସିଂହାସନର ଡକ୍ୟୁମେଣ୍ଟେଶନ ହେବ। ଏଥିସହ ଗର୍ଭଗୃହ ଓ ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ମରାମତି କାର୍ଯ୍ୟ ମଧ୍ୟ ହେବ। ଏହାବ୍ୟତୀତ ପ୍ରାୟ ଦେଢ଼କୋଟି ଟଙ୍କା ବିନିମୟରେ ଆସନ୍ତା ୩ ମାସ ମଧ୍ୟରେ ଆଲୋକୀକରଣ କାର୍ଯ୍ୟ କରାଯିବ। ଏ ନେଇ ଶନିବାର ଏକ ଘରୋଇ ସଂସ୍ଥା ଶ୍ରୀମନ୍ଦିର ଆସି ଯାଞ୍ଚ କରିଛି। ତେବେ ଡକ୍ୟୁମେଣ୍ଟେଶନକୁ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ନିରୀକ୍ଷକ ଚିତ୍ତରଞ୍ଜନ ଦାସ କହିଛନ୍ତି, ଗର୍ଭଗୃହକୁ ସବୁବେଳେ ଯିବା ଆସିବା ସମ୍ଭବପର ହେଉ ନ ଥିବା ହେତୁ ମହାପ୍ରଭୁଙ୍କ ଏହି ଯାତ୍ରା ସମୟରେ କାର୍ଯ୍ୟ ସମ୍ପାଦନ କରାଯିବ। ରତ୍ନସିଂହାସନର ଅବସ୍ଥା କିଭଳି ରହିଛି, ଗର୍ଭଗୃହର ଜ୍ୟାମିତିକ ସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ମିଳିପାରିବ। ମୂର୍ତ୍ତି ଓ ଅନ୍ୟ ପଥରଗୁଡ଼ିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଜଣାପଡ଼ିବ। ଐତିହ୍ୟକୁ ସଂରକ୍ଷିତ କରିବା ପାଇଁ ରାସାୟନିକ ପ୍ରଣାଳୀ ବ୍ୟବହାର ହେବ ବୋଲି ସେ କହିଛନ୍ତି। ଛତିଶା ନିଯୋଗ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ.କ୍ରିଷନ୍ କୁମାର କହିଛନ୍ତି, ରୁପା କବାଟ ପାଇଁ ମୁମ୍ବାଇରୁ କିଛି କାର୍ଯ୍ୟ ହୋଇ ଆସିସାରିଛି। ଆଉ କିଛି ରୁପା କାର୍ଯ୍ୟ ମୁମ୍ବାଇରେ ଚାଲୁ ରହିଛି। ଚଳିତ ବର୍ଷ ରୁପା କବାଟ କାର୍ଯ୍ୟ ଆରମ୍ଭ ହେବ। ଆଲୋକୀକରଣ କାର୍ଯ୍ୟ ଏଏସ୍ଆଇ ଆରମ୍ଭ କରିଛି। ପ୍ରସ୍ତାବିତ ଯୋଜନା ଅନୁଯାୟୀ କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯନ୍ତ୍ରୀମାନେ କାର୍ଯ୍ୟ ସୁପରଭାଇଜ କରିବେ। ସେବକମାନଙ୍କର



ଶ୍ରୀମନ୍ଦିର ଆଲୋକୀକରଣ ନେଇ ଏଏସ୍ଆଇ ଦ୍ୱାରା ପ୍ରଦର୍ଶିତ ମ୍ୟାପ ।

### ଲେଜର ସ୍କାନିଂ ପାଇଁ ଶ୍ରୀମନ୍ଦିର ପ୍ରଶାସନର ମଞ୍ଜୁରୀ

ଏକ ୩ଜଣିଆ କମିଟି ଗଠନ ହୋଇ କାର୍ଯ୍ୟ ତଦାରଖ କରିବେ। ଅନ୍ୟପକ୍ଷେ ଲେଜର ସ୍କାନିଂ ପାଇଁ ଏକ ସୁପରଭାଇଜର କମିଟି ରହିବ। ଲେଜର ସ୍କାନିଂ ସମୟରେ ସେବାୟତମାନେ ଉପସ୍ଥିତ ରହିବେ। ପୂର୍ବରୁ କୋଣାର୍କରେ ମଧ୍ୟ ଏଭଳି ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରାଯାଇଛି। ଲେଜର ସ୍କାନିଂ ମାଧ୍ୟମରେ ଶ୍ରୀମନ୍ଦିରର ପଥର ମାନ ବିଗିଡ଼ିଥିଲେ କିମ୍ବା କୌଣସି ସମସ୍ୟା ଥିଲେ, ସହଜରେ ଜାଣିହୁଏ। ଆଖିରେ ଦେଖିଲେ ଏହି ପ୍ରଯୁକ୍ତିବିଦ୍ୟାର ଫାଇଦା ସହଜରେ ଜାଣିହେବ। ଲେଜର ସ୍କାନିଂକୁ ନେଇ କାହାରି ମନରେ ସନ୍ଦେହ ରହିଲେ ଏନେଇ ଜଣେ ଯନ୍ତ୍ରୀ ଏହି ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ବିସ୍ତୃତ ଧାରଣା ଦେବେ। ଯନ୍ତ୍ରୀ ଜଣକ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଯନ୍ତ୍ରୀ। ସମସ୍ତଙ୍କ ସହଯୋଗ ଓ ଆସ୍ଥାକୁ ଜିତି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟ କରିବ ବୋଲି ମୁଖ୍ୟ ପ୍ରଶାସକ ଡ.କ୍ରିଷନ୍ କୁମାର କହିଛନ୍ତି।

## ରଥଖଳାରୁ

# ରଙ୍ଗତୂଳୀରେ ଚିତ୍ରଣ ହେଉଛି ତିନି ରଥ




ପୁରୀ ଅଫିସ,୩।୭:

ତିନିରଥର ୮ଟି ଲେଖାଏଁ କନ୍ୟା ପଟାରେ କନ୍ୟା ଚିତ୍ର ଅଙ୍କନ ପରେ କୋଣଗୁଜ ନିକଟ ଦଣ୍ଡା ମୁହାଁଟ ଓ ନିରାଡ଼ି ସହ ଫିଟିଂ ହୋଇଛି। ତିନିରଥର ଉପର ଅଂଶ କନା ପଡ଼ିବା ପୂର୍ବରୁ ହାତୀ ଆଳମାଳ ବା ବତାଫାଳିଆ କାଠ ବଟମ ୮ଟି ଲେଖାଏ ପଡ଼ିଥିଲା। ଆଜି ବଉଥଳ ପୋଟଳଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ରଥର ପ୍ରତି କୋଣରେ ତିନୋଟି ଲେଖାଏ ମଣ୍ଡନୀ ବଟନ ପଡ଼ିଛି। ତିନିରଥର ରୂପକାର ସେବକମାନେ ପ୍ରଭାରେ ରୂପ ଖୋଦେଇର ଶେଷ ସ୍ପର୍ଶ ଦେଉଛନ୍ତି। ଚିତ୍ରକାର ସେବକମାନେ ତିନିରଥର ୨୭ଟି ଶିଖର ଡମ୍ବୁର, ପ୍ରତି ରଥର ୯ଟି ଲେଖାଏ ପାର୍ଶ୍ୱ ଦେବଦେବୀ ସହ ୨ଟି ଲେଖାଏ ଦ୍ୱାରପାଳ, ୯ଟି ଲେଖାଏଁ ଦ୍ୱାରପାଳ, ୯ଟି ଲେଖାଏଁ ତିନିରଥର ୨୭ଟି ସଖୀ, ସାରଥି ରଙ୍ଗକାର୍ଯ୍ୟ ଶେଷ କରି ହଂସଚିତ୍ର କରୁଛନ୍ତି। ଏଥିସହିତ ରଥଗୁଡ଼ିକରେ କୋଣଗୁଜ, ପଟାଗୁଜରେ ରଙ୍ଗ କାର୍ଯ୍ୟ ଶେଷ କରି ଚକଗୁଡ଼ିକର ଚିତ୍ର କାର୍ଯ୍ୟ ଜାରି ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କୋଠ ସୁଆଁସିଆଙ୍କ ପାଇଁ ଛୁରି, ହାତୁଡ଼ୁ ନିର୍ମାଣ ସହ କ୍ୟାମ୍ପ ନିର୍ମାଣ କରୁଛନ୍ତି। ତିନି ରଥର ଦରଜି ସେବକମାନେ ଉପର ବତା କନାରେ ଲେସ ଫିଟିଂ ହୋଇଛି। ସେହିଭଳି କନା କଟିଂ ଦୁଆର ବେଢ଼ା ପାଇଁ ରୁପା ଲେସ୍ ଫିଟିଂ କାର୍ଯ୍ୟ ଚାଲିଛି। ଶନିବାର ରଥ ନିର୍ମାଣ କାର୍ଯ୍ୟରେ ୧୯୭ଜଣ ସେବାୟତ ନିୟୋଜିତ ହୋଇଥିଲେ। ଅନ୍ୟପକ୍ଷରେ ରଥଯାତ୍ରା ସୋଲ, ବତାରେ ମହାପ୍ରଭୁଙ୍କ ଟାହିଆ ପ୍ରସ୍ତୁତ ଚାଲିଛି। ସମୁଦାୟ ୧୨ଟି ଟାହିଆ ପ୍ରସ୍ତୁତ ହେବ। ଗୁଣ୍ଡିଚା ମନ୍ଦିରରେ ପ୍ରବେଶ ବେଳେ ଛୋଟ ଟାହିଆ ଓ ଅନ୍ୟ ସମୟରେ ମହାପ୍ରଭୁଙ୍କ ପାଖରେ ବଡ଼ ଟାହିଆ ଲାଗିବ। ବାଉଁଶ କଟା ଯାଇ ଟାହିଆ ଫ୍ରେମ୍ ପ୍ରସ୍ତୁତ ହେବ ବୋଲି ସୂଚନା ମିଳିଛି।



୩ ରଥରେ ଲାଗିବାକୁ ଥିବା ସଖୀ କଣ୍ଢେଇଗୁଡିକୁ ଚିତ୍ରକରମାନେ ରଙ୍ଗ ଦେଉଛନ୍ତି ।

# ଖବରଦାତା ପରିବାରର ୪୨ଜଣ ଟିକା ନେଲେ

କାକଟପୁର,୩।୭(ଡି.ଏନ୍.ଏ.)

କାକଟପୁର ଖବରଦାତା ପରିବାରଙ୍କ ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯାଇଥିଲା ତାହା ସଫଳ ହୋଇଛି। ଶନିବାର କାକଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଟିକାକେନ୍ଦ୍ରରେ ଅଞ୍ଚଳର ସମସ୍ତ ଖବରଦାତା ପରିବାରଙ୍କୁ ଟିକା ଦାନ କରାଯାଇଥିଲା। ଏଥିରେ ପ୍ରାୟ ଖବରଦାତାଙ୍କ ପରିବାରର ୪୨ଜଣଙ୍କୁ ଟିକା ଦିଆଯାଇଥିଲା। ଏହି ସହାୟତା ପାଇଁ ଆମ ସଂଗଠନର ମଧୁ ଓ ଆଉ ଶୈଳେନ୍ଦ୍ରଙ୍କୁ କାକଟପୁର ପ୍ରେସ କ୍ଲବ ପକ୍ଷରୁ ସାଧୁବାଦ ଜଣାଯାଇଛି। ଏଥିରେ ବାଙ୍ଗୁରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଅମିତ କୁମାର ଉପାଧ୍ୟାୟ, ଡିଇଓ ମିର ଇମଦାଦ ଅଲ୍ଲୀ ଏବଂ ଧୀରେନ ଚାନ୍ଦ ସହଯୋଗ କରିଥିଲେ।

# ଗର୍ଭବତୀଙ୍କୁ ଏବେ ଦିଆଯିବନି ଟିକା

ଭୁବନେଶ୍ୱର, ୩।୭(ବ୍ୟୁରୋ)

ବର୍ତ୍ତମାନ ସ୍ଥିତିରେ ରାଜ୍ୟର ଗର୍ଭବତୀ ମହିଳାଙ୍କୁ କରୋନା ଟିକା ଦିଆଯିବ ନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶନିବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଗର୍ଭବତୀଙ୍କୁ ଟିକା ଦିଆଯିବା ନେଇ କେନ୍ଦ୍ରରୁ ମାର୍ଗଦର୍ଶିକା ଆସିଥିଲା। କିନ୍ତୁ ଏବେ ସେମାନଙ୍କୁ ଟିକା ଦିଆଯିବ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖୁବ୍ଶୀଘ୍ର ଏ ସଂକ୍ରାନ୍ତରେ କର୍ମଶାଳାର ଆୟୋଜନ କରିବ। ଏହାପରେ ରାଜ୍ୟ ପକ୍ଷରୁ ଜିଲାସ୍ତରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ। ତେଣୁ ସମସ୍ତ ଜିଲା/ମେଡିକାଲ କଲେଜଗୁଡିକୁ କିଛିଦିନ ଅପେକ୍ଷା କରିବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଖୁବ୍ଶୀଘ୍ର ଗର୍ଭବତୀଙ୍କୁ ଟିକା ଦିଆଯିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଥିଲେ।

# ସୁସ୍ଥ ପରିବେଶ ପାଇଁ ଚାରାରୋପଣ ଜରୁରୀ

ନିମାପଡ଼ା/ଅସ୍ତରଙ୍ଗ,୩।୭(ଡି.ଏନ୍.ଏ.)

ପୁରୀ ଓ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ୭୨ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଶନିବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଳିଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ଗୋପ ରେଞ୍ଜର ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନିମାପଡ଼ା ଫରେଷ୍ଟର ଟିଙ୍କିନା ପ୍ରଧାନ, ଅବିନାଶ ଖୁଣ୍ଟିଆ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ଶିକ୍ଷକ ରମେଶ ସ୍ୱାଇଁ, ରାଜକିଶୋର ସେନାପତି, ଶିକ୍ଷୟିତ୍ରୀ ବିନୀତା ସ୍ୱାଇଁ, ରାଜବାଳା ମିଶ୍ର, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସବୁଜ ତଥା ସୁସ୍ଥ ପରିବେଶ ପାଇଁ ଚାରାରୋପଣ ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ସେହିଭଳି ଅସ୍ତରଙ୍ଗ ବନାଞ୍ଚଳ ସହଯୋଗ ଓ ଗ୍ରୀନ୍ ଲାଇଫ ରୁରାଲ ଆସୋସିଏଶନ ପକ୍ଷରୁ ପାଟଳଦାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଏସ୍ଏମ୍ସି ସଭାପତି ଅମରେଶ୍ୱର ମହାନ୍ତି, ସଭ୍ୟ ପ୍ରକାଶ ମଲ୍ଲିକ, ପୁରାତନ ଛାତ୍ର ପ୍ରସନ୍ନ ବେହେରା, ପବିତ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା ଏବଂ ସ୍କୁଲର ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ସ୍କୁଲର ସହକାରୀ ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ମହାନ୍ତି ଓ ବ୍ରଜକିଶୋର ଦାଶ ପ୍ରମୁଖ ସାମିଲ ଥିଲେ।

# ଆଜି ୧୭୫୦ଜଣଙ୍କୁ ଦିଆଯିବ ଟିକା

କଣାସ,୩।୭(ସ୍ୱ.ପ୍ର.)

କଣାସ ବ୍ଲକରେ ରବିବାର ବକୁ ଉଚ୍ଚ ବିଦ୍ୟାଳୟ, ଜଙ୍ଘାର ପ୍ରାଥମିକ ବିଦ୍ୟାଳୟ, ଗୋପୀନାଥ ବିଦ୍ୟାପୀଠ ଗଡ଼ିଶାଗୋଡା, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ କଣାସ କେନ୍ଦ୍ରରେ ୧୮ରୁ ୪୪ବର୍ଷ ବ୍ୟକ୍ତିଙ୍କୁ ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଟିକା ଦେବାର ବ୍ୟବସ୍ଥା ହୋଇଛି। ସେହିପରି ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ ଟିକା ନେବାପାଇଁ କଣାସ ମହନ୍ତ ବାଳିକା ବିଦ୍ୟାଳୟ, ଗୋପୀନାଥ ବିଦ୍ୟାପୀଠ, ଜଙ୍ଘାର ବିଦ୍ୟାଳୟ, ଗଡସାନପୁଟ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଟିକା ବ୍ୟବସ୍ଥା କରାଯାଇଛି। ଯେଉଁ ବ୍ୟକ୍ତିମାନେ ଅନ୍ଲାଇନ୍ରେ ଟିକା ପାଇଁ ବୁକ୍ କରିଥିବେ ସେମାନେ କେବଳ କୋଭିଡ ନିୟମ ମାନି ଆସିପାରିବେ ବୋଲି ବିଡିଓ ଲୋଚନ ଦାସ ଅନୁରୋଧ କରିଛନ୍ତି। ରବିବାର ମୋଟ ୧୭୫୦ଜଣଙ୍କୁ ଟିକା ଦେବାର ବ୍ୟବସ୍ଥା ହୋଇଥିବା ବିଡିଓ ସୂଚନା ଦେଇଛନ୍ତି।

# ସ୍ମାର୍ଟ ହେବ କୋଣାର୍କ ଉଚ୍ଚ ବିଦ୍ୟାଳୟ

କୋଣାର୍କ, ୩।୭(ଡି.ଏନ୍.ଏ.)

କୋଣାର୍କ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର କୋଭିଡ୍ ଗାଇଡଲାଇନ ଅନୁଯାୟୀ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଚନ୍ଦ୍ରଶେଖର ରାଉତରାୟଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, କମିଟି କର୍ମକର୍ତ୍ତା, ପୁରାତନ ଛାତ୍ରୀଛାତ୍ର, ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ସରକାର କୋଣାର୍କ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟ ଭାବେ ଚୟନ କରିଛନ୍ତି। ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଯୋଜନାରେ ବିଦ୍ୟାଳୟର ଉନ୍ନତୀକରଣ କରାଯାଇ ସ୍ମାର୍ଟ କ୍ଲାସରୁମ, ଇ ଲାଇବ୍ରେରି, ଲାବୋରେଟୋରି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଉତ୍କଳିକା ବେହେରା ଆହ୍ୱାନ ଦେଇଥିଲେ। ଏଥିସହିତ ବିଦ୍ୟାଳୟର ଜମିଜମା ସମସ୍ୟା, ବିଦ୍ୟାଳୟ ସମ୍ମୁଖରେ ଜବରଦଖଲ ଉଚ୍ଛେଦ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ, କମିଟି ସମ୍ପାଦକ ମାନସ ରଞ୍ଜନ ପାତ୍ର, ପରିଚାଳନା କମିଟି ସଭାପତି କରୁଣାକର ବାରିକ, ଭରତ ଚନ୍ଦ୍ର ପାଢୀ, ରାଜୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ମାସ ଶେଷ ରବିବାର ମୋ ସ୍କୁଲ ଅଭିଯାନ ବୈଠକ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

# ଆବାସ ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

କାକଟପୁର,୩।୭(ଡି.ଏନ୍.ଏ.)

କାକଟପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଗୃହ ମିଳି ନ ଥିବା ଅଭିଯୋଗ ହୋଇଛି। ସୁହାଣପୁର ପଞ୍ଚାୟତ ସୁହାଣପୁର ଗ୍ରାମର ମେହେଫୁଜ ଖାଁ ଜଣେ ଦିନମଜୁରିଆ। ପରିବାର ସହ ସେ କଚ୍ଚା ଘରେ ରହୁଥିବାରୁ ଘର ଖଣ୍ଡେ ପାଇଁ ଗତ ୨୪।୫।୨୦୧୭ରେ ବିଡିଓଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଅଦ୍ୟାବଧି ତାଙ୍କର ଆବେଦନ ପତ୍ରଟି ସରକାରୀ ନାଲିଫିତାରେ ବନ୍ଧାହୋଇ ରହିଛି। ସେ ପ୍ରଶାସନ ନିକଟକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ବ୍ଲକରେ ଏହି ଜଣେ ବ୍ୟକ୍ତି ନୁହନ୍ତି, ଏଭଳି ଅନେକ ପ୍ରକୃତ ହିତାଧିକାରୀ ଘରଟିଏ ପାଇଁ ଆଶାବାନ୍ଧି ରହିଛନ୍ତି। ତେଣୁ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଉକ୍ତ ଯୋଜନାରେ ସାମିଲ କରାଯାଉ ବୋଲି କାକଟପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ବିପିନ ବିହାରୀ ମହାନ୍ତି, ଧନେଶ୍ୱର ପାଢୀ, ସୁହାଣପୁର ପଞ୍ଚାୟତ କଂଗ୍ରେସ କମିଟି ସଭ୍ୟ ମଲ୍ଲିକ ଏନାମୁଲ ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କଠାରେ ଦାବି କରିଛନ୍ତି।

# ଭିଡ଼ ପାଇଁ ବନ୍ଦ ହେଲା ଟିକାକରଣ

ସାକ୍ଷୀଗୋପାଳ,୩।୭(ଡି.ଏନ୍.ଏ./ସ୍ୱ.ପ୍ର.):

କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ଟିକାକରଣ ଜାରି ରହିଛି। ଶନିବାର ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଟିକାକରଣ କେନ୍ଦ୍ରରେ ଲୋକଙ୍କ ପ୍ରବଳ ଭିଡ ଯୋଗୁ ଆଇନଶୃଙ୍ଖଳା ବ୍ୟାହତ ହୋଇଥିଲା। ଫଳରେ ସ୍ଥାନୀୟ ପ୍ରଶାସନ ଟିକାକରଣ କର୍ଯ୍ୟକ୍ରମ ବନ୍ଦ ରଖିଥିଲେ। ସୂଚନାଥାଉ କି, ଗତ ୪ଦିନ ଧରି ଟିକାକରଣ ବନ୍ଦ ରହିଥିଲା। ଶନିବାର ଟିକାକରଣ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ (୧୮-୪୫)ବର୍ଷ ବର୍ଗଙ୍କ ପାଇଁ ୩୦୦ ଡୋଜ ରହିଥିବା ବେଳେ ଅଳଗୁମ ଜାଗେଶ୍ୱରୀ ବିଦ୍ୟାପୀଠରେ ୧୫୦ ଡୋଜ ରହିଥିଲା। ସେହିପରି ଶୁକଳ ତୃତୀୟ ଦେ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ରାଏଖଣ୍ଡିରେ ୧୫୦ ଡୋଜ ଲେଖାଏ ଟିକା ଦିଆଯିବା ପାଇଁ ଆସିଥିଲା। ସାକ୍ଷୀଗୋପାଳ ସରକାରୀ ବାଳିକା ବିଦ୍ୟାଳୟରେ ୪୫ବର୍ଷରୁ ଉର୍ଦ୍ଧ ବର୍ଗର ୨ଶହ ଜଣଙ୍କୁ ଅପରାହ୍ନ ୩ଟାରେ ଟିକାକରଣ ଆରମ୍ଭ ପୂର୍ବରୁ ସେଠାରେ ୫ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଲମ୍ବାଧାଡି ଲାଗିଥିଲା। ଭିଡ ଯୋଗୁ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଖବରପାଇ ସତ୍ୟବାଦୀ ଆଇଆଇସି ଦେବୀପ୍ରସାଦ ପାତ୍ର, ଏଏସ୍ଆଇ ବୈଷ୍ଣବ ମହାରଣା ସଦଳବଳେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ଶେଷରେ ବିଡିଓ କ୍ଷୀରୋଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଟିକାକରଣ ବନ୍ଦ ରଖାଯାଇଥିଲା। ସେହିଭଳି ଜାଗେଶ୍ୱରୀ ବିଦ୍ୟାପୀଠ ଅଳଗୁମରେ ୧୦୦ ଡୋଜ ଟିକା ଦିଆଯିବାକୁ ଥିବା ବେଳେ ୪୦ଜଣ ଟିକା ନେଲା ପରେ ପରେ ୪୦୦ ଲୋକଙ୍କ ଗହଳି ହୋଇଥିଲା। ଏଠାରେ ବି ଅଧାରୁ ଟିକାକରଣ ବନ୍ଦ ରଖାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ରବିବାର ଠାରୁ ଟିକାକରଣ ପାଇଁ ଅନଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି ବୋଲି ବିଡିଓ ବେହେରା କହିଛନ୍ତି।

### ଅନ୍ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ

# ଟିକା ପାଇଁ କେନ୍ଦ୍ରରେ ଅସମ୍ଭାଳ ଭିଡ଼

କଣାସ,୩।୭(ସ୍ୱ.ପ୍ର.)

କଣାସ ବ୍ଲକରେ ଶନିବାର ୧୮ବର୍ଷରୁ ୪୪ବର୍ଷ ପର୍ଯ୍ୟନ୍ତ ବୟସ୍କଙ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଯାଇଥିଲା। ଓଲ୍ହାଣ ଗ୍ରାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଜଙ୍ଘାର ୟୁ.ପି. ସ୍କୁଲ, ଗୋପୀନାଥ ବିଦ୍ୟାପୀଠ ଗଡ଼ିଶାଗୋଡା, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ, କଣାସ ଟିକାଦାନ କେନ୍ଦ୍ରରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକା ନେବାର ବ୍ୟବସ୍ଥା ହୋଇଥିଲା। ହେଲେ ଟିକାକେନ୍ଦ୍ରରେ ଲୋକମାନଙ୍କର ପ୍ରବଳ ଭିଡ଼ ଲାଗିରହିଥିଲା। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହିନ ଥିବାବେଳେ ଖୋଲାଖୋଲି କୋଭିଡ୍ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଲାଗି ଟିକା ଆସିଯିବାରୁ ଗହଳି ଆହୁରି ବଢ଼ିଯାଇଥିଲା। ଅନ୍ଲାଇନ୍ ବୁକ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ପ୍ରତି କେନ୍ଦ୍ରରେ ୨୫୦ଜଣ ଟିକା ନେବାର ବ୍ୟବସ୍ଥା ଥିବାବେଳେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଜମା ହୋଇଥିଲେ। ଖବରପାଇ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇଆଇସି ତପନ ରାଉତ, ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଏବଂ ପୋଲସ ଫୋର୍ସ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲେ।




କଣାସ ଅଞ୍ଚଳର ଏକ ଟିକାକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼ ଲାଗିରହିଛି ।

### ୨୦୦ ଟିକା ପାଇଁ ୨ହଜାର ଲୋକ

ବଲଙ୍ଗା,୩।୭(ଡି.ଏନ୍.ଏ.)

ବଲଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ସପ୍ତାହ ପରେ ଟିକାକରଣ ଆରମ୍ଭ କରାଯାଇଥିଲା। ସକାଳ ୮.୩୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନ୍ଲାଇନରେ ୧୮ରୁ ୪୫ର୍ଷ ବୟସ୍କଙ୍କୁ ୩୦୦ଟିକା ଦିଆଯାଇଥିଲା। ପରେ ୪୫ର୍ଷରୁ ଉର୍ଦ୍ଧ୍ୱ ୨ଶହ ଟିକା ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ୮୪ ଦିନ ଅତିକ୍ରମ କରିଥିବା ପ୍ରାୟ ୨ହଜାର ଉପଭୋକ୍ତା ଦ୍ୱିତୀୟ ଡୋଜ୍ ଟିକା ଅପେକ୍ଷାରେ ଥିବାବେଳେ ଟିକାକରଣ ହେବ ବୋଲି ସୂଚନା ପାଇ ଭୋର ୫ଟାରୁ ଆସି ଧାଡ଼ିରେ ଅପେକ୍ଷା କରିଥିଲେ। ସେମାନଙ୍କୁ ସୂଚନା ଦିଆଯାଇଥିଲା ଦିବା ୧ଘଟିକାରୁ ଟୋକନ ଦିଆଯିବ ଏବଂ ଟୋକନ ହିସାବରେ ଟିକା ଦିଆଯିବ। ୨ଶହ ଟିକା ପାଇଁ ପ୍ରାୟ ୨ ହଜାର ଉପଭୋକ୍ତା କୋଭିଡ୍ କଟକଣା ନ ମାନି ଟୋକନ ପାଇଁ ସଂଘର୍ଷ କରିଥିଲେ। ଉପରୋକ୍ତ କେନ୍ଦ୍ର ଉପରେ ୧୦ଟି ପଞ୍ଚାୟତର ଜନସାଧାରଣ ଟିକାକରଣ ପାଇଁ ନିର୍ଭର କରୁଥିବାରୁ ସମସ୍ୟା ଲାଗି ରହୁଛି। ୨ଶହ ଉପଭୋକ୍ତା ଟିକା ନେଇ ଥିବାବେଳେ ଅନ୍ୟମାନେ ହତୋତ୍ସାହିତ ହୋଇ ଫେରିଥିଲେ। ଆଗକୁ କିପରି ସୁଚାରୁରୂପେ ଟିକାକରଣ ହେବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହୋଇଛି।

### ଅଟୋ ଧକ୍କାରେ ଜଣେ ଗୁରୁତର

ପିପିଲି,୩।୭ (ଡି.ଏନ୍.ଏ./ ସ୍ୱ.ପ୍ର.)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ବରାଗଡ ଛକ ନିକଟରେ ଏକ ସାଇକେଲ ଓ ସ୍କୁଟିକୁ ଏକ ମାଲବାହୀ ଅଟୋ ଧକ୍କା ଦେବା ଫଳରେ ସାଇକେଲ ଆରୋହୀ ନୃସିଂହ ବାରିକ (୫୫) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର
ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ
ମନପସନ୍ଦ ବିବାହ, ବିଦେଶ ଯାତ୍ରା,
କୋର୍ଟ କେସ୍, ସଉତୁଣୀ/ଶତ୍ରୁ
ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ,
ଗୁଣିଗାରେଡ଼ି, କ୍ୟାରିୟରରେ
ବାଧା, ଔଷଧ କାମ ନ କରିବା,
ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର
ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

**ଚତୁର୍ଭୁଜ ହାଇସ୍କୁଲରେ ବନ ମହୋତ୍ସବ**

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବନାଞ୍ଚଳ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସଂପୁରସ୍ଥିତ ସରକାରୀ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନପାଳ ପ୍ରଦୀପ୍ତ ପଟ୍ଟନାୟକ, ବନରକ୍ଷୀ ଆଲୋକ ରଞ୍ଜନ ପୃଷ୍ଟି, ମମତା ରାଣୀ ସାହୁ, ସବୁଜ ବାହିନୀ କର୍ମଚାରୀ ନେପାଳ ଚନ୍ଦ୍ର ଲେଙ୍କା, ସର୍ବେଶ୍ୱର କହଲ ସିଂହ, ରୋଟାରୀ କ୍ଲବ ସମ୍ପାଦକ ହରପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସରରେ ବିଭିନ୍ନ କିସମର ୬୦ଟି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ବୋଲଗଡ଼ ଗୋଷ୍ଠୀ ସହ ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା, ପୂର୍ବତନ ସରପଞ୍ଚ ଜଳଧର ମହାନ୍ତି, ସିଦ୍ଧେଶ୍ୱର ସାହୁ, ସମ୍ବିତ ଭୂଷଣ ରାଉତରାୟ, ପାଣ୍ଡବ ସାହୁ, ନିରଞ୍ଜନ ନାୟକ, ବିଶ୍ୱରଞ୍ଜନ ସେଠୀ, ସାଧୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସେପ୍ଟେମ୍ବର ସୁଦ୍ଧା ଭିତ୍ତିଭୂମିର ବିକାଶ ସରିବ

#### ହାଇସ୍କୁଲ ରୂପାନ୍ତରଣ ସମୀକ୍ଷା ବୈଠକ

**ଖୋର୍ଦ୍ଧା ଅଫିସ,୩।୭:** ଖୋର୍ଦ୍ଧା ଜିଲାରେ ହାଇସ୍କୁଲ ରୂପାନ୍ତରଣ ସମୀକ୍ଷା ବୈଠକ ଭର୍ଚୁଆଲରେ ଜିଲାପାଳ ସନତ ମହାନ୍ତିଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ୩୮ଟି ହାଇସ୍କୁଲକୁ ସାମିଲ କରାଯାଇଛି। ଏଥିରେ ସ୍ମାର୍ଟ କ୍ଲାସରୁମ୍, ଇ- ପାଠାଗାର, ଅତ୍ୟାଧୁନିକ ବିଜ୍ଞାନାଗାର, ଖେଳପଡିଆ, କ୍ରୀଡା ଉପକରଣ, ଶୌଚାଳୟ, ପାନୀୟଜଳ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିବ। ସ୍ମାର୍ଟ କ୍ଲାସରୁମକୁ ଡିଜିଟାଲ ପ୍ୟାନେଲ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ସୂଚନା ଦେଇଛନ୍ତି। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଆନନ୍ଦମୟ ପରିବେଶ, ଛାତ୍ରୀଛାତ୍ରଙ୍କ ପ୍ରତିଭା, ଦକ୍ଷତା ବିକାଶ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏଥିରେ ପ୍ରଶାସନ, ପୁରାତନ ଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟି ସମସ୍ତ ବର୍ଗ ସାମିଲ କରାଯିବ। ଜିଲାର ଭୁବନେଶ୍ୱର ସମେତ ସମସ୍ତ ବ୍ଲକରେ ଏହାର କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରୂପାନ୍ତରଣ କାର୍ଯ୍ୟକ୍ରମରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ନେଇ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

### ଜେଲଗଲେ ମଦ ଦୋକାନ ମ୍ୟାନେଜର

#### ୧୦ ଲକ୍ଷ ଠକେଇ

**ଭୁବନେଶ୍ୱର,୩।୭ (ବ୍ୟୁରୋ):** ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ୧୦ଲକ୍ଷ ଟଙ୍କା ଚଲୁ କରିଥିବା ମଦ ଦୋକାନ ମ୍ୟାନେଜରଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅଞ୍ଚଳର ଉତ୍କଳ ପ୍ରିୟଦେବ ସିଂ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ରୋଡ୍‌ରେ ମୀନତି ନାୟକଙ୍କର ଏକ ବିଦେଶୀ ମଦ ଦୋକାନ ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତ ଉତ୍କଳ ସମସ୍ତ କାରବାର ବୁଝୁଥିଲେ। ଗତ ଏପ୍ରିଲରେ ଦେଢ଼ ଲକ୍ଷ ଟଙ୍କା ବ୍ୟାଙ୍କରେ ଡିପୋଜିଟ କରିବା ବଦଳରେ ଆତ୍ମସାତ କରିଥିଲେ। ଏପରି ଏକାଧିକଥରରେ ସେ ୧୦ଲକ୍ଷ ଟଙ୍କା ସେ ଡିପୋଜିଟ୍ ନ କରି ଠକିନେଇଥିବା ଜାଣିବା ପରେ ମୀନତି ଥାନାରେ ୨ଟି ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୪୧, ୨୧୦/୨୧) ରୁଜୁ କରିଥିଲା। ଉତ୍କଳ ପ୍ରଥମ ମାମଲାରେ ହାଇକୋର୍ଟରୁ ଜାମିନ ଆଣିଥିବାବେଳେ ଦ୍ୱିତୀୟ ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ନାଟ୍ୟକାର ଡା.ଧନେଶ୍ୱର ସାହୁଙ୍କ ପରଲୋକ



**ଖୋର୍ଦ୍ଧା ଅଫିସ,୩।୭:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରୀ ତଥା ନାଟ୍ୟକାର ଡା. ଧନେଶ୍ୱର ସାହୁଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୬ବର୍ଷ ହୋଇଥିଲା। କିଛିଦିନ ପୂର୍ବେ ଶ୍ୱାସଜନିତ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କୁଣ୍ଡିଲୋ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ୧୯୫୪ରେ ସେ ଜନ୍ମଗ୍ରହଣ କରିଥିଲେ। ସେ ବ୍ରହ୍ମପୁର ଏମ୍‌କେସିଜିରୁ ପାସ କରିବା ପରେ ସମ୍ବଲପୁର, କୋରାପୁଟ ନୟାଗଡ ଓ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟ କରିଛନ୍ତି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଜଣେ ନାଟ୍ୟକାର ଭାବେ ସୁନାମ ଅର୍ଜନ କରିଛନ୍ତି। ୨୬ଖଣ୍ଡ ନାଟ୍ୟ ପୁସ୍ତକ ରଚନା କରିଛନ୍ତି। ସେଥିରୁ ଭିନ୍ନ ଏକ ହାଟ, ଦରବାର, ଅଟୋବାଲା, ଆଜ୍ଞା ଗୋଟେ ମିନିଟ୍, ମାୟା ଆଦି ବହୁ ନାଟକ ମଞ୍ଚସ୍ଥ ହୋଇଛି। କଳା, ସାହିତ୍ୟ, ସଂସ୍କୃତି ଉପରେ ପର୍ଯ୍ୟବସିତ ମାସିକ ପତ୍ରିକା 'ଆମରି ସତ୍ୟ'ର ସେ ପୃଷ୍ଠପୋଷକ ଥିଲେ। ଧନେଶ୍ୱରଙ୍କ ବିୟୋଗରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, କ୍ଷୀରୋଦ ପ୍ରସାଦ ମହାନ୍ତି, ସତ୍ୟବାଦୀ ବଳିଆରସିଂହ, ଗୋପାଳକୃଷ୍ଣ ଦାସ, ଶକ୍ତିଶଙ୍କର ମିଶ୍ର, ଜ୍ଞାନରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇତିଶ୍ରୀ ସାହୁ, ଶୋଭନ ଘୋଷ, ଭୀମସେନ ପ୍ରଧାନ, ପ୍ରମୋଦ ଦାଶ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ବିପର୍ଯ୍ୟୟ, ଅବହେଳାରୁ ଚାଷୀ ହତାଶ

**ବୋଲଗଡ,୩।୭(ଡି.ଏନ୍.ଏ.)**



ବିଭିନ୍ନ କାରଣରୁ ଏବେ ଚାଷରୁ ଚାଷୀ ଧୀରେ ଧୀରେ ମୁହଁ ଫେରାଇ ନେଉଛନ୍ତି। ଫଳରେ ଜମି ପଡ଼ିଆ ପଡୁଛି। ଏଥିପ୍ରତି କୃଷି ବିଭାଗ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ଉଜୁଡି ଯାଉଥିବାବେଳେ ରୋଗପୋକ ଦାଉ ସାଧୁଛି। ସେହିପରି ଜଳସେଚନ ଓ ସାର ସମସ୍ୟା, ବର୍ଷା ଓ ଶ୍ରମିକ ଅଭାବ ସାଙ୍ଗକୁ ବିଭାଗୀୟ ଅବହେଳା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କୃଷି ଉତ୍ପାଦନ ହ୍ରାସ ପାଉଛି। ଏଭଳି ନାନା ସମସ୍ୟା କାରଣରୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଅନେକ ଚାଷୀ ଏବେ ଚାଷରୁ ମୁହଁ ଫେରାଇ ନେଲେଣି।

ବୋଲଗଡ଼ ବ୍ଲକର ପ୍ରାୟ ୮୦ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ବ୍ଲକରେ ମୋଟ ୧୫,୮୦୦ ହେକ୍ଟର ଚାଷଜମି ରହିଛି। ଧାନ, ବିରି, ମୁଗ, ଚଣା, କୋଳଥ, ପନିପରିବା ଫସଲ ଅମଳ କରି ଲୋକେ ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତବର୍ଷ ବ୍ଲକରେ ୧୪,୪୭୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ତେବେ ବ୍ଲକକୁ ୩୦୮ କୁଇଣ୍ଟାଲ ବିହନ ଆସିଥିବା ଜଣାପଡ଼ିଛି। ୧୮ଟି କୃଷି ସମବାୟ ସମିତି ଓ ଗୋଟିଏ ବେସରକାରୀ ଡିଲର ମାଧ୍ୟମରେ ଚାଷୀଙ୍କୁ ସରକାରୀ ମୂଲ୍ୟରେ ବିହନ ଯୋଗାଇ ଦିଆଯାଇଥାଏ। ଏଥର ସ୍ୱଳ୍ପ ବର୍ଷା ଯୋଗୁ ବହୁ ଜମି ପଡ଼ିଆ ରହିଛି। ଯେଉଁ ଜମିରେ ଧାନ ବୁଣାଯାଇଛି ଅଧିକାଂଶ ସ୍ଥାନରେ ଗଜା ହୋଇନାହିଁ। ଉନ୍ନତ କିସମର ଧାନ ବିହନ ସରକାର ଯୋଗାଇ ଦିଅନ୍ତୁ ବୋଲି ଚାଷୀ ପ୍ରଭାତ ସୁବୁଦ୍ଧି କହିଛନ୍ତି। ବ୍ଲକ ଅଞ୍ଚଳର ଅନେକ ଚାଷୀ ଚାଷ ପ୍ରତି ଆଗ୍ରହ ପ୍ରକାଶ ନ କରିବା ସହ ଆଶଙ୍କାରେ ରହିଛନ୍ତି। ଗତ ବର୍ଷ ବିଭିନ୍ନ କାରଣରୁ ୮୦ ପ୍ରତିଶତ ଧାନଫସଲ ନଷ୍ଟ ହୋଇଯାଇଥିଲା। ସହାୟତା ପାଇଁ ଦାବି କରାଯାଇଥିଲେ ମଧ୍ୟ ପ୍ରଶାସନ ଶୁଣି ନ ଥିଲା। ଫସଲବୀମା ପାଇବା ପାଇଁ ବ୍ଲକର ୧୯ ପଞ୍ଚାୟତର ଚାଷୀମାନେ ଚାହିଁ ବସିଥିବା ବେଳେ କେବଳ ୩ଟି ପଞ୍ଚାୟତ(ଡାବରଧୁଅ ପାଟଣା ୨୭%, ବୋଲଗଡ ୩ % ଓ ଗେଡିଆପଲ୍ଲୀ ୧ %) ହାରରେ ଫସଲହାନି ବୀମାରାଶି ପାଇଛନ୍ତି। ଅନ୍ୟ ପଞ୍ଚାୟତଗୁଡ଼ିକ ସହାୟତାରୁ ବଞ୍ଚିତ ହୋଇଛନ୍ତି। ବୋଲଗଡ଼ ସର୍ବଦଳୀୟ ଚାଷୀ ସଙ୍ଗଠନର ଆବାହକ ରବୀନ୍ଦ୍ର ପରିଡ଼ା କହିଛନ୍ତି, ପ୍ରତିକୂଳ ପରିସ୍ଥିତି ପାଇଁ ଗତବର୍ଷ ୮୦ଭାଗ ଜମିରେ ଫସଲହାନି ହୋଇଥିଲା। କୃଷିଋଣ ଛାଡ ଓ ଫସଲହାନି ବୀମା ରାଶି ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ ପ୍ରଶାସନ ଶୁଣି ନ ଥଲା। ଚଳିତବର୍ଷ ମଧ୍ୟ ଚାଷୀମାନେ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି, ବ୍ଲକ ଅଞ୍ଚଳରେ ନିୟମିତ ବର୍ଷା ଜାରି ରହିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ପରିମାଣର ବିହନ ଯୋଗାଣ ପାଇଁ ଆସିଛି। ଆଗାମୀ ଦିନରେ ଚାଷ ପାଇଁ ଚାଷୀଙ୍କୁ ବିଭାଗ ପକ୍ଷରୁ ସମସ୍ତ ବୈଷୟିକ ସୁବିଧା ଯୋଗାଇଦିଆଯିବ।

**ବୋଲଗଡ଼ ବ୍ଲକ**
- ସ୍ୱଳ୍ପ ବର୍ଷା ପାଇଁ ଜମି ପଡ଼ିଆ ପଡିଛି
- ୩୦୮ କୁଇଣ୍ଟାଲ ବିହନ ଆସିଛି



ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମର ହାଟସାହି, ଦଳେଇସାହି ଓ ଜେନା ସାହି ଛକରେ ପାଣି ଜମି ରହିଛି।

### ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଆବଶ୍ୟକ

**କୃଷ୍ଣପ୍ରସାଦ,୩।୭(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ତହସିଲ ପରିସରରେ ଶନିବାର ଚିଲିକା ନୂଆପଡ଼ା ରେଞ୍ଜ ପକ୍ଷରୁ ୭୨ତମ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା ନୂଆପଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ବନମହୋତ୍ସବ ପାଳିତ ହୋଇଥିଲା। ବିଡିଓ ଉଲ୍ଲାସ କୁମାର ସେଠୀ, ଡା.ସନ୍ତୋଷ ବେହେରା, ଅଗ୍ନିଶମ ଅଧିକାରୀ ସୌମ୍ୟରଞ୍ଜନ ପରିଡା, ମଧୁସୂଦନ ସ୍ୱାଇଁ, ଜ୍ୟୋତି ରଞ୍ଜନ ବେହେରା, ଦିଲୀପ ଜେନା, ଗୋବର୍ଦ୍ଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କିସମର ୨ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ବନପାଳ ମୀନା କୁମାରୀ ନାୟକ, ଶୁଭସ୍ମିତା ଦାସ, ଅନିଲ ସାହୁ, ସୁନୀଲ ଲେଙ୍କାଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସେହିପରି ମଏଁଷାଠାରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

### ୭ ଦୋକାନ ସିଲ୍

**ବାଲିପାଟଣା,୩।୭(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଶନିବାର ଶଟ୍‌ଡାଉନରେ ଦୋକାନ ଖୋଲା ରଖି ବ୍ୟବସାୟ କରୁଥିବାରୁ ବାଲିପାଟଣା ତହସିଲ ପକ୍ଷରୁ ବାଲିପାଟଣା ବଜାରରେ ଚଢ଼ାଉ କରାଯାଇ ୭ଟି ଦୋକାନ ସିଲ୍ କରାଯାଇଛି। ୩ଟି ହାର୍ଡୱେର, ୨ଟି ଷ୍ଟେଶନେରି ଓ ଗୋଟିଏ ଟିଭି ମରାମତି ଦୋକାନକୁ ସିଲ୍ କରାଯାଇଛି। ଏହି ଚଢ଼ାଉ ବେଳେ ତହସିଲଦାର ସୁନିତା ଜେନା, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ କୋଭିଡ୍ ପଜିଟିଭ ହାର ୫.୧%

**ଖୋର୍ଦ୍ଧା ଅଫିସ,୩।୭**

- ୨,୯୧,୪୦୭ଜଣଙ୍କୁ ଦିଆଯାଇଛି ଟିକା
- ଆଦାୟ ହେଲାଣି ୨୭.୯୩ଲକ୍ଷ ଟଙ୍କା
- ଟିକାକରଣ ଓ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ



ଖୋର୍ଦ୍ଧା ଗ୍ରାମାଞ୍ଚଳ କୋଭିଡ୍ ସ୍ଥିତିର ସମୀକ୍ଷା ବୈଠକ ଶନିବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। କୋଭିଡ୍ ନିୟନ୍ତ୍ରଣ ଲାଗି ଅଧିକ ନମୁନା ସଂଗ୍ରହ, ଟିକାକରଣ ଏବଂ ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ ଦେଇଛନ୍ତି। ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ସୁସ୍ଥ ହାର ବଢୁଛି। ଜୁନ୍ ଶେଷ ସୁଦ୍ଧା କରୋନା ପଜିଟିଭ ହାର ୫.୧% ପ୍ରତିଶତ ରହିଛି। ଜିଲାରେ ଶନିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨ଲକ୍ଷ ୯୧ହଜାର ୪୦୭ଜଣଙ୍କୁ ଟିକା ଦିଆଯାଇଛି। ଶନିବାର ୧୦ଟି କେନ୍ଦ୍ରରେ ୧,୪୭୬ଜଣଙ୍କୁ ଟିକା ଦିଆଯାଇଛି ବୋଲି ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି।

ଜିଲାରେ ମୋଟ ୪୧ଲକ୍ଷ ୬ହଜାର ୭୭୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ଶନିବାର ୯୧ଜଣ ଆକ୍ରାନ୍ତଙ୍କୁ ମିଶାଇ ୨୬,୬୦୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୫,୭୮୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦ୍ୱିତୀୟ ଲହର ସୁଦ୍ଧା ୧୩୦ଜଣଙ୍କ ମୃତ୍ୟୁ ଘଟିଛି। ୬୮୨ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଆଶା, ଅଙ୍ଗନୱାଡି ଏବଂ ସ୍ୱାସ୍ଥ୍ୟ ଟିମ୍ ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ସନ୍ଦିଗ୍ଧ ଅଞ୍ଚଳ ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚସି, ପିଏଚସିରେ ନମୁନା ସଂଗ୍ରହ ଏବଂ ଟିକାକରଣ କେନ୍ଦ୍ର କରାଯାଇଛି। ଏଥିସହ ମୋବାଇଲ ଟିମ୍ ବିଭିନ୍ନ ଅଞ୍ଚଳରେ ବୁଲି ଲକ୍ଷଣ ଯୁକ୍ତ ରୋଗୀଙ୍କ ନମୁନା ପରୀକ୍ଷା କରୁଛନ୍ତି। ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଡାକ୍ତରମାନେ ଯୋଗାଯୋଗ କରୁଛନ୍ତି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ, କୋଭିଡ୍ ନିୟମ କଡାକଡି କରାଯାଇଛି।

ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ଏନ୍‌ଫୋର୍ସମେଣ୍ଟ ଲାଗି ଉପଜିଲାପାଳ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀଙ୍କ ଅଧୀନରେ ୩ଟି ଟିମ୍ ଗଠନ ହୋଇଛି। ବର୍ତ୍ତମାନ ସୁଦ୍ଧା ୨୭ଲକ୍ଷ ୯୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବୈଠକରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଏପିଡି ଶକ୍ତିକାନ୍ତ ରାୟଙ୍କ ସମେତ ସମସ୍ତ ବ୍ଲକ ବିଡିଓ ଓ ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଚନ୍ଦକାରେ ଛଡ଼ାଗଲା ୨୭ ଅଜଗର ଛୁଆ

**ଖୋର୍ଦ୍ଧା ଅଫିସ,୩।୭**



ଜଳାଶୟ ନିକଟରେ ଅଜଗର ଛୁଆ ଛଡାଯାଉଛି।

ଖୋର୍ଦ୍ଧା ବ୍ଲକ ଗଡ଼ନିଆଳ ଗ୍ରାମରୁ ଉଦ୍ଧାର ହୋଇଥିବା ଅଜଗର ଅଣ୍ଡାକୁ ଚନ୍ଦକା ବନଖଣ୍ଡ ହଳଦିଆ ରେଞ୍ଜରେ ସୁରକ୍ଷିତ ଭାବେ ରଖାଯାଇଥିଲା। ବୁଧବାର ୩୦ଅଣ୍ଡାରୁ ୩ଟି ନଷ୍ଟ ହୋଇଯାଇଥିବା ବେଳେ ୨୭ଟି ଫୁଟି ଛୁଆ ବାହାରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ପର୍ଯ୍ୟାୟକ୍ରମେ ହଳଦିଆ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା, ଫରେଷ୍ଟର ସୌମ୍ୟରଞ୍ଜନ ବେହୁରାଙ୍କ ସମେତ ସ୍ନେକ ହେଲ୍ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସାପଛୁଆଗୁଡ଼ିକୁ ଚନ୍ଦକା ଜଙ୍ଗଲରେ ଛାଡିଛନ୍ତି। ଏହି ରେଞ୍ଜ ଅନ୍ତର୍ଗତ ଧଡ଼ସ ଜଳାଶୟ ନିକଟରେ ୧୩ଟି ଛୁଆ ଛଡାଯାଇଥିବା ବେଳେ କାଲୁଚି ଜଳାଶୟ ନିକଟରେ ୧୪ଛୁଆଙ୍କୁ ଛଡାଯାଇଛି। ଚନ୍ଦକା ଡିଏଫଓ ରମାକାନ୍ତ ନାୟକ, ଏସିଏଫ ଗିରିଶ ଶତପଥୀ, ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ନେକ ହେଲ୍ପଲାଇନ ସଦସ୍ୟ ଲଳିତ ମୋହନ ପଣ୍ଡା ଅଜଗର ଛୁଆକୁ ଛଡାଯିବା ବେଳେ ଡ୍ରୋନ ସାହାଯ୍ୟରେ ସେମାନଙ୍କ ଗତିବିଧି ନିରୀକ୍ଷଣ କରିଥିଲେ। ଖାଦ୍ୟ ଅନ୍ୱେଷଣରେ ସହଜ, ମୟୂର ଓ ଅନ୍ୟ ବନ୍ୟଜନ୍ତୁର ଯେପରି ଶିକାର ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେଇ ଅଲଗା ଛଡାଯାଇଥିବା ସମ୍ପାଦକ ମଲ୍ଲିକ କହିଛନ୍ତି।

**୫୫ ଦିନର ଅଭିଯାନ ସଫଳ**

ମେ' ୫ରେ ଗଡନିଆଳ ଗ୍ରାମ ନିକଟ ଜଙ୍ଗଲର ଏକ ଗାତରେ ଅଜଗର ସାପକୁ ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ହଳଦିଆ ବନ୍ୟପ୍ରାଣୀ ଏବଂ ସ୍ନେକ ହେଲ୍ପଲାଇନ ଟିମ୍ ପହଞ୍ଚିଥିଲେ। ଅଣ୍ଡାଦାନର ସମୟ ହୋଇଥିବାରୁ ଅଜଗର ଏବଂ ଅଣ୍ଡାର ସୁରକ୍ଷା ଲାଗି ବ୍ୟବସ୍ଥା କରିଥିଲେ। ଅଜଗର ରହୁଥିବା ଚାରିପଟ ଅଞ୍ଚଳକୁ ବାରିକେଡ୍ ନିର୍ମାଣ ସହ ଜାଲ ଘେରାଯାଇଥିଲା। ଗ୍ରାମବାସୀ ଏବଂ ବନ କର୍ମଚାରୀ ୨୪ଘଣ୍ଟିଆ ସୁରକ୍ଷା ଦେଇଥିଲେ। ୧୮ଦିନ ପରେ ଅର୍ଥାତ୍ ୨୨ତାରିଖରେ ଅଜଗର ଛୁଆକୁ ଛାଡି ଜଙ୍ଗଲ ଭିତରକୁ ଯାଇଥିଲା। ୧୦ଘଣ୍ଟା ପରେ ସ୍ନେକ୍ ହେଲ୍ପଲାଇନ ଟିମ୍ ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଥିଲେ। ସେହି ସମୟରେ ବାତ୍ୟା ୟାସ ପ୍ରଭାବରେ ଝଡ଼ପବନ ହୋଇଥିଲା। ଅଣ୍ଡାର ସୁରକ୍ଷା ଦୃଷ୍ଟିରୁ ଏହାକୁ ଗଡନିଆଳ ଗ୍ରାମର ସ୍କୁଲ କୋଠରିରେ ରଖାଯାଇଥିଲା। ଦିନକ ପରେ ଅଣ୍ଡାଗୁଡିକୁ ମିନଚିନ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିଲା। ଜୁନ ୩୦ରେ ଅଣ୍ଡାରୁ ଛୁଆ ଫୁଟିଥିଲା। ଉଦ୍ଧାର ଅଣ୍ଡାରୁ ଛୁଆ ଫୁଟିବା ନେଇ ଚାଲେଞ୍ଜ ରହିଥିଲା। ସମସ୍ତଙ୍କ ସହଯୋଗରେ ୫୫ଦିନର ଏହି ଅଭିଯାନ ସଫଳ ହୋଇଛି ବୋଲି ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି। ଅଣ୍ଡାକୁ ସୁରକ୍ଷା ଦେଇ ଛୁଆ ବାହାର କରିବା ଏକ ପ୍ରଥମ ଘଟଣା। ଏହା ଏକ ଐତିହାସିକ ସଫଳତା ବୋଲି ସେ କହିଛନ୍ତି।

**ସମାଜ ପାଇଁ ଉଦାହରଣ ପାଲଟିଛି**

ଅଜଗର ଓ ଅଣ୍ଡାର ସୁରକ୍ଷା ଏବଂ ଛୁଆ ଫୁଟିବା ପରେ ଗଡନିଆଳ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଘଟଣା ଜଣାପଡିବା ପରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଗ୍ରାମବାସୀଙ୍କ ସହଯୋଗ ସମାଜକୁ ପ୍ରେରଣା ପ୍ରଦାନ କରିବ ବୋଲି ମଲ୍ଲିପୁର ସରପଞ୍ଚ ବିଜୟ ଦାସ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଭାଗୀରଥି



@ ରାଜେଶ



@ ବିଜୟଲକ୍ଷ୍ମୀ



@ ସୁଜିତ



@ ବୁଦ୍ଧନାଥ



@ ବିଶ୍ୱଜିତ୍

# ୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ





**ନିରାକାରପୁର,୩।୭(ଡି.ଏନ୍.ଏ.)**

**୨ ଗିରଫ: ୨୧ ଗ୍ରାମ ବ୍ରାଉନ୍‌ସୁଗାର, ବାଇକ୍ ଓ ଟଙ୍କା ଜବତ**

ଜଙ୍କିଆ ଥାନା ପୋଲିସ ୨ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଛଣଗିରି ପଞ୍ଚାୟତ ମାଳିସାହିର ସଞ୍ଜୟ ମହାପାତ୍ର(୩୩) ଓ ପାଇକସାହିର ପ୍ରଶାନ୍ତ ବୈଇରିଗଞ୍ଜନ(୪୨)। ଏମାନଙ୍କ ନିକଟରୁ ୨୧ଗ୍ରାମ ବ୍ରାଉନସୁଗାର, ୯୫୯୦ ଟଙ୍କା ଓ ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୬/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଛଣଗିରି ଛକରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବରପାଇ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲା। ତେବେ ପୂର୍ବରୁ ସଞ୍ଜୟ ବ୍ରାଉନସୁଗାର ମାମଲା (ନଂ.୯/୨୦)ରେ ଗିରଫ ହୋଇଥିଲେ। ସେହିପରି ପ୍ରଶାନ୍ତ ଏକ ମାମଲା(ନଂ.୧୧୨/୧୯)ରେ ଗିରଫ ହୋଇ ଜେଲ ଯାଇଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।